ISSN-0971-8397

# ଯୋଜନା

ମଇ ୨୦୧୭ ବିକାଶମୂଳକ ମାସିକ ପତ୍ରିକା ୨୨/- ଟଙ୍କା

## ଭିନ୍ନକ୍ଷମ

### ବିଶେଷ ପ୍ରବନ୍ଧ

ଜାତୀୟ ଶିକ୍ଷାନିତୀ ଫ୍ରେମୱର୍କ ୨୦୧୫ ଓ ଭିନ୍ନକ୍ଷମଙ୍କ ପାଇଁ ଶୈକ୍ଷିକ ସମ୍ଭାବନା

ଇନ୍ଦୁମତୀ ରାଓ

ଭିନ୍ନକ୍ଷମଙ୍କ ନିଯୁକ୍ତି ଓ କୌଶଳ ବିକାଶ

ଶାନ୍ତି ରାଘବନ

ଭିନ୍ନକ୍ଷମଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ

ପି. ସି. ଦାସ

ଭିନ୍ନକ୍ଷମଙ୍କ ସାମାଜିକ ସ୍ଥିତି

ଏସ. ଲିମାୟେ

### ଫୋକସ

ଭିନ୍ନକ୍ଷମଙ୍କ ମଙ୍ଗଳ ପାଇଁ ସୁଗମତା

ଶିବାନୀ ଗୁପ୍ତା



# ବିକାଶର ରୋଡ଼ ମ୍ୟାପ୍

**ଶହେ କୋଟି ଆଧାର :-** ୨୦୧୬ ମସିହା ଏପ୍ରିଲ ୪ ତାରିଖ ଦିନ, ଭାରତୀୟ ଏକକ ପରିଚୟପତ୍ର କର୍ତ୍ତୃପକ୍ଷଙ୍କଦ୍ୱାରା ଏକଶହ କୋଟିତମ ଆଧାର କାର୍ଡ ବା ନମ୍ବର ପ୍ରସ୍ତୁତ କରାଯାଇଛି । ପ୍ରଥମ ଆଧାର ନମ୍ବର ୨୦୧୦ ମସିହାରେ ପ୍ରସ୍ତୁତ ହୋଇଥିବାବେଳେ ଏହି ସଂଖ୍ୟା, ସାଢ଼େ ୫ ବର୍ଷ ମଧ୍ୟରେ ୧୦୦ କୋଟିକୁ ଛୁଇଁଛି । ସୂଚନାଯୋଗ୍ୟ ଯେ, ଏହାର କିଛିଦିନ ପୂର୍ବରୁ ହିଁ, କେନ୍ଦ୍ର ସରକାର ଐତିହାସିକ ଆଧାର ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଜାରି କରିଥିଲେ । ୧୮ ବର୍ଷରୁ ଉର୍ଦ୍ଧ୍ୱ ଦେଶରେ ୯୩ ପ୍ରତିଶତ ବ୍ୟକ୍ତିଙ୍କ ପାଇଁ ଆଧାର ପ୍ରସ୍ତୁତ ହୋଇସାରିଛି । ଆର୍ଥିକ ସ୍ଥିତିରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୯୦ ପ୍ରତିଶତ ବ୍ୟକ୍ତିଙ୍କ ପାଇଁ ଏବଂ ୧୩ଟି ଅନ୍ୟ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳରେ ୭୫-୯୦ ପ୍ରତିଶତ ବ୍ୟକ୍ତିଙ୍କ ପାଇଁ ଆଧାରକାର୍ଡ ତିଆରି ସରିଛି ।

**ଆଧାର ସମ୍ପର୍କିତ କେତେକ ତଥ୍ୟ :-**

୧୦୦ରୁ ଉର୍ଦ୍ଧ୍ୱ କୋଟି ବ୍ୟକ୍ତିଙ୍କ ପାଖରେ ଆଧାର ରହିଛି ।
ଏମାନଙ୍କ ମଧ୍ୟରୁ ୭୩.୯୬ କୋଟି (୯୩%) ପ୍ରାପ୍ତ ବୟସ୍କ ।
ଏମାନଙ୍କ ମଧ୍ୟରୁ ୨୨.୨୫ କୋଟି (୬୭%) ହେଉଛନ୍ତି ୫-୧୮ ବର୍ଷ ବୟସ୍କ ମଧ୍ୟରେ ।
ପ୍ରତ୍ୟେକ ଦିନ, ୫ରୁ ୭ ଲକ୍ଷ ବ୍ୟକ୍ତି ଆଧାର ପାଇଁ ପଞ୍ଜିକରଣ କରୁଛନ୍ତି ।
ଅନ୍‌ଲାଇନ୍ ଡିଜିଟାଲ ପ୍ଲାଟଫର୍ମ ଭାବରେ ଆଧାର ହେଉଛି ବିଶ୍ୱରେ ସର୍ବବୃହତ୍ ବ୍ୟବସ୍ଥା ।

**ଆଧାର ଫାଇଦା :-**

ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନା (ପହଲ୍) ଯୋଜନାରେ ୧୪,୬୭୨ କୋଟି ଟଙ୍କା ସଞ୍ଚୟ ହୋଇପାରିଛି । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପୁଡୁଚେରୀ ଓ ଦିଲ୍ଲୀ ଭଳି ୪ଟି ରାଜ୍ୟରେ ସାର୍ବଜନୀନ ବିତରଣ ପ୍ରଣାଳୀ ଅଧୀନରେ ୨୩୪୬ କୋଟି ଟଙ୍କା ସଞ୍ଚୟ ହୋଇଛି । ମେଧାବୃତ୍ତି ପ୍ରଦାନ କ୍ଷେତ୍ରରେ ତିନୋଟି ରାଜ୍ୟରେ ୨୭୬ କୋଟି ଟଙ୍କା ସଞ୍ଚୟ ହୋଇଛି । ଜାତୀୟ ସାମାଜିକ ସହାୟତା ଯୋଜନା ଅଧୀନରେ ପେନ୍‌ସନ୍ କ୍ଷେତ୍ରରେ ତିନୋଟି ରାଜ୍ୟରେ ୬୬ କୋଟି ଟଙ୍କା ସଞ୍ଚୟ କରାଯାଇଛି ।

**ଆଧାର ବ୍ୟବହାର :-**

୨୫.୪୮ କୋଟି ବ୍ୟାଙ୍କ ଆକାଉଣ୍ଟକୁ ଆଧାର ସଂଯୋଗୀକରଣ କରାଯାଇଛି । ୧୨.୨୮କୋଟି (୭୧%) ରନ୍ଧନ ଗ୍ୟାସ୍ କନେକ୍ସନକୁ ଆଧାର ସହିତ ଯୋଡ଼ାଯାଇଛି । ୧୧.୩୯ କୋଟି (୪୫%) ରେସନକାର୍ଡ ଓ ୫.୯୦କୋଟି ମନରେଗା ଜବ୍‌କାର୍ଡ ଆଧାର ସହ ଯୋଡ଼ାଯାଇଛି । ଆଧାର ପେମେଣ୍ଟ ବ୍ରିଜ୍ (APB) ଜରିଆରେ, ବ୍ୟାଙ୍କ ସମ୍ପର୍କିତ ସବିଶେଷ ତଥ୍ୟ ନଥାଇ ମଧ୍ୟ ହିତାଧିକାରୀଙ୍କୁ କେବଳ ଆଧାର ନମ୍ବର ଆଧାରରେ ଟଙ୍କା ପଠାଯାଇପାରିବ । ଗତ ଦୁଇବର୍ଷ ମଧ୍ୟରେ ଏହି ଯୋଜନାରେ ବିଶେଷ ଅଗ୍ରଗତି ଘଟିଛି । ୨୩କୋଟିରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏହି ଯୋଜନାର ସୁଫଳ ପାଉଛନ୍ତି । ଏହା ମାଧ୍ୟମରେ ୨୮,୩୬୩ କୋଟି ଟଙ୍କାର କାରବାର ହୋଇସାରିଛି । ସେହିଭଳି ଆଧାର ଆଧାରିତ ପଇଠ ବ୍ୟବସ୍ଥା (AEPS) ମାଧ୍ୟମରେ ମଧ୍ୟ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୧୦.୭୬କୋଟି ଟଙ୍କା କାରବାର କରାଯାଇଛି । ଏହାଦ୍ୱାରା କେବଳ ଏକ କ୍ଷୁଦ୍ର ଏଟିଏମ୍ ଜରିଆରେ, ଦୂରବର୍ତ୍ତୀ ଗ୍ରାମରେ ଥିବା କୌଣସି ବ୍ୟକ୍ତି (ଯେଉଁଠି କୌଣସି ବ୍ୟାଙ୍କ ଶାଖା ମଧ୍ୟନଥାଏ) ଅକ୍ଳେଶରେ ଅର୍ଥ ଜମା କରିପାରିବ ବା ଉଠାଇ ପାରିବ ।

ଭାରତ ସରକାର ବିଭିନ୍ନ ଯୋଜନାକୁ ଆଧାର ସହିତ ଯୋଡ଼ିବାକୁ ପଦକ୍ଷେପ ନେଇଛନ୍ତି । ଏହି ଯୋଜନା ଗୁଡ଼ିକ ମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ମନରେଗା, ପେନ୍‌ସନ୍, ମେଧାବୃତ୍ତି, ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନା, ସାର୍ବଜନୀନ ବିତରଣ ପ୍ରଣାଳୀ ଏବଂ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଉପସ୍ଥାନ ବ୍ୟବସ୍ଥା ଇତ୍ୟାଦି ।

# ଯୋଜନା

ତ୍ରୟୋବିଂଶ ବର୍ଷ : ଅଷ୍ଟମସଂଖ୍ୟା : ମଇ ୨୦୧୬

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ସଂପାଦକୀୟ | | ୪ |
| ୨. | ଜାତୀୟ ଶିକ୍ଷା ନିତୀ ଫ୍ରେମ୍ ୱର୍କ ୨୦୧୫ ଓ ଭିନ୍ନକ୍ଷମଙ୍କ ପାଇଁ ଶୈକ୍ଷିକ ସମ୍ଭାବନା | ଇନ୍ଦୁମତୀ ରାଓ | ୫ |
| ୩. | ଭିନ୍ନକ୍ଷମଙ୍କ ନିଯୁକ୍ତି ଓ କୌଶଳ ବିକାଶ | ଶାନ୍ତି ରାଘବନ | ୯ |
| ୪. | ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆର୍ଥିକ ଅନ୍ତର୍ଭୂକ୍ତୀକରଣ | ପି.ସି ଦାସ | ୧୨ |
| ୫. | ଭିନ୍ନକ୍ଷମଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଲୋଡ଼ା | ଡକ୍ଟର ସନ୍ଧ୍ୟା ଲିମାୟେ | ୧୬ |
| ୬. | ଭିନ୍ନକ୍ଷମଙ୍କ ମଙ୍ଗଳପାଇଁ ସୁଗମତା | ଶିବାନୀ ଗୁପ୍ତା | ୨୦ |
| ୭. | ସାମାଜିକ ସମାନତା ଓ ଅନ୍ତର୍ଭୁକ୍ତିକରଣ | ରଚନା ଖାରେ | ୨୩ |
| ୮. | ଦୃଷ୍ଟି ଦକ୍ଷତା ବୃଦ୍ଧିରେ ନୂଆ ଜ୍ଞାନକୌଶଳ | ଅମିତ ସିଂହ | ୨୯ |
| ୯. | ଭିନ୍ନକ୍ଷମଙ୍କ ପରିବହନ ସମସ୍ୟାର ସମାଧାନ | ଡ. ଦେବର୍ଶୀ ଚୌରାସିଆ | ୩୪ |
| ୧୦. | ଭାରତରେ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା | ଶଶୀ ରାନୀ | ୩୭ |
| ୧୧. | ଭିନ୍ନକ୍ଷମତା : ବୃତ୍ତିଧାରୀଙ୍କ ଅଭିବ୍ୟକ୍ତି | ଅନୁରିମା ଦେ | ୪୪ |
| ୧୨. | ନିମ୍ବ ପ୍ରଲେପିତ ୟୁରିଆ | ଡକ୍ଟର ଆଶିଷ କୁମାର ଦାଶ | ୪୭ |
| ୧୩. | ସାଂପ୍ରତିକୀ | | ୫୧ |
| ୧୪. | ଆପଣ ଜାଣନ୍ତି କି? | | ୫୩ |



ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଚ୍ଛଲ

ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା

ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା



*Editor*

**YOJANA (ODIA)**

C/O : Assistant Director, (News)

Regional News Unit,

All India Radio,

Cantonment Road,

Cuttack-753001

Phone : 9437073438

Website : www.publicationsdivision.nic.in

Email : odiayojana@gmail.com

Subscription & Business Queries :

pdjucir@yahoo.co.in

Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।



Unfiled Notes Page 3

ସମ୍ପାଦକୀୟ

# ପରାଭୂତ ପ୍ରତିବନ୍ଧକ

ଆଲବର୍ଟ ଆଇନଷ୍ଟାଇନଙ୍କର ଶିକ୍ଷା ଆହରଣ କ୍ଷେତ୍ରରେ କେତେକ ଦୁର୍ବଳତା ରହିଥିଲା । ତଥାପି ସେ ଆବିଷ୍କାର କରି ପାରିଥିଲେ 'ଆପେକ୍ଷିକ ତତ୍ତ୍ୱ' ଯାହା ଆଜି ବିଶ୍ୱକୁ ବୁଝିବା ପାଇଁ ଲୋକମାନଙ୍କୁ ଏକ ନୂତନ ଦିଗଦର୍ଶନ ଦେଇଛି । ସେହିଭଳି ଶ୍ରବଣ ଶକ୍ତିକୁ ନେଇ ଟୋମାସ ଆଲଭା ଏଡ଼ିସନଙ୍କ ଅସୁବିଧା ଥିବା ସତ୍ତ୍ୱେ ସେ ବିଜୁଳି ଶକ୍ତି ଉଦ୍ଭାବନ କରିପାରିଥିଲେ । ସେହି ବିଜୁଳି ଶକ୍ତି ଦ୍ୱାରା ଆଜି ଆମେ ଆଧୂନୀକ ପୃଥିବୀ ଗଠନ କରିପାରିଛୁ। ଲୁଇ ବ୍ରେଲଙ୍କ ଦୃଷ୍ଟି ଶକ୍ତି ବାଧିତ ହୋଇଥିଲା ,ତଥାପି ସେ ଦୃଷ୍ଟି ଶକ୍ତି ହୀନ ବ୍ୟକ୍ତିଙ୍କ ପଢିବା ପାଇଁ ବ୍ରେଲ ଲିପି ଉଦ୍ଭାବନ କଲେ। ଏହି ସବୁ ମହାନ ମନିଷୀମାନେ ପ୍ରମାଣିତ କରିଛନ୍ତି ଯେ ଭିନ୍ନକ୍ଷମତା ଭିତରେ ମଧ୍ୟ କ୍ଷମତା ନିହିତ ଥାଏ ।

ଦିନ ଥିଲା, ଯେତେବେଳେ ଶାରୀରିକ ଓ ମାନସିକ ଭିନ୍ନକ୍ଷମତାକୁ ସେହି ବ୍ୟକ୍ତି ପାଇଁ ଏବଂ ତାଙ୍କ ପରିବାର ପାଇଁ ଏକ ଅଭିଶାପ ବୋଲି ମନେ କରାଯାଉଥିଲା । ପୂର୍ବଜନ୍ମର ପାପ ପାଇଁ ଏହାକୁ ଈଶ୍ୱରଙ୍କ ଦଣ୍ଡବିଧାନ ଭାବେ ବିବେଚନା କରାଯାଉଥିଲା ତେବେ ଖୁସିର କଥା ଆଧୁନିକ ବିଜ୍ଞାନ ଏଭଳି ଅନ୍ଧବିଶ୍ୱାସ ଦୂର କରିପାରିଛି । ଭିନ୍ନକ୍ଷମତାକୁ ବର୍ତ୍ତମାନ ଆରୋଗ୍ୟ ଲାଭ ହୋଇପାରୁଥିବା ଏକ ଅବସ୍ଥା ବୋଲି ବିବେଚନା କରାଯାଉଛି । ସେମାନଙ୍କୁ ଆଉ ସମାଜର ଅଛୁଆଁ ବୋଲି କୁହାଯାଉନାହିଁ ବିଜ୍ଞାନ ଯୋଗୁଁ ଏମାନଙ୍କ ସହାୟତା ପାଇଁ ବିଭିନ୍ନ ଉପାୟ ଓ ଉପକରଣ ବାହାରିଛି । ବ୍ରେଲି ଏବଂ ଜୟପୁର ଫୁଟ ଏଭଳି ଦୁଇଟି ଉଦାହରଣ । ଏପରିକି ମାନସିକ ଅନଗ୍ରସର ବ୍ୟକ୍ତିମାନେ ମଧ୍ୟ ବିଜ୍ଞାନ ଦ୍ୱାରା ଉପକୃତ ହୋଇଛନ୍ତି ।

ପୂର୍ବ ଅପେକ୍ଷା ଭିନ୍ନକ୍ଷମମାନଙ୍କର ଶୈକ୍ଷିକ ଆବଶ୍ୟକତା ସଂପର୍କରେ ଅଧିକ ସଚେତନତା ସୃଷ୍ଟି ହୋଇଛି । ବାସ୍ତବିକ କେତେକଙ୍କ ଯୁକ୍ତିରେ,ଭିନ୍ନକ୍ଷମମାନେ ମଧ୍ୟ ଅନ୍ୟ ସାଧାରଣ ଛାତ୍ରଛାତ୍ରୀଙ୍କ ଭଳି ନିୟମିତ ବିଦ୍ୟାଳୟକୁ ଯିବା ଉଚିତ, ଯେଉଁଠି ଅନ୍ତର୍ନିବେଶୀ ପରିବେଶ ଥିବ । ଅବଶ୍ୟ ଏମାନଙ୍କର ସମାଜିକ ଓ ସାଂସ୍କୃତିକ ଅନ୍ତର୍ଭୁକ୍ତିକରଣ ଏବେ ମଧ୍ୟ ଏକ ସମସ୍ୟା ହୋଇ ରହିଛି। ତେବେ ଖୁବ ଶୀଘ୍ର ଏହାର ମଧ୍ୟ ସମାଧାନ ହୋଇଯିବ । ସମୟ ଆସିବ ,ଭିନ୍ନକ୍ଷମମାନଙ୍କୁ ସମାଜ ଓ ଦେଶର ଏକ ଅଭିନ୍ନ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଙ୍ଗ ଭାବେ ବିବେଚନା କରାଯିବ ।

ଦେଶ ଗଠନରେ ସହଭାଗୀ ହେବାକୁ ଭିନ୍ନକ୍ଷମମାନଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟ କରିଛି । ବର୍ତ୍ତମାନ ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ପ୍ରତିବନ୍ଧକ ଶୂନ୍ୟ ପରିବେଶ ସୃଷ୍ଟି ସକାଶେ ବିଭିନ୍ନ ସ୍ତରରେ ପ୍ରୟାସ ବଢିଛି ଓ ଜାରି ମଧ୍ୟ ରହିଛି । ସେମାନେ ଯେପରି ଏକ ସ୍ୱାଧିନ ,ସୁରକ୍ଷିତ ଓ ସମ୍ମାନଜନକ ଜୀବନ ଜିଇଁ ପାରିବେ ,ସେଥିପାଇଁ ଏକ ଅନ୍ତର୍ନିବେଶୀ ସମାଜ ଗଠନ ପାଇଁ ପ୍ରଚେଷ୍ଟା କରାଯାଇଛି । ସୁଗମ୍ୟ ଭାରତ ଅଭିଯାନ ହେଉଛି ସରକାରଙ୍କ ଏହିଭଳି ଏକ ପ୍ରଚେଷ୍ଟା ।

ନିକଟ ଅତୀତରେ ନିଯୁକ୍ତିଦାତାମାନେ ଅଧିକରୁ ଅଧିକ ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛନ୍ତି । ଏହାଦ୍ୱାରା ସେମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ଭବ ହୋଇପାରୁଛି । ସେମାନଙ୍କ କୌଶଳ ବିକାଶ ପାଇଁ ସୃଷ୍ଟି ହୋଇଥିବା ସୁଯୋଗ ଯୋଗୁଁ ଭିନ୍ନକ୍ଷମ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି ଓ ନିଯୁକ୍ତିଦାତାଙ୍କ ବିଶ୍ୱାସ ଦୃଢୀଭୂତ ହୋଇଛି । ସରକାରଙ୍କ ତରଫରୁ ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ଜୀବନ ଜୀବିକା ପାଇଁ ମେଧାବୃତ୍ତି ଓ ଋଣ ଆଦି ପ୍ରଦାନ କରାଯାଇଛି । ସରକାରୀ ଚାକିରି , ଉଦ୍ୟୋଗ ଜଗତ, ମନୋରଞ୍ଜନ କ୍ଷେତ୍ର, କ୍ରୀଡ଼ା ଏହିଭଳି ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ଅଂଶ ଗ୍ରହଣ ବୃଦ୍ଧି ପାଇଛି ।

ସ୍ଥାନ,କାଳ,ପାତ୍ର ,ବୟସ , ଲିଙ୍ଗ ଓ ଭିନ୍ନକ୍ଷମତା - ଏସବୁ ସତ୍ତ୍ୱେ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଏକ ଉଦ୍ଦେଶ୍ୟ ଓ ମୂଲ୍ୟ ରହିଛି । ଆମକୁ ମନେ ରଖିବାକୁ ହେବ ଯେ ଭିନ୍ନକ୍ଷମମାନେ ହିଁ ହେଉଛନ୍ତି ଆମ ପାଇଁ ସର୍ବାଧିକ ପ୍ରେରଣାର ଉତ୍ସ । ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦିଆଗଲେ ସେମାନେ ମଧ୍ୟ କେତେକ କ୍ଷେତ୍ରରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ମଧ୍ୟ ନିଜକୁ ଅଧିକ ସବଳ ଓ ସମର୍ଥ ଭାବେ ପ୍ରମାଣିତ କରିପାରିବେ । ଏହିଭଳି ମନୋବୃତ୍ତି ନେଇ ଆଗକୁ ବଢିଲେ ଆମେ ଏକ ସମାଜିକ ପରିବର୍ତ୍ତନର ଅଶୀଂଦାର ହୋଇପାରିବା



Unfiled Notes Page 4

# ଜାତୀୟ ଶିକ୍ଷା ନିତୀ ଫ୍ରେମ୍ ଓ୍ୱର୍କ ୨୦୧୫ ଓ ଭିନ୍ନକ୍ଷମଙ୍କ ପାଇଁ ଶୈକ୍ଷିକ ସମ୍ଭାବନା

ଇନ୍ଦୁମତୀ ରାଓ

> **୨୦୧୧ ଜନଗଣନା ତଥ୍ୟ ଏବଂ ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ପଢୁଥିବା ଭିନ୍ନକ୍ଷମଙ୍କ ସଂଖ୍ୟାକୁ ଆଧାର କଲେ ଜଣାପଡେ ଯେ ଭିନ୍ନକ୍ଷମଙ୍କ ବିଶେଷ ଆବଶ୍ୟକତା ସନ୍ନିବିଷ୍ଟ ଶୈକ୍ଷିକ ଅଧିକାର ପୂରଣ ପାଇଁ ଭାରତକୁ ଆହୁରୀ ଅନେକ ଦୂରତା ଅତିକ୍ରାନ୍ତ କରିବାକୁ ପଡିବ । ପୁନଶ୍ଚ ଠାରୁ ୬ ବର୍ଷ ବୟସ୍କ ଙ୍କ ମଧ୍ୟରେ ଥିବା ଭିନ୍ନକ୍ଷମ ଶିଶୁ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ଭିନ୍ନକ୍ଷମଙ୍କ ବାବଦରେ କୌଣସି ବିଧିବଦ୍ଧ ତଥ୍ୟ ନାହିଁ ତେଣୁ ଏ ମାନଙ୍କ ପାଇଁ ଯୋଜନା ପ୍ରଣୟନ କ୍ଷେତ୍ରରେ ଏଭଳି ତଥ୍ୟ ର ଅଭାବ ଏକ ବୃହତ୍ ଅନ୍ତରାୟ ନିଶ୍ଚୟ ।**

**୨**୦୦୧ରୁ ୨୦୧୧ ମଧ୍ୟରେ ଦେଶରେ ଭିନ୍ନକ୍ଷମଙ୍କ ସଂଖ୍ୟାରେ ୨୨.୪ ପ୍ରତିଶତ ବୃଦ୍ଧି ଘଟିଛି । ୨୦୦୧ରେ ଏମାନଙ୍କ ସଂଖ୍ୟା ୨.୧୯ କୋଟି ଥିବାବେଳେ ୨୦୧୧ ମସିହାରେ ତାହା ବୃଦ୍ଧି ପାଇ ୨.୬୮ କୋଟି ହୋଇଥିଲା । ଏମାନଙ୍କ ମଧ୍ୟରେ ୧.୫ କୋଟି ପୁରୁଷ ଓ ୧.୧୮ କୋଟି ମହିଳା । ତେବେ ଗ୍ରାମାଞ୍ଚଳ ଅପେକ୍ଷା ସହରାଂଞ୍ଚଳରେ ଭିନ୍ନକ୍ଷମଙ୍କ ସଂଖ୍ୟାରେ ଅଧିକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ପୁନଶ୍ଚ ଏମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା । ଗତ ଦଶନ୍ଧୀ ମଧ୍ୟରେ ସହରାଞ୍ଚଳରେ ଏମାନଙ୍କ ଅଭିବୃଦ୍ଧି ୪୮.୨ ପ୍ରତିଶତ ହୋଇଥିବାବେଳେ ସହରୀ ମହିଳାଙ୍କ କ୍ଷେତ୍ରରେ ଏହା ୫୫ ପ୍ରତିଶତ ରହିଥିଲା । ଅନୁସୂଚୀତ ଜାତି କ୍ଷେତ୍ରରେ ଏହା ୨.୪୫ ପ୍ରତିଶତ ରହିଥିଲା (ଜନଗଣନା-୨୦୧୧)

୨୦୧୧ ଜନଗଣନା ତଥ୍ୟ ଏବଂ ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ପଢୁଥିବା ଭିନ୍ନକ୍ଷମଙ୍କ ସଂଖ୍ୟାକୁ ଆଧାର କଲେ ଜଣାପଡେ ଯେ ଭିନ୍ନକ୍ଷମଙ୍କ ବିଶେଷ ଆବଶ୍ୟକତା ସନ୍ନିବିଷ୍ଟ ଶୈକ୍ଷିକ ଅଧିକାର ପୁରଣ ପାଇଁ ଭାରତକୁ ଆହୁରି ଅନେକ ଦୂରତା ଅତିକ୍ରାନ୍ତ କରିବାକୁ ପଡିବ । ପୁନଶ୍ଚ ୦ ଠାରୁ ୬ ବର୍ଷ ବୟସ୍କଙ୍କ ମଧ୍ୟରେ ଥିବା ଭିନ୍ନକ୍ଷମ ଶିଶୁ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ଭିନ୍ନକ୍ଷମଙ୍କ ବାବଦରେ କୌଣସି ବିଧିବଦ୍ଧ ତଥ୍ୟ ନାହିଁ । ତେଣୁ ଏ ମାନଙ୍କ ପାଇଁ ଯୋଜନା ପ୍ରଣୟନ କ୍ଷେତ୍ରରେ ଏଭଳି ତଥ୍ୟର ଅଭାବ ଏକ ବୃହତ୍ ଅନ୍ତରାୟ ନିଶ୍ଚୟ ।

୧. ଏକିକୃତ ଜିଲ୍ଲା ଶିକ୍ଷା ସୂଚନା ବ୍ୟବସ୍ଥା -୨୦୧୩-୧୪ ଅନୁଯାୟୀ ସର୍ବଶିକ୍ଷା ଅଭିଯାନରେ ୧୦.୭୧ ଲକ୍ଷ ଭିନ୍ନକ୍ଷମ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।

୨. ମାଧ୍ୟମିକ ବିଦ୍ୟାଳୟରେ ଭିନ୍ନକ୍ଷମଙ୍କ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଯୋଜନାରେ ପ୍ରାୟ ୨ ଲକ୍ଷ ଭିନ୍ନକ୍ଷମମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।

୩. ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ରିପୋର୍ଟ ଅନୁଯାୟୀ ୯୭୭ଟି ବିଶେଷ ବିଦ୍ୟାଳୟରେ ପ୍ରାୟ ଏକ ଲକ୍ଷ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଛି ।

ଜନଗଣନା ତଥ୍ୟ ଅନୁଯାୟୀ ୦- ୨୯ ବର୍ଷ ବୟସ ମଧ୍ୟରେ ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତି ଯେଉଁମାନେ ଶିକ୍ଷା ପ୍ରାପ୍ତି କରିବା ଉଚିତ୍ ସେଇମାନଙ୍କ ସଂଖ୍ୟା ହେଉଛି ୧.୨୩କୋଟି । ଏମାନଙ୍କ ମଧ୍ୟରୁ ୫୩.୪ ଲକ୍ଷ ହେଉଛନ୍ତି ବାଳିକା ଓ ମହିଳା ।

ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାଥମିକ, ମାଧ୍ୟମିକ ଓ ବିଶେଷ ବିଦ୍ୟାଳୟ ଗୁଡିକରେ ଅତିକମ୍‌ରେ ୨୦ ଲକ୍ଷ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ତେବେ ବିଶେଷ ଆବଶ୍ୟକତା ଥିବା ଏପରି ବହୁ ଅପହଞ୍ଚ ଭିନ୍ନକ୍ଷମଙ୍କ ଶିକ୍ଷାଗତ ଆବଶ୍ୟକତା ପୁରଣ କରିବା ଏକ ଆହ୍ୱାନ ନିଶ୍ଚୟ ।

ସମସ୍ତ ଶିଶୁଙ୍କ ପାଇଁ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ସକାଶେ ଦେଶର

ସମ୍ବିଧାନରେ ବ୍ୟବସ୍ଥା ରହିଛି । ପୁନଶ୍ଚ ୨୦୦୫ ମସିହାରେ ଶିକ୍ଷା ଅଧିକାର ଆଇନ୍ ପ୍ରଣୟନ ହୋଇଛି । ଏହା ସତ୍ତ୍ୱେ, ଆମେ ଆମ ଭିନ୍ନକ୍ଷମଙ୍କ ସଂଖ୍ୟାର ମାତ୍ର ୨୦ ପ୍ରତିଶତ ବ୍ୟକ୍ତିଙ୍କୁ ମଧ୍ୟ ଶିକ୍ଷାଦାନ କରିପାରିନାହୁଁ । ଭିନ୍ନକ୍ଷମଙ୍କୁ ନେଇ ଭାରତ ବହୁ ଆନ୍ତର୍ଜାତୀୟ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛି । ଭିନ୍ନକ୍ଷମଙ୍କ ଅଧିକାର ସଂପର୍କିତ ମିଳିତ ଜାତିସଂଘ କନ୍‌ଭେନ୍‌ସନ୍‌କୁ ଭାରତ ୨୦୦୬ ମସିହାରେ ଅନୁମୋଦନ ମଧ୍ୟ କରିଛି । ଏହାର ଧାରା ୨୪ରେ ଭିନ୍ନକ୍ଷମଙ୍କ ଶିକ୍ଷା ବାବଦରେ ଦୁଇଟି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଛି :-

ଅନ୍ୟମାନଙ୍କ ସହ ସମାନତା ଭିତ୍ତିରେ ଭିନ୍ନକ୍ଷମ ଶିଶୁ ଓ ଯୁବ ଗୋଷ୍ଠୀଙ୍କୁ ଶିକ୍ଷାଦାନ ବ୍ୟବସ୍ଥା କରିବା ଏବଂ ବ୍ୟବସ୍ଥା ଗତ ଅନ୍ତର୍ଭୁକ୍ତିକରଣ ଜରିଆରେ ଏମାନଙ୍କୁ ଶିକ୍ଷାଦାନ କରିବା ।

ବିନା ପକ୍ଷପାତରେ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାଦାନ କରିବା ପାଇଁ ଭାରତ ବଦ୍ଧପରିକର । ତଥାପି ଭିନ୍ନକ୍ଷମଙ୍କ କ୍ଷେତ୍ରରେ ଦେଶର ଏଭଳି ନିରାଶାଜନକ ପ୍ରଦର୍ଶନ ପଛରେ ବହୁବିଧ କାରଣ ରହିଛି । ଏ ଦିଗରେ କେବଳ ଅଂଗିକାରବୋଧ ଯଥେଷ୍ଟ ନୁହଁ । ବିଶେଷ ଭାବେ ମହିଳା ଭିନ୍ନକ୍ଷମଙ୍କ ପାଇଁ ଏବଂ ଅନ୍ୟ ଭିନ୍ନକ୍ଷମଙ୍କ ପାଇଁ ମଧ୍ୟ ଏକ ଅନୁକୂଳ ବାତାବରଣ ସୃଷ୍ଟି କରି ଶିକ୍ଷାଦାନ କରିବା ବାଂଛନୀୟ । ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଉପରେ ସ୍ୱଷ୍ଟ ଭାବରେ ବିଚାର ରହିବା ଉଚିତ ଏବଂ ଏହି ଚିନ୍ତାଧାରା ଆମର ପ୍ରତ୍ୟେକ ଭିଜନ୍, ମିଶନ୍ ଆଇନ ଓ ନୀତିରେ ସମାହିତ ହେବା ଉଚିତ୍ । ସେହିଭଳି କାର୍ଯ୍ୟଯୋଜନା , ଆଇନଗତ ବ୍ୟବସ୍ଥା ଓ ସମ୍ବଳ ଆବଣ୍ଟନ ମଧ୍ୟ ହେବା ଉଚିତ୍ । ଅତୀତରେ ଆମେ ଦେଖିଛୁ ଯେ ଆମ ଶିକ୍ଷା ବ୍ୟବସ୍ଥାରେ ଭିନ୍ନକ୍ଷମଙ୍କ ପାଇଁ ବିଶେଷ କିଛି ବ୍ୟବସ୍ଥା ନଥିଲା । ଅନ୍ତର୍ଭୁକ୍ତିକରଣର ଘୋର ଅଭାବ ଥିଲା ।


> **ବିନା ପକ୍ଷପାତରେ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାଦାନ କରିବା ପାଇଁ ଭାରତ ବଦ୍ଧପରିକର । ତଥାପି ଭିନ୍ନକ୍ଷମଙ୍କ କ୍ଷେତ୍ରରେ ଦେଶର ଏଭଳି ନିରାଶାଜନକ ପ୍ରଦର୍ଶନ ପଛରେ ବହୁବିଧ କାରଣ ରହିଛି । ଏ ଦିଗରେ କେବଳ ଅଂଗିକାର ବୋଧ ଯଥେଷ୍ଟ ନୁହଁ । ବିଶେଷ ଭାବେ ମହିଳା ଭିନ୍ନକ୍ଷମଙ୍କ ପାଇଁ ଏବଂ ଅନ୍ୟ ଭିନ୍ନକ୍ଷମଙ୍କ ପାଇଁ ମଧ୍ୟ ଏକ ଅନୁକୂଳ ବାତାବରଣ ସୃଷ୍ଟି କରି ଶିକ୍ଷାଦାନ କରିବା ବାଂଛନୀୟ । ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଉପରେ ସ୍ୱଷ୍ଟ ଭାବରେ ବିଚାର ରହିବା ଉଚିତ ଏବଂ ଏହି ଚିନ୍ତାଧାରା ଆମର ପ୍ରତ୍ୟେକ ଭିଜନ୍, ମିଶନ୍, ଆଇନ ଓ ନୀତିରେ ସମାହିତ ହେବା ଉଚିତ୍ । ସେହିଭଳି କାର୍ଯ୍ୟଯୋଜନା ଆଇନଗତ ବ୍ୟବସ୍ଥା ଓ ସମ୍ବଳ ଆବଣ୍ଟନ ମଧ୍ୟ ହେବା ଉଚିତ୍ ।**


**ଜାତୀୟ ଶିକ୍ଷାନିତୀ-୨୦୧୫:** ରାଜନୈତିକ ଇଚ୍ଛାଶକ୍ତି ଓ ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବାକୁ ଶିକ୍ଷାନିତୀ ହେଉଛି ଏକ ମାର୍ଗ । ଜାତୀୟ ଶିକ୍ଷାନିତୀ ୨୦୧୫ରେ ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣକୁ ଗୁରୁତ୍ୱ ଦିଆଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ବିଶେଷ ଆବଶ୍ୟକତା ଥିବା ଭିନ୍ନକ୍ଷମମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା । ତେବେ ଏ ଦିଗରେ ଥିବା କେତେକ ଅନ୍ତରାୟ ହେଉଛି –

୧ - ଭିନ୍ନକ୍ଷମମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ନକରି ସମସ୍ତଙ୍କ ପାଇଁ ଶିକ୍ଷା ନିତୀ କାର୍ଯ୍ୟକାରୀ ହୋଇପାରିବ ନାହିଁ

୨-ସମସ୍ତଙ୍କ ପାଇଁ ଶିକ୍ଷାନିତୀ ରୂପାୟନର ପ୍ରଗତି ଆକଳନରେ ଭିନ୍ନକ୍ଷମଙ୍କ ଶିକ୍ଷା ପ୍ରତି କୌଣସି ଗୁରୁତ୍ୱ ଦିଆଯାଇନାହିଁ ।

୩-ଯୋଜନା ପ୍ରଣୟନ, ପ୍ରଶାସନ, ନିରକ୍ଷଣ ଏବଂ କାର୍ଯ୍ୟକାରୀ କରିବାବେଳେ ଭିନ୍ନକ୍ଷମଙ୍କ ଶିକ୍ଷା କ୍ଷେତ୍ରରେ ଥିବା ବ୍ୟବସ୍ଥାଗତ ପ୍ରତିବନ୍ଧକ ଦୂର କରିବାରେ ପ୍ରୟାସ କରାଯାଇନାହିଁ ।

୪- ଅନୁସୂଚୀତ ଜାତି, ଜନଜାତି, ସଂଖ୍ୟା ଲଘୁ ଓ ବାଳିକାମାନଙ୍କ ଭିନ୍ନକ୍ଷମତା ପୃଷ୍ଠଭୂମିରେ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଥିବା ଅଭାବ ଅସୁବିଧାର ଚିହ୍ନଟିକରଣ ହୋଇନାହିଁ ।

୫-ଭିନ୍ନକ୍ଷମ ବିଷୟ ରାଜ୍ୟସୂଚୀରେ ଥିବାବେଳେ ଶିକ୍ଷା ରହିଛି ଯୁଗ୍ମ ସୂଚୀରେ । ଏଥିଯୋଗୁଁ ବିଭିନ୍ନ ରାଜ୍ୟରେ ଭିନ୍ନକ୍ଷମଙ୍କ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ପ୍ରୟାସରେ ବ୍ୟବଧାନ ରହିଛି ।

୬-ଭିନ୍ନକ୍ଷମଙ୍କ ଶିକ୍ଷା ବିଷୟ ଦୁଇଟି ମନ୍ତ୍ରଣାଳୟ ଅଧିନରେ ରହିଛି । ଶୈକ୍ଷିକ ଅନ୍ତର୍ଭୁକ୍ତକରଣ, ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧିନରେ ଥିବାବେଳେ ସ୍ୱତନ୍ତ୍ର ଶିକ୍ଷା ବିଷୟ ରହିଛି ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧିନରେ । ଏଥି ଯୋଗୁଁ ଭିନ୍ନକ୍ଷମଙ୍କ ଶିକ୍ଷା କ୍ଷେତ୍ରରେ ବିସଂଗତି ଦେଖାଦେଇଥାଏ । ଅନ୍ୟ ପକ୍ଷରେ ଶୈଶବ ଅବସ୍ଥାରେ ଭିନ୍ନକ୍ଷମଙ୍କ ଚିହ୍ନଟିକରଣ

**ଯୋଜନା ପ୍ରଣୟନ ପାଇଁ ଆମ ଦେଶରେ ଭିନ୍ନକ୍ଷମଙ୍କ ଏକ ଡାଟା ବେସ୍ ନାହିଁ। ୨୦୦୧ ଜନଗଣନା ଅନୁଯାୟୀ ଦେଶରେ ଭିନ୍ନକ୍ଷମଙ୍କ ମଧ୍ୟରୁ ୭୫ ପ୍ରତିଶତ ଗ୍ରାମାଞ୍ଚଳର ହୋଇଥିବାବେଳେ ୨୫ ପ୍ରତିଶତ ହେଉଛନ୍ତି ସହରାଞ୍ଚଳର । ଦେଶର ଜନସଂଖ୍ୟାର ୨.୧୩ ପ୍ରତିଶତ ବ୍ୟକ୍ତିଙ୍କ ଠାରେ କୌଣସି ନା କୌଣସି ପ୍ରକାରର ଭିନ୍ନକ୍ଷମତା ରହିଛି । ଭିନ୍ନକ୍ଷମଙ୍କ ଉପସ୍ଥିତି ସହାରାଞ୍ଚଳ (୧.୯୩%)ଅପେକ୍ଷା ଗ୍ରାମାଞ୍ଚଳ(୨.୨୧%) ରେ ଅଧିକ । ସେହପରି ମହିଳାଙ୍କ ଅପେକ୍ଷା (୧.୮୭%)ପୁରୁଷଙ୍କଠାରେ (୨.୩୭%) ଏହା ଅଧିକା**

ହେଉନଥିବାରୁ ସେମାନଙ୍କ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣ ଫଳପ୍ରଦ ହୋଇପାରୁନାହିଁ। ଏପରିକି ସମ୍ମନ୍ୱିତ ଶିଶୁ ବିକାଶ ଯୋଜନା ବା ଆଇ ସି ଡି ଏସ୍ ରେ ମଧ୍ୟ ଏଥି ପ୍ରତି ଧ୍ୟାନ ଦିଆଯାଇନାହିଁ ।

୭- ସମସ୍ତ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣ ହେଉଛି ଏକ ପ୍ରବେଶ ଦ୍ୱାର । ତେବେ ଭିନ୍ନକ୍ଷମଙ୍କ ପାଇଁ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣ ପ୍ରୟାସକୁ କେବଳ ଏକ ଅତିରିକ୍ତ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଇଛି ।

୮- ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ଅନୁଯାୟୀ ମହିଳା ଓ ବାଳିକା ଭନ୍ନକ୍ଷମଙ୍କ ସକାଶେ ଥଇଥାନ କାର୍ଯ୍ୟକ୍ରମ ହେବ ଉଚିତ୍।

ଯୋଜନା ପ୍ରଣୟନ ପାଇଁ ଆମ ଦେଶରେ ଭିନ୍ନକ୍ଷମଙ୍କ ଏକ ଡାଟା ବେସ୍ ନାହିଁ ।

୨୦୦୧ ଜନଗଣନା ଅନୁଯାୟୀ ଦେଶରେ ଭିନ୍ନକ୍ଷମଙ୍କ ମଧ୍ୟରୁ ୭୫ ପ୍ରତିଶତ ଗ୍ରାମାଞ୍ଚଳର ହୋଇଥିବାବେଳେ ୨୫ ପ୍ରତିଶତ ହେଉଛନ୍ତି ସହରାଞ୍ଚଳର । ଦେଶର ଜନସଂଖ୍ୟାର ୨.୧୩ ପ୍ରତିଶତ ବ୍ୟକ୍ତିଙ୍କ ଠାରେ କୌଣସି ନା କୌଣସି ପ୍ରକାରର ଭିନ୍ନକ୍ଷମତା ରହିଛି । ଭିନ୍ନକ୍ଷମଙ୍କ ଉପସ୍ଥିତି ସହାରାଞ୍ଚଳ (୧.୯୩%)ଅପେକ୍ଷା ଗ୍ରାମାଞ୍ଚଳ(୨.୨୧%)ରେ ଅଧିକ । ସେହପରି ମହିଳାଙ୍କ ଅପେକ୍ଷା (୧.୮୭%)ପୁରୁଷଙ୍କଠାରେ (୨.୩୭%) ଏହା ଅଧିକ । ସାଧାରଣ ବର୍ଗଙ୍କ ତୁଳନାରେ ଅନୁସୂଚୀତ ଜାତି ବର୍ଗରେ ଅଧିକ ଭିନ୍ନକ୍ଷମ (୨.୨୩%)ଥିବାବେଳେ ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ଏହି ହାର ହେଉଛି ୧.୯୨ ପ୍ରତିଶତ । ପୁନଶ୍ଚ ଦଶବର୍ଷ ମଧ୍ୟରେ ଏମାନଙ୍କ ସଂଖ୍ୟାରେ ଅଳ୍ପ କିଛି ବୃଦ୍ଧି ଘଟିଛି। ୨୦୦୧ ରେ ଭିନ୍ନକ୍ଷମଙ୍କ ସଂଖ୍ୟା ୨୧.୯ ନିୟୁତ ଥିବାବେଳେ ୨୦୧୧ରେ ତାହା ୨୬.୮ ନିୟୁତକୁ ବୃଦ୍ଧି ପାଇଛି । ଅର୍ଥାତ ୨.୧୩ ପ୍ରତିଶତରୁ ୨.୨୧ ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶରେ ୧୪.୯ ନିୟୁତ ପୁରୁଷ ଭିନ୍ନକ୍ଷମ ଥିବାବେଳେ ୧୧.୮ ନିୟୁତ ମହିଳା ଭିନ୍ନକ୍ଷମ ଅଛନ୍ତି । ଏମାନଙ୍କ ମଧ୍ୟରୁ ୧୮ ନିୟୁତ ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ମାତ୍ର ୮.୧ ନିୟୁତ ସହରାଂଚଳରେ ବସବାସ କରୁଛନ୍ତି । ପ୍ରତିଶତ ହିସାବରେ ୨.୪୧ ପ୍ରତିଶତ ପୁରୁଷ ଓ ୨.୦୧ ପ୍ରତିଶତ ମହିଳାଙ୍କ ଠାରେ ଭିନ୍ନକ୍ଷମତା ରହିଛି । ଗ୍ରାମାଂଚଳ ଭିନ୍ନକ୍ଷମଙ୍କ ପାଇଁ କୌଣସି ତାଲିମ୍ ଦେବାର ସୁବିଧା ନାହିଁ । ୫୧ ପ୍ରତିଶତ ଭିନ୍ନକ୍ଷମ ହେଉଛନ୍ତି ନିରକ୍ଷର । ୨୬ପ୍ରତିଶତ ଭିନ୍ନକ୍ଷମ ପ୍ରାଥମିକ ଶିକ୍ଷା ଏବଂ ୧୯ପ୍ରତିଶତ ମାଧ୍ୟମିକ ଶିକ୍ଷା ସ୍ତର ପର୍ଯ୍ୟନ୍ତ ଯାଇଥାନ୍ତି । ଏହିସବୁ ତଥ୍ୟ କିନ୍ତୁ ସଂପୂର୍ଣ୍ଣ ସତ୍ୟ ପ୍ରକାଶ କରନ୍ତି ନାହିଁ । କାରଣ ଜନଗଣନା ଭଳି ଏକ ବୃହତ୍ କାର୍ଯ୍ୟକ୍ରମ ଅଧିନରେ ଭିନ୍ନକ୍ଷମ ଚିହ୍ନଟିକରଣ ଏବଂ ସେମାନଙ୍କ ସଂପର୍କିତ ତଥ୍ୟ ଆହରଣ ଆଦି କାର୍ଯ୍ୟ ବହୁକଠିନ । ବିଶେଷ ଭାବେ ମାନସିକ ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କ ଚିହ୍ନଟିକରଣ ଆହୁରୀ କଠିନ । କେବଳ ପ୍ରଶିକ୍ଷିତ ଗଣକ ମାନେ ହିଁ ଏହି କାର୍ଯ୍ୟ କରିପାରନ୍ତି । ଭାରତରେ ଭିନ୍ନକ୍ଷମମାନଙ୍କ ସଶକ୍ତ ଅନ୍ତର୍ଭୂକ୍ତିକରଣ ପାଇଁ ଆବଶ୍ୟକ ସେମାନଙ୍କ ସଂପର୍କିତ ବିସ୍ତୃତ ତଥ୍ୟ । ତେବେ ଏଭଳି ତଥ୍ୟ ହାସଲ ସକାଶେ ସୁଚିନ୍ତିତ ସର୍ବେକ୍ଷଣ ଉପାୟ ସ୍ଥିର କରିବା ମଧ୍ୟ ଆବଶ୍ୟକ । ଭିନ୍ନକ୍ଷମତା ବ୍ୟତିରେକ ଭିନ୍ନକ୍ଷମଙ୍କ ସାମାଜିକ, ଆର୍ଥିକ, ଶୈକ୍ଷିକ, ନିଯୁକ୍ତିଗତ ସ୍ଥିତି ଓ ପ୍ରତ୍ୟେକଙ୍କର ବିଶେଷ ଆବଶ୍ୟକତା ଆଦି ତଥ୍ୟ ସଂଗ୍ରହ କରାଯାଇ ପାରିଲେ ସେମାନଙ୍କ ସଶକ୍ତ ଅନ୍ତର୍ଭୂକ୍ତିକରଣ ହୋଇପାରିବ । ପୁନଶ୍ଚ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କ ପରିବାର ଠାରୁ ବିଚ୍ଛେଦ ନକରି ମଧ୍ୟ ଉଚିତ୍ ଯୋଜନା ପ୍ରଣୟନ କରାଯାଇପାରିବ । ଗୋଷ୍ଠୀ କିମ୍ବା ବିଦ୍ୟାଳୟ ଓ ଅଙ୍ଗନୱାଡି ସ୍ତରରେ ଭିନ୍ନକ୍ଷମତା ଥିବା ବ୍ୟକ୍ତି ଓ ଶିଶୁମାନଙ୍କ ପଞ୍ଜିକରଣ ବାଧ୍ୟତାମୂଳକ ହେବା ଉଚିତ୍ । ଏସବୁ ସ୍ତରରେ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆଧାରକାର୍ଡ ରେସନକାର୍ଡ ସହିତ ଏକ ଅତିରିକ୍ତ କାର୍ଡ ପ୍ରଦାନ କରାଯିବା ଉଚିତ୍ । ଏଭଳି ତଥ୍ୟ ଭିତ୍ତିକ ଡିଜିଟାଇଜଡ୍ ପଞ୍ଜିକରଣ ପରେ ସେମାନଙ୍କୁ କାଗଜ ଅଧାରିତ ପରିଚୟ ପତ୍ର ବଦଳରେ ସ୍ମାର୍ଟ ପରିଚୟ ପତ୍ର ପ୍ରଦାନକରାଯିବା ଉଚିତ୍ । ଭିନ୍ନକ୍ଷମଙ୍କ ଉପଯୁକ୍ତ ଅନ୍ତର୍ଭୂକ୍ତିକରଣ ପଥରେ ଥିବା ଅନ୍ୟ କେତେକ ଅନ୍ତରାୟ

ହେଉଛି :-

୧-ଆମ ଶିକ୍ଷା ବ୍ୟବସ୍ଥା ପାଇଁ ଭିନ୍ନକ୍ଷମତା ଥିବା ବିଦ୍ୟାର୍ଥୀ ଅଦୃଶ୍ୟ ରହନ୍ତି ।

୨-ସେମାନଙ୍କ ପରିବାରକୁ କୌଣସି ସହାୟତା ଦିଆଯାଏ ନାହିଁ ।

୩-ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ସକାଶେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପ୍ରଶିକ୍ଷିତ ନୁହଁନ୍ତି ।

୪-ଶିକ୍ଷାର ଗୁଣାତ୍ମକ ମାନରେ ହ୍ରାସ ।

୫-ଅଭିଭାବକ, ଶିକ୍ଷକ, ପ୍ରଶାସକ ଓ ନିତୀ ପ୍ରଣୟନକାରୀଙ୍କ ପାଖରେ ଭିନ୍ନକ୍ଷମଙ୍କ ବିଭିନ୍ନ ଆବଶ୍ୟକତା ସଂପର୍କରେ ସୂଚନା ଓ ଜ୍ଞାନ ର ଅଭାବ ।

୬- ଏମାନଙ୍କ ପାଇଁ କୌଣସି ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ବ୍ୟବସ୍ଥା ନାହିଁ ।

୭-ସାମାଜିକ ଅନ୍ତର୍ଭୂକ୍ତିକରଣ ପାଇଁ ଜନ ସମର୍ଥନର ଅଭାବ ।

୮- ଭିନ୍ନକ୍ଷମଙ୍କ ପ୍ରଗତି ସଂପର୍କିତ ନିରିକ୍ଷଣ ବ୍ୟବସ୍ଥା ଓ ଉତ୍ତରଦାୟିତ୍ୱର ଅଭାବ ।

ମୋଟାମୋଟି ଭାବେ ଭିନ୍ନକ୍ଷମଙ୍କ ଅନ୍ତର୍ଭୂକ୍ତିକରଣ ପାଇଁ ରାଜନୈତିକ ରିକ୍ତତା ଓ ଶୈକ୍ଷିକ ଉତ୍ତରଦାୟିତ୍ୱରେ ଘୋର ଅଭାବ ରହିଛି ।

ଜାତୀୟ ଶିକ୍ଷା ନିତୀ-୨୦୧୫ ଏହି ନିତୀର ଏକ ପ୍ରମୁଖ ଅଂଶ ହେଉଛି ଏହାର ଉର୍ଦ୍ଧ୍ୱମୁଖୀ ଆଭିମୁଖ୍ୟ । ଅର୍ଥାତ ଏହା ଦ୍ୱାରା ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଆବଶ୍ୟକ ବିଚାର ବିମର୍ଶରେ ଗୋଷ୍ଠୀଗତ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯାଇ ପାରିବ । ଏଭଳି ତୃଣମୂଳ ଅଂଶଗ୍ରହଣ ଜରିଆରେ ଭିନ୍ନକ୍ଷମଙ୍କ ବିଭିନ୍ନ ଆବଶ୍ୟକତା ଓ ସଂପୃକ୍ତ ଗୋଷ୍ଠୀ/ସମାଜର ଆବଶ୍ୟକତା ସଂପର୍କରେ ନିତୀ ପ୍ରଣୟନକାରୀମାନେ ଅବଗତ ହୋଇ ବାସ୍ତବତା ଆଧାରରେ ଯୋଜନା ପ୍ରଣୟନ କରିପାରିବେ । ଜାତୀୟ ଶିକ୍ଷା ନିତୀ-୨୦୧୫ରେ ଏହା ହିଁ କରାଯାଇଛି । ଏଥିରେ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣର ସଂଜ୍ଞା ଓ ଅର୍ଥକୁ ଭଲଭାବରେ ସ୍ପଷ୍ଟ କରାଯାଇଛି । ଉଦାହରଣ ସ୍ୱରୂପ ଏହି ନିତୀରେ ଭିନ୍ନକ୍ଷମଙ୍କ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣକୁ ଏକ ଅଲଗା ରଣନିତୀ ଭାବରେ ବିବେଚନା କରାଯାଇନାହିଁ । ବରଂ ଏହାକୁ ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଗ ଭାବେ ବିଚାର କରାଯାଇଛି । ଏହା ଦ୍ୱାରା ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଭିନ୍ନକ୍ଷମଙ୍କ ଭିନ୍ନ ଭିନ୍ନ ଆବଶ୍ୟକତାର ଚିହ୍ନଟିକରଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ । ଏହି ନିତୀ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବିଭିନ୍ନ ଆବଶ୍ୟକତାକୁ ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟତ୍ରୀ ପୁରଣ କରିପାରୁଥିବା ବାଂଛନୀୟ । ଏହି ନିତୀରେ ଭିନ୍ନକ୍ଷମଙ୍କ ବାସ୍ତବିକ ଅନ୍ତର୍ଭୂକ୍ତିକରଣ ପାଇଁ ଶିକ୍ଷା-ପ୍ରଶାସନର ବିଭିନ୍ନ ସ୍ତରରେ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଏହା ଦ୍ୱାରା ଭିନ୍ନକ୍ଷମଙ୍କ ପ୍ରତି ସେମାନଙ୍କର ସକରାତ୍ମକ ଆଭିମୁଖ୍ୟ ସୁନିଶ୍ଚିତ କରାଯାଇ ପାରିବ ।

ଜାତୀୟ ଶିକ୍ଷାନିତୀ ୨୦୧୫ ସଂପର୍କରେ ହୋଇଥିବା ଅନ୍ ଲାଇନ୍ ବିତର୍କରେ ଭିନ୍ନକ୍ଷମଙ୍କ ବିଶେଷ ଆବଶ୍ୟକତା ଗୁଡିକୁ ପୂରଣ କରିବା ପାଇଁ ବିଦ୍ୟାଳୟ ଗୁଡିକୁ ଇ-ଶିକ୍ଷା, ସୂଚନା ପ୍ରଯୁକ୍ତି ବିଦ୍ୟା ବ୍ୟବହାର ଓ ଶିକ୍ଷକ-ପ୍ରଶିକ୍ଷଣ ପାଇଁ ଭିନ୍ନକ୍ଷମଙ୍କ ପରିବାର ଓ ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ଦାବୀ ଜଣାଇଥିଲେ । ଆଉ ମଧ୍ୟ ଭିନ୍ନକ୍ଷମଙ୍କ ଚିହ୍ନଟୀକରଣ ଏକ ଆହ୍ୱାନ ବୋଲି ଏହି ବିତର୍କରେ ମତପ୍ରକାଶ ପାଇଥିଲା ।

ଶିକ୍ଷାନୁଷ୍ଠାନରେ ଭିନ୍ନକ୍ଷମଙ୍କ ନାମଲେଖାଠୁ ଆରମ୍ଭକରି ଶିକ୍ଷକ ତାଲିମ, ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷା ସାମଗ୍ରୀ ଓ ମୂଲ୍ୟାୟନ ବ୍ୟବସ୍ଥା ଭଳି ବିଭିନ୍ନ ପ୍ରସଙ୍ଗଉପରେ ଜାତୀୟ ଶିକ୍ଷାନିତୀ ୨୦୧୫ ଗୁରୁତ୍ୱ ପ୍ରଦାନ କରିଛି । ମୋଟାମୋଟି ଭାବେ ଏହି ନିତୀରେ ଭିନ୍ନକ୍ଷମଙ୍କ ଶୈକ୍ଷିକ ଅନ୍ତର୍ଭୂକ୍ତିକରଣ ପାଇଁ ଆବଶ୍ୟକ ଦୃଷ୍ଟିଭଙ୍ଗୀ, ଭିନ୍ନକ୍ଷମତା ଉପରେ ପର୍ଯ୍ୟବସିତ ନ ହୋଇ ଶିକ୍ଷା ଉପରେ ହିଁ ଆଧାରିତ ହୋଇଛି । ଅର୍ଥାତ୍ ଭିନ୍ନକ୍ଷମଙ୍କ ଶିକ୍ଷା ପାଇଁ ପୃଥକ୍ ବ୍ୟବସ୍ଥା ବିପକ୍ଷରେ ହିଁ ଜାତୀୟ ଶିକ୍ଷାନିତୀ ୨୦୧୫ ମତପୋଷଣ କରିଛି । କାରଣ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ସକାଶେ ଭେଦଭାବ ରହିତ ଏକ ଉପଯୁକ୍ତ ଓ ଅନୁକୂଳ ବାତାବରଣ ସୃଷ୍ଟି କରିବା ହେଉଛି ଏହି ନିତୀର ଉଦ୍ଦେଶ୍ୟ । ଏସବୁ କାରଣ ଯୋଗୁଁ, ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଲେ ଏହି ନିତୀ ଭିନ୍ନକ୍ଷମଙ୍କ ପାଇଁ ଏକ ବିରାଟ ପରିବର୍ତ୍ତନ ଆଣିବାର ସମ୍ଭାବନା ବହନ କରେ ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ପ୍ରତ୍ୟେକ ଭିନ୍ନକ୍ଷମଙ୍କ ପାଇଁ ଏକ ଅନ୍ତର୍ଭୁକ୍ତିକରଣ ଜନିତ ସହଯୋଗାତ୍ମକ ଶିକ୍ଷା ବ୍ୟବସ୍ଥାର ସ୍ଥାପନ ହେବା ଉଚିତ । ଇ-ଶିକ୍ଷା, ନମନୀୟ ଶିକ୍ଷା ବ୍ୟବସ୍ଥା, ପ୍ରସ୍ତାବିତ ''ସ୍ୱୟଂମ'' ଅନ୍ ଲାଇନ୍ ଶିକ୍ଷା, ଶିକ୍ଷକ ତାଲିମ, ଜାତୀୟ କୌଶଳ ବିକାଶ ଯୋଜନା, ଶିକ୍ଷକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ଦ୍ୱାରା ''ସମସ୍ତଙ୍କ ପାଇଁ ଶିକ୍ଷା''କୁ ଏକ ବାସ୍ତବତାରେ ପରିଣତ କରାଯାଇ ପାରିବ ।

•

ଲେଖିକା ହେଉଛନ୍ତି ସିଏବିଇର ସଦସ୍ୟା ତଥା ଆଞ୍ଚଳିକ ପରାମର୍ଶଦାତା

# ଭିନ୍ନକ୍ଷମଙ୍କ ନିଯୁକ୍ତି ଓ କୌଶଳ ବିକାଶ

ଶାନ୍ତି ରାଘବନ୍

> **ବିଶେଷ ଭାବେ ବଡ଼ ବଡ଼ ମେଟ୍ରୋ ସହର ଗୁଡ଼ିକରେ ଥିବା ଘରୋଇ କଂପାନୀ ଗୁଡ଼ିକ ଦ୍ୱାରା ଭିନ୍ନକ୍ଷମଙ୍କର ବ୍ୟବସାୟିକ ମୂଲ୍ୟକୁ ଗୁରୁତ୍ୱ ଦେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଉତ୍ପାଦକତା ଓ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ କଂପାନୀ ଗୁଡ଼ିକ ଭିନ୍ନକ୍ଷମଙ୍କୁ କୌଶଳଯୁକ୍ତ କରିବା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ଏହା ଦ୍ୱାରା କଂପାନୀ ଗୁଡ଼ିକ ମଧ୍ୟ ଲାଭାନ୍ୱିତ ହେଉଛନ୍ତି । ୨୦୦୮ ଓ ୨୦୧୪ ମସିହାରେ ଆର୍ଥିକ ମାନ୍ଦାବସ୍ଥା ସମୟରେ କେତେକ କଂପାନୀ ଭିନ୍ନକ୍ଷମଙ୍କୁ ନିୟୋଜିତ କଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ ଉତ୍ତମ ଉତ୍ପାଦ ପାଇଁ ବଜାରରେ ସବୁବେଳେ ସୁଯୋଗ ରହିଛି।**

ବୟନଶିଳ୍ପ ଯନ୍ତ୍ରାଂଶ ତିଆରି କାରଖାନାରେ ମଂଜୁନାଥ ହେଉଛନ୍ତି ଜଣେ ସୁପରଭାଇଜର । ତାଙ୍କ ଦଳର ସଦସ୍ୟ ସଂଖ୍ୟା ହେଉଛି ୧୫ । ଏମାନଙ୍କ ପାଇଁ ଗୁଣବତ୍ତା ହେଉଛି ପ୍ରଧାନ । କାରଣ ତାଙ୍କ କଂପାନୀ ତିଆରି କୌଣସି ପଦାର୍ଥକୁ ଯଦି ଉପଭୋକ୍ତା ପ୍ରତ୍ୟାଖାନ କରନ୍ତି , ତେବେ ତାହା ତାଙ୍କ ବ୍ୟବସାୟ ପାଇଁ କ୍ଷତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଗୁଣବତ୍ତା ସଂପନ୍ନ ବସ୍ତୁ ପ୍ରସ୍ତୁତ କରୁଥିବା ମଂଜୁନାଥଙ୍କ ଭଳି ବ୍ୟକ୍ତିଙ୍କ ଉପରେନ୍ୟସ୍ତରହିଛି । ତେବେ, ଉଲ୍ଲେଖନୀୟ ବିଷୟ ହେଉଛି,ମଂଜୁନାଥ ଜଣେ ସ୍ୱଳ୍ପ-ଦୃଷ୍ଟି ଶକ୍ତି ସଂପନ୍ନ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ଦଳରେ ମଧ୍ୟ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି। ଷ୍ଟାନ୍ଲି ଜଣେ ଫିନାଇଲ ବ୍ୟବସାୟୀ । ସେ ମଧ୍ୟ ଜଣେ ଭିନ୍ନକ୍ଷମ–ସେରେବ୍ରାଲ ପଲ୍ସି ଦ୍ୱାରା ସେ ଆକ୍ରାନ୍ତ । ଶାରିରୀକ ବିକଳାଙ୍ଗତା ସତ୍ତ୍ୱେ, ତବସୁମ୍ ଗୋଟିଏ ବହିଃବାଣିଜ୍ୟ କେନ୍ଦ୍ରରେ କାର୍ଯ୍ୟ କରନ୍ତି । ମାନସିକ ଅନଗ୍ରସରତା, ଶ୍ରବଣ ଓ ଦୃଷ୍ଟି ବାଧିତ ହେବା ସତ୍ତ୍ୱେ, ପ୍ରଦୀପ ଗୋଟିଏ ମଲ୍‌ରେ କାମ କରନ୍ତି । ଶ୍ରବଣ ବାଧିତ ରାଜୀବ ଗୋଟିଏ ବହୁ ଦେଶୀୟ ବ୍ୟାଙ୍କରେ କାମ କରନ୍ତି। ଦୃଷ୍ଟିହୀନତାର ଶୀକାର ପ୍ରଶାନ୍ତ ହେଉଛନ୍ତି ଜଣେ ପଞ୍ଚାୟତ ବିକାଶ ଅଧିକାରୀ । ପ୍ରଥମେ ତାଙ୍କୁ କୌଣସି କାର୍ଯ୍ୟ ଦିଆଯାଉ ନଥିଲା । କନ୍ନଡ଼ ଭାଷାରେ ଟାଇପ କରିବା ପ୍ରଶିକ୍ଷଣ ଓ କଥା କହୁଥିବା ସଫ୍ଟୱେର ମାଧ୍ୟମରେ ସେ ନିଜର ଦକ୍ଷତାକୁ ପ୍ରତିପାଦିତ କରିପାରିଲେ । ଏଥିଯୋଗୁଁ ସେ ଗ୍ରାମବାସୀ ଓ ସହକର୍ମୀଙ୍କ ପ୍ରଶଂସାର ପାତ୍ର ମଧ୍ୟ ହୋଇପାରିଲେ ।

ଅନ୍ୟଜଣେ ଭିନ୍ନକ୍ଷମ ହେଉଛନ୍ତି ଗଉସିଆ । ଏପରିକି ଗାଧୋଇବା ଏବଂ ଖାଇବା ପାଇଁ ମଧ୍ୟ ତାଙ୍କୁ ମା'ଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଚଳପ୍ରଚଳ ହେବା ତାଙ୍କ ପାଇଁ କଷ୍ଟକର । ତେବେ ଏକ ବହୁ ଦେଶୀୟ କଂପାନୀରେ ଜଣେ ପ୍ରକଳ୍ପ ସମନ୍ୱୟକ ଭାବେ କାର୍ଯ୍ୟକରି ସେ ନିଜ ମା'ଙ୍କ ମଧ୍ୟ ଯତ୍ନ ନେଇ ପାରିଲେ । ସ୍ୱର ଚିହ୍ନିପାରୁଥିବା ସଫ୍ଟୱେର ଦ୍ୱାରା ସେ ଇଣ୍ଟରନେଟ ମାଧ୍ୟମରେ ଅନଲାଇନ କାର୍ଯ୍ୟ କରନ୍ତି ।

ମଂଜୁନାଥ, ଷ୍ଟାନ୍ଲି, ତବସୁମ,ପ୍ରଦୀପ,ଗଉସିଆ,ରାଜୀବ ଓ ପ୍ରଶାନ୍ତ ହେଉଛନ୍ତି ଭାରତରେ ପରିବର୍ତ୍ତନର ଅଂଶ ବିଶେଷ । କୌଶଳ ଆହରଣ ଓ ନିଯୁକ୍ତିକ୍ଷମ ହୋଇ ଏମାନେ ଅନ୍ୟମାନଙ୍କ ଭଳି କାର୍ଯ୍ୟ କରିବା ସହିତ ,ନିଜ ପରିବାରର ଦାୟିତ୍ୱ ନିର୍ବାହ କରନ୍ତି ,ଟିକସ ପୈଠ କରନ୍ତି ଓ ସମାଜର ଏକ ଅଂଶ ଭାବେ ବସବାସ କରନ୍ତି । ଏମାନେ ମନେପକାଇ ଦିଅନ୍ତି ଭାରତର ମହନୀୟତା- ଭିନ୍ନକ୍ଷମ ହେବା ସତ୍ତ୍ୱେ ମଧ୍ୟ ବିବିଧ ପ୍ରତିବନ୍ଧକ ,ଦାରିଦ୍ର୍ୟ ଓ ଭେଦଭାବ ଆଦିକୁ ପରାଭୂତ କରି ।

**ନିଯୁକ୍ତି ଓ କୌଶଳ ବିକାଶ ଦୃଶ୍ୟପଟ:-**

ଗତ ଦଶବର୍ଷ ମଧ୍ୟରେ ବେସରକାରୀ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ପାଇଁ ନିଯୁକ୍ତି ସୁଯୋଗ ନାଟକୀୟ ଭାବେ ବୃଦ୍ଧି ପାଇଛି । ବିଶେଷ ଭାବେ ବଡ଼ ବଡ଼ ମେଟ୍ରୋ ସହର ଗୁଡ଼ିକରେ

**କୌଶଳ ବିକାଶ ସହିତ ବିଚାରଧାରା ଓ ଜୀବନ-କୌଶଳ ବିକାଶ ସଂପନ୍ନ ଭିନ୍ନକ୍ଷମମାନଙ୍କୁ,କଂପାନୀ ଗୁଡ଼ିକ ଅଧିକ ଅବଧି ପର୍ଯ୍ୟନ୍ତ ନିଯୁକ୍ତି ଦେଇଥାନ୍ତି । କୌଶଳ ବିକାଶ ଆଉ ମଧ୍ୟ,ଭିନ୍ନକ୍ଷମଙ୍କ ପିତାମାତାଙ୍କ ଉପରେ ପର୍ଯ୍ୟବଶିତ ହେଲେ,ଭିନ୍ନକ୍ଷମଙ୍କୁ ଅଧିକ ନିଯୁକ୍ତିକ୍ଷମ କରାଯାଇପାରନ୍ତା । କାରଣ,ଭିନ୍ନକ୍ଷମ ସନ୍ତାନମାନେ ଯେ ଜୀବନର କଠିନ ସତ୍ୟର ମୁକାବିଲା କରି ନିଜକୁ ନିଯୁକ୍ତିକ୍ଷମ କରିପାରିବେ,ଏକଥା ସେମାନଙ୍କ ପିତାମାତା ଗ୍ରହଣ କରିପାରନ୍ତି ନାହିଁ । ଏଥିଯୋଗୁଁ ଆର୍ଥିକ୍ ଅନାଟନ ସତ୍ତ୍ୱେ ସେମାନେ ନିଜ ଭିନ୍ନକ୍ଷମ ସନ୍ତାନ ସନ୍ତତିଙ୍କୁ ଏପରିକି ଦୂରଯାତ୍ରା,ସିଫ୍ଟରେ କାମ କରିବା କିମ୍ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବା ଭଳି ଚାପ ଉଦ୍ରେକକାରୀ କାର୍ଯ୍ୟ କରିବାକୁ ବାରଣ କରନ୍ତି ।**

ଥିବା ଘରୋଇ କଂପାନୀ ଗୁଡ଼ିକ ଦ୍ୱାରା ଭିନ୍ନକ୍ଷମଙ୍କର ବ୍ୟବସାୟିକ ମୂଲ୍ୟକୁ ଗୁରୁତ୍ୱ ଦେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଉତ୍ପାଦକତା ଓ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ କଂପାନୀ ଗୁଡ଼ିକ ଭିନ୍ନକ୍ଷମଙ୍କୁ କୌଶଳଯୁକ୍ତ କରିବା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ଏହା ଦ୍ୱାରା କଂପାନୀ ଗୁଡ଼ିକ ମଧ୍ୟ ଲାଭାନ୍ୱିତ ହେଉଛନ୍ତି । ୨୦୦୮ ଓ ୨୦୧୪ ମସିହାରେ ଆର୍ଥିକ ମାନ୍ଦାବସ୍ଥା ସମୟରେ କେତେକ କଂପାନୀ ଭିନ୍ନକ୍ଷମଙ୍କୁ ନିୟୋଜିତ କଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ ଉତ୍ତମ ଉତ୍ପାଦ ପାଇଁ ବଜାରରେ ସବୁବେଳେ ସୁଯୋଗ ରହିଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଏଭଳି କଂପାନୀ ଗୁଡ଼ିକ ପାଇଁ ଭିନ୍ନକ୍ଷମ ମାନେ ମାନବ ସମ୍ବଳର ଏକ ନିରନ୍ତର ଉତ୍ସ ଭାବେ ଉଭା ହୋଇଛନ୍ତି । ବର୍ତ୍ତମାନ ଛୋଟ ଛୋଟ ସହର ଗୁଡ଼ିକରେ ମଧ୍ୟ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ,ସାମାଜିକ ଓ ପ୍ରଶିକ୍ଷଣ ସଂସ୍ଥା ଗୁଡ଼ିକ ଭିନ୍ନକ୍ଷମମାନଙ୍କୁ କୌଶଳଯୁକ୍ତ କରି ସେମାନଙ୍କୁ ନିଯୁକ୍ତିକ୍ଷମ କରିବାକୁ ପ୍ରୟାସ କରୁଛନ୍ତି ।

କୌଶଳ ବିକାଶରେ ଯେଉଁ ମୋଡ଼େଲ ଗୁଡ଼ିକ ସଫଳତା ପାଉଛନ୍ତି ସେଗୁଡ଼ିକ ଅନୁଭୂତି ଜନିତ ଶିକ୍ଷା/ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି । କୌଶଳ ବିକାଶ ସହିତ ବିଚାରଧାରା ଓ ଜୀବନ-କୌଶଳ ବିକାଶ ସଂପନ୍ନ ଭିନ୍ନକ୍ଷମମାନଙ୍କୁ,କଂପାନୀ ଗୁଡ଼ିକ ଅଧିକ ଅବଧି ପର୍ଯ୍ୟନ୍ତ ନିଯୁକ୍ତି ଦେଇଥାନ୍ତି । କୌଶଳ ବିକାଶ ଆଉ ମଧ୍ୟ,ଭିନ୍ନକ୍ଷମଙ୍କ ପିତାମାତାଙ୍କ ଉପରେ ପର୍ଯ୍ୟବଶିତ ହେଲେ,ଭିନ୍ନକ୍ଷମଙ୍କୁ ଅଧିକ ନିଯୁକ୍ତିକ୍ଷମ କରାଯାଇପାରନ୍ତା । କାରଣ,ଭିନ୍ନକ୍ଷମ ସନ୍ତାନମାନେ ଯେ ଜୀବନର କଠିନ ସତ୍ୟର ମୁକାବିଲା କରି ନିଜକୁ ନିଯୁକ୍ତିକ୍ଷମ କରିପାରିବେ,ଏକଥା ସେମାନଙ୍କ ପିତାମାତା ଗ୍ରହଣ କରିପାରନ୍ତି ନାହିଁ । ଏଥିଯୋଗୁଁ ଆର୍ଥିକ୍ ଅନାଟନ ସତ୍ତ୍ୱେ ସେମାନେ ନିଜ ଭିନ୍ନକ୍ଷମ ସନ୍ତାନ ସନ୍ତତିଙ୍କୁ ଏପରିକି ଦୂରଯାତ୍ରା,ସିଫ୍ଟରେ କାମ କରିବା କିମ୍ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବା ଭଳି ଚାପ ଉଦ୍ରେକକାରୀ କାର୍ଯ୍ୟ କରିବାକୁ ବାରଣ କରନ୍ତି ।

ମାନସିକ ଅନଗ୍ରସରତା ଭୋଗୁଥିବା ବ୍ୟକ୍ତିମାନଙ୍କୁ ସମାନ ସ୍ଥିତିରେ ଥିବା ସାଥୀମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଗଲେ ସେମାନେ ଅଧିକ ଲାଭାନ୍ୱିତ ହୁଅନ୍ତି । ପାରମ୍ପରିକ କୌଶଳ ପ୍ରଶିକ୍ଷଣ ଅପେକ୍ଷା ଏହି ମୋଡ଼େଲ ଅଧିକ ଉପଯୋଗୀ। ବ୍ୟବସାୟର କେତେକ ବିକାଶଶୀଳ କ୍ଷେତ୍ର ଯଥା – ରିଟେଲ,ଆତିଥ୍ୟ ,ସୂଚନା ପ୍ରଯୁକ୍ତି ବିଦ୍ୟା ,ବସ୍ତ୍ର ,ବୟନଶିଳ୍ପ ଓ ବ୍ୟାଙ୍କିଙ୍ଗ ଆଦି କ୍ଷେତ୍ରରେ କୌଶଳ ପ୍ରଶିକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ସେହିପରି ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ,ମୋବାଇଲ ରିପ୍ୟାରିଂ ଭଳି କେତେକ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ଆତ୍ମ ନିଯୁକ୍ତି ପାଇଁ କୌଶଳ ପ୍ରଶିକ୍ଷଣ ଉପାଦେୟ ସାବ୍ୟସ୍ତ ହୋଇଛି ।

**ଭବିଷ୍ୟତ ଦୃଶ୍ୟପଟ୍ଟ:-**

ଆସନ୍ତା ୭ବର୍ଷ ମଧ୍ୟରେ ୩୮ ଲକ୍ଷ ଭିନ୍ନକ୍ଷମଙ୍କୁ କୌଶଳ ବିକାଶ ତାଲିମ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜାତୀୟ କୌଶଳ ନୀତିରେ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ସମାଜ କଲ୍ୟାଣ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧିନସ୍ଥ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମଙ୍କ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ସକାଶେ ଏକ ଜାତୀୟ କାର୍ଯ୍ୟ ଯୋଜନା ଏବଂ ସୁଗମ୍ୟ ଭାରତ ଅଭିଯାନ ଆରମ୍ଭ କରାଯାଇଛି ।

ସେହିଭଳି କୌଶଳ ନୀତିର କାର୍ଯ୍ୟକାରୀତା ପାଇଁ ଭିନ୍ନକ୍ଷମଙ୍କ ସକାଶେ ଏକ କୌଶଳ ପରିଷଦ ମଧ୍ୟ ଗଠନ କରାଯାଇଛି । ଦେଶର ଅର୍ଥନୀତିରେ ନିଜ ଯୋଗଦାନ ଦେବା ପାଇଁ ଭିନ୍ନକ୍ଷମଙ୍କ ସକାଶେ କୌଶଳ ପରିଷଦ ମଧ୍ୟ ଗଠନ କରାଯାଇଛି । ତେଣୁ ଦେଶର ଅର୍ଥନିତୀରେ ଯୋଗଦାନ ଦେବା ପାଇଁ ଭିନ୍ନକ୍ଷମଙ୍କ ପାଇଁ ଉପଯୁକ୍ତ ସମୟ ଆସିଛି । ଏହି ଦୃଷ୍ଟିରୁ ଭିନ୍ନକ୍ଷମଙ୍କ କର୍ମନିଯୁକ୍ତି ପାଇଁ ଆମକୁ ବିଭିନ୍ନ କାର୍ଯ୍ୟକ୍ରମର ଫାଇଦା ନେବା ଉଚିତ । ସେହିଭଳି ସମଗ୍ର ଦେଶରେ ଥିବା ୬୦୦ରୁ ଉର୍ଦ୍ଧ୍ୱ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ

ଗୁଡ଼ିକର ମଧ୍ୟ ଉପଯୋଗ କରିବା ଉଚିତ । ଭିନ୍ନକ୍ଷମଙ୍କ ଫଳପ୍ରଦ ପ୍ରଶିକ୍ଷଣ ପାଇଁ ଭିନ୍ନକ୍ଷମ ପ୍ରଶିକ୍ଷକଙ୍କର ମଧ୍ୟ ଆବଶ୍ୟକତା ରହିଛି ।

ଗତ ୧୦ ବର୍ଷ ମଧ୍ୟରେ ୨୬ଟି କ୍ଷେତ୍ରରେ ଭିନ୍ନକ୍ଷମଙ୍କ ପାଇଁ ୨୭୩ରୁ ଅଧିକ ପ୍ରକାରର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ସେମାନଙ୍କ ଦକ୍ଷ କାର୍ଯ୍ୟକାରୀତା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯାଇଛି । ତେବେ ଭିନ୍ନକ୍ଷମଙ୍କ ପାଇଁ ଆହୁରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏଥିସକାଶେ ଉତ୍ତମ ନେତୃତ୍ୱ ବିକାଶର ମଧ୍ୟ ଆବଶ୍ୟକତା ରହିଛି।

ଭିନ୍ନକ୍ଷମଙ୍କ ପାଇଁ ନିଯୁକ୍ତି ସମ୍ବନ୍ଧୀୟ ବିଶ୍ଳେଷଣ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ, ଅନ୍ତର୍ନିବେଶୀ ସେବା, ସଚେତନତା , ନେତୃତ୍ୱ ବିକାଶ ଭଳି ସେବା ଗୁଡ଼ିକ ସକାଶେ ସାମଗ୍ରିକ ସହାୟତା ବ୍ୟବସ୍ଥା କରାଯିବା ଉଚିତ । ଏହା ଦ୍ୱାରା ହିଁ ଭିନ୍ନକ୍ଷମଙ୍କ କୌଶଳ ବିକାଶ ତାଲିମ ଫଳପ୍ରଦ ହୋଇପାରିବ । ଭିନ୍ନକ୍ଷମଙ୍କ ଜୀବିକା ଉପାର୍ଜନ ପାଇଁ ଗୋଷ୍ଠୀ ସହଯୋଗ ବୃଦ୍ଧି କରିବା ନେଇ ନିକଟରେ ଏନାବଲ୍ ଏକାଡ଼େମୀ ନାମକ ଏକ ପ୍ରୟାସ ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ଭିନ୍ନକ୍ଷମଙ୍କ ଜୀବିକାର୍ଜନ ସକାଶେ ପ୍ରତ୍ୟେକ ସଂପୃକ୍ତ ପକ୍ଷ ନିଜ ବିଚାର ଓ ସମ୍ବଳ ବଣ୍ଟନ କରିପାରିବେ । ଏହା ମଧ୍ୟ ଏକ ସହଯୋଗାତ୍ମକ ସମାଗ୍ରିକ ସହାୟତା ବ୍ୟବସ୍ଥା ଅନୁରୂପ ।

କର୍ଣ୍ଣାଟକର ଗ୍ରାମାଞ୍ଚଳରେ ରହୁଥିବା ଭିନ୍ନକ୍ଷମଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ବୃଦ୍ଧି ପାଇଁ 'ନାମାବାଣୀ' ନାମକ ଏକ ଇଣ୍ଟରଆକ୍ଟିଭ୍ ଭଏସ ରେସପନ୍ସ ସିଷ୍ଟମ ଆରମ୍ଭ କରାଯାଇଛି । ସେମାନେ ଏକ ମିସଡ଼ କଲ ମାଧ୍ୟମରେ ନିଜ ସୁବିଧା,ଅସୁବିଧା ସଂପର୍କିତ ତଥ୍ୟ ବାଣ୍ଟି ପାରୁଛନ୍ତି ଏବଂ ଆର୍ଥିକ ଭାବେ ଆତ୍ମ-ନିର୍ଭରଶୀଳ ହେବା ପାଇଁ ନିଜ ଭିତରେ ଆଶାର ସଂଚାର କରାଇପାରୁଛନ୍ତି । ତେଣୁ ପ୍ରଯୁକ୍ତି ବିଦ୍ୟା ଆଧାରିତ ଏହିଭଳି ବ୍ୟବସ୍ଥା ଦ୍ୱାରା ଭିନ୍ନକ୍ଷମଙ୍କ କୌଶଳ ବିକାଶ ଓ ସଶକ୍ତିକରଣ ବେଶ ଫଳପ୍ରଦ ହୋଇପାରିବ ।

'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ସଫଳତା ନିର୍ଭର କରେ ଚେଞ୍ଜ ଇନ୍ ଇଣ୍ଡିଆ' -ଅର୍ଥାତ ପରିବର୍ତ୍ତନ ଉପରୋ ଦକ୍ଷତାର ସହ କାର୍ଯ୍ୟ କରୁଥିବା ଭିନ୍ନକ୍ଷମ ମାନେ ହେଉଛନ୍ତି ଏହି ପରିବର୍ତ୍ତନର ଅଗ୍ରଦୂତ ।

•






**ଲେଖିକା ହେଉଛନ୍ତି ଭିନ୍ନକ୍ଷମଙ୍କ ସକାଶେ ଉଦ୍ଦିଷ୍ଟ ଜୀବିକା ଉପାର୍ଜନ ସଂପର୍କୀତ ପ୍ରୟାସ,ଏନାବଲ ଇଣ୍ଡିଆର ସଂସ୍ଥାପିକା ଓ ପରିଚାଳନା ଟ୍ରଷ୍ଟି ।**




Unfiled Notes Page 11

# ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆର୍ଥିକ ଅନ୍ତର୍ଭୂକ୍ତୀକରଣ

ପି.ସି ଦାସ

**ସମ୍ବିଧାନର ୩୯ ଧାରା ଅନୁଯାୟୀ ପ୍ରତ୍ୟେକ ନାଗରିକ, ସେ ସ୍ତ୍ରୀ ହୁଅନ୍ତୁ ବା ପୁରୁଷ,ଙ୍କ ପାଇଁ କାର୍ଯ୍ୟକରିବା ଓ ନିଜ ପାଇଁ ପର୍ଯ୍ୟାପ୍ତ ଜୀବିକାର୍ଜନ କରିବା ଅଧିକାର ସାବସ୍ତ୍ୟ କରିବା ସକାଶେ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଧାରା ୪୧ ଅନୁଯାୟୀ ନିଜ ନାଗରିକଙ୍କ ପାଇଁ ଫଳପ୍ରଦ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ କରିବା ସକାଶେ ସରକାର ନିଜ ଆର୍ଥିକ କ୍ଷମତା ପରିସର ମଧ୍ୟରେ ସୁଯୋଗ ସୃଷ୍ଟି କରିବେ ବୋଲି ଉଲ୍ଲେଖ ରହିଛି । ଧାରା ୪୨ରେ ଉପଯୁକ୍ତ ପରିବେଷରେ ନାଗରିକମାନେ ଯେପରି କାର୍ଯ୍ୟକରିବେ ସେକଥା ମଧ୍ୟ ଉଲ୍ଲେଖ ରହିଛି ।**

ଭାରତୀୟ ସମ୍ବିଧାନ କାର୍ଯ୍ୟକରିବାର ମହତ୍ୱ ଓ ନିଯୁକ୍ତିକୁ ଗୁରୁତ୍ୱ ପ୍ରଦାନ କରିଛି । ସମ୍ବିଧାନର ୩୯ ଧାରା ଅନୁଯାୟୀ ପ୍ରତ୍ୟେକ ନାଗରିକ, ସେ ସ୍ତ୍ରୀ ହୁଅନ୍ତୁ ବା ପୁରୁଷ,ଙ୍କ ପାଇଁ କାର୍ଯ୍ୟକରିବା ଓ ନିଜ ପାଇଁ ପର୍ଯ୍ୟାପ୍ତ ଜୀବିକାର୍ଜନ କରିବା ଅଧିକାର ସାବସ୍ତ୍ୟ କରିବା ସକାଶେ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଧାରା ୪୧ ଅନୁଯାୟୀ ନିଜ ନାଗରିକଙ୍କ ପାଇଁ ଫଳପ୍ରଦ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ କରିବା ସକାଶେ ସରକାର ନିଜ ଆର୍ଥିକ କ୍ଷମତା ପରିସର ମଧ୍ୟରେ ସୁଯୋଗ ସୃଷ୍ଟି କରିବେ ବୋଲି ଉଲ୍ଲେଖ ରହିଛି । ଧାରା ୪୨ରେ ଉପଯୁକ୍ତ ପରିବେଷରେ ନାଗରିକମାନେ ଯେପରି କାର୍ଯ୍ୟକରିବେ ସେକଥା ମଧ୍ୟ ଉଲ୍ଲେଖ ରହିଛି । ଏଠି ଆମେ ବିଶେଷ ଭାବେ ଭିନ୍ନକ୍ଷମଙ୍କ ସଂପର୍କରେ ଆଲୋଚନା କରିବା ।

କୌଣସି ଭେଷଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ନିର୍ଦ୍ଧାରିତ ଭିନ୍ନକ୍ଷମତା ଅନ୍ତତଃ ୪୦ ପ୍ରତିଶତ ଥିଲେ ସେହି ବ୍ୟକ୍ତିଙ୍କୁ ଆମେ ଭିନ୍ନକ୍ଷମ କହିଥାଉ । ଭିନ୍ନକ୍ଷମମାନଙ୍କୁ ସମାନ ଅଧିକାର ପ୍ରଦାନ ପାଇଁ କେନ୍ଦ୍ର ସରକାର ତିନୋଟି ଆଇନ୍ ପ୍ରଣୟନ କରିଛନ୍ତି । ଏହି ଆଇନ୍ ଗୁଡିକରେ ଭିନ୍ନକ୍ଷମଙ୍କ ଆର୍ଥିକ ସଶକ୍ତିକରଣ ମଧ୍ୟ ଅର୍ନ୍ତଭୂକ୍ତ । ସେ ଗୁଡିକ ହେଲା (୧)ଭାରତୀୟ ଥଇଥାନ ପରିଷଦ ଆଇନ୍-୧୯୯୨, (୨) ଭିନ୍ନକ୍ଷମତା ଥିବା ବ୍ୟକ୍ତି ଆଇନ୍ ୧୯୯୫। ଏବଂ (୩) ଅଟିଜମ୍, ସେରେବ୍ରାଲ୍ ପଲ୍‌ସି,ମାନସିକ ଅନଗ୍ରସରତା ଓ ଏକାଧିକ ଭିନ୍ନକ୍ଷମତାଥିବା ବ୍ୟକ୍ତିଙ୍କ କଲ୍ୟାଣ ସକାଶେ ଜାତୀୟ ଟ୍ରଷ୍ଟ ଆଇନ୍ ୧୯୯୫ ।

ଏତଦ୍ ବ୍ୟତୀତ ୨୦୦୮ ମସିହାରେ ଭାରତ,୨୦୦୬ ମସିହାର ମିଳିତ ଜାତିସଂଘର ଭିନ୍ନକ୍ଷମତାଥିବା ବ୍ୟକ୍ତିଙ୍କ ଅଧିକାର ସଂପର୍କିତ କନ୍‌ଭେନ୍‌ସନ୍‌କୁ ଅନୁମୋଦନ କରିଛି । ଏଥିରେ ମଧ୍ୟ ଅନ୍ୟମାନଙ୍କ ସହ ସମାନତା ଭିତ୍ତିରେ ଭିନ୍ନକ୍ଷମଙ୍କ ସଂପୂର୍ଣ୍ଣ ଓ ଫଳପ୍ରଦ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ସେହିଭଳି ଭିନ୍ନକ୍ଷମଙ୍କ ସକାଶେ ୨୦୦୬ରେ ପ୍ରଣୀତ ଜାତୀୟ ନିତୀରେ ଏମାନଙ୍କୁ ମଧ୍ୟ ସମ୍ମାନର ସହିତ ସମାଜରେ ବଞ୍ଚିବା ପାଇଁ ସମାନ ସୁଯୋଗ ସୃଷ୍ଟି କରିବାକୁ ପ୍ରାଧାନ୍ୟ ଦିଆଯାଇଛି । ମୋଟାମୋଟି ଭାବରେ ଏହା ଏକ ଅନ୍ତର୍ନିବେଶୀ ସମାଜ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛି ।

୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ଦେଶରେ ୨୬.୮ ନିଯୁତ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି । ଏମାନଙ୍କ ମଧ୍ୟରୁ ୧୪.୯୯ ନିୟୁତ ପୁରୁଷ ଓ ୧୧.୮୨ ନିୟୁତ ମହିଳା । ପୁନଶ୍ଚ ଏମାନଙ୍କ ମଧ୍ୟରୁ ୧୮.୬୩ ନିୟୁତ ବ୍ୟକ୍ତି ଗ୍ରାମାଞ୍ଚଳରେ ଓ ୮.୧୮ ନିୟୁତ ବ୍ୟକ୍ତି ସହରାଞ୍ଚଳରେ ବସବାସ କରନ୍ତି । ଗ୍ରାମାଞ୍ଚଳରେ ରହୁଥିବା ୮.୮ନିୟୁତ ଓ ସହରାଞ୍ଚଳର ୪.୬ ନିୟୁତ ଭିନ୍ନକ୍ଷମ ବ୍ୟକ୍ତି ( ମୋଟ୍ - ୧୩.୪ ନିୟୁତ) ଭିନ୍ନକ୍ଷମ ବ୍ୟକ୍ତି କର୍ମନିଯୁକ୍ତିକ୍ଷମ ବୟସ ମଧ୍ୟରେ ଅଛନ୍ତି । ଏମାନଙ୍କ ଭିତରୁ ୭.୮ନିୟୁତ ପୁରୁଷ ଓ ୫.୬ ନିୟୁତ ମହିଳା

**ସମାଜର ଅବହେଳିତ ବର୍ଗଙ୍କୁ ସହଜଲବ୍ଧ ମୂଲ୍ୟରେ ବିଭିନ୍ନ ଆର୍ଥିକ ସେବା ଓ ଦ୍ରବ୍ୟ ଯୋଗାଇ ଦେବା ହେଉଛି ଆର୍ଥିକ ଅନ୍ତର୍ଭୁକ୍ତୀକରଣ । ଏଥିରେ ରହିଛି ବ୍ୟାଙ୍କ ସେବା , ଇନ୍ସ୍ୟୁରାନ୍ସ,ପେନ୍ସନ୍ ଏବଂ ବିଭିନ୍ନ କାର୍ଯ୍ୟପାଇଁ ଋଣ। ଗୋଟିଏ ଅନ୍ତର୍ନିବେଶୀ ସମାଜ ଗଠନ ପାଇଁ ଏଭଳି ଆର୍ଥିକ ଅନ୍ତର୍ଭୂକ୍ତିକରଣ ଏକାନ୍ତ ଆବଶ୍ୟକ। ଏହା ଦ୍ୱାରା ସମାଜର ପ୍ରତ୍ୟେକ ବ୍ୟକ୍ତି ଉଭୟ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଥାନ୍ତି । ଏହାର ଗୁରୁତ୍ୱ ଉପଲବ୍ଧ କରି ଭାରତ ସରକାର ଏ ଦିଗରେ ସତତ ପ୍ରଚେଷ୍ଟାରତ ଅଛନ୍ତି ।**

। ସମଗ୍ର ଭିନ୍ନକ୍ଷମଙ୍କ ମଧ୍ୟରୁ ୧୪.୬ ନିୟୁତ ହେଉଛନ୍ତି ସାକ୍ଷର । ଏସବୁ ତଥ୍ୟରୁ ପ୍ରମାଣିତ ହୁଏ ଯେ ଭିନ୍ନକ୍ଷମଙ୍କ ସମଷ୍ଟି ହେଉଛି ଏକ ବିଶାଳ ମାନବ ସମ୍ବଳ । ତେଣୁ ଦେଶର ଆର୍ଥିକ ପ୍ରଗତିରେ ଏମାନଙ୍କ ଯୋଗଦାନ କରିବାର ଗୁରୁତ୍ୱକୁ ଅଣଦେଖା କରାଯାଇ ନପାରେ ।

ସମାଜର ଅବହେଳିତ ବର୍ଗଙ୍କୁ ସହଜଲବ୍ଧ ମୂଲ୍ୟରେ ବିଭିନ୍ନ ଆର୍ଥିକ ସେବା ଓ ଦ୍ରବ୍ୟ ଯୋଗାଇ ଦେବା ହେଉଛି ଆର୍ଥିକ ଅନ୍ତର୍ଭୁକ୍ତୀକରଣ । ଏଥିରେ ରହିଛି ବ୍ୟାଙ୍କ ସେବା, ଇନ୍ସ୍ୟୁରାନ୍ସ,ପେନ୍ସନ୍ ଏବଂ ବିଭିନ୍ନ କାର୍ଯ୍ୟପାଇଁ ଋଣ । ଗୋଟିଏ ଅନ୍ତର୍ନିବେଶୀ ସମାଜ ଗଠନ ପାଇଁ ଏଭଳି ଆର୍ଥିକ ଅନ୍ତର୍ଭୂକ୍ତିକରଣ ଏକାନ୍ତ ଆବଶ୍ୟକ। ଏହା ଦ୍ୱାରା ସମାଜର ପ୍ରତ୍ୟେକ ବ୍ୟକ୍ତି ଉଭୟ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଥାନ୍ତି । ଏହାର ଗୁରୁତ୍ୱ ଉପଲବ୍ଧ କରି ଭାରତ ସରକାର ଏ ଦିଗରେ ସତତ ପ୍ରଚେଷ୍ଟାରତ ଅଛନ୍ତି । ଏହି ଦୃଷ୍ଟିରୁ ଜନଧନଯୋଜନା, ଗରିବଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ମୁଦ୍ରା ଯୋଜନା ଆଦି ହେଉଛି ଜାତୀୟ ସ୍ତରରେ ଅଗ୍ରାଧିକାର ଦିଆଯାଇଥିବା କାର୍ଯ୍ୟକ୍ରମ । ସରକାରଙ୍କ ସମାଜମଙ୍ଗଳ କାର୍ଯ୍ୟକ୍ରମ ଗୁଡିକୁ ମଧ ଏଭଳି ଆର୍ଥିକ ଅନ୍ତର୍ଭୂକ୍ତୀକରଣ ସାହାଯ୍ୟ କରିଥାଏ । ଯେହେତୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରୟାସରେ ପାଉଣାପଇଠ କରିବା ପ୍ରକ୍ରିୟା ଅଧିକ ସରଳ ହୋଇଥାଏ, ସେହି ଦୃଷ୍ଟିରୁ ସଂପୂର୍ଣ୍ଣ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଥାଏ ଏବଂ ଅଯୋଗ୍ୟ ହିତାଧିକାରୀ ଚୟନ ପ୍ରତିହତ ହୋଇଥାଏ ।

ଦରିଦ୍ର ହେବା ସହିତ ଭିନ୍ନକ୍ଷମମାନେ ହେଉଛନ୍ତି ସମାଜର ସବୁଠାରୁ ବେଶୀ ଅବହେଳିତ । ଭିନ୍ନକ୍ଷମତା ଓ ଦାରିଦ୍ର୍ୟ ମଧ୍ୟରେ ଏକ ସଂପର୍କ ରହିଛି । ଦରିଦ୍ର ପରିବାର ଗୁଡିକରେ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ଦେଖାଦେଇଥାନ୍ତି । ମହିଳାଙ୍କ ଭିନ୍ନକ୍ଷମତା ହେଉଛି ଅଧିକ ସମସ୍ୟା ବହୁଳ । ତେଣୁ ଏମାନଙ୍କ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ଏକାନ୍ତ ଆବଶ୍ୟକ । ତେବେ ଏହି କାର୍ଯ୍ୟମଧ କଷ୍ଟ ସାପେକ୍ଷ । ଉଦାହରଣ ସ୍ୱରୂପ ଭିନ୍ନକ୍ଷମଙ୍କ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଢିବାକୁ ହେଲେ ସେମାନଙ୍କ ଅବସ୍ଥିତିର ବିକ୍ଷିପ୍ତତା, ଶାରିରୀକ ପ୍ରତିବନ୍ଧକ, ସ୍ୱଳ୍ପ ଶିକ୍ଷା ଏବଂ ଚଳପ୍ରଚଳ ହେବା କ୍ଷମତାର ସ୍ୱଳ୍ପତା ଆଦି ବିଭିନ୍ନ ସମସ୍ୟା ରହିଛି ।

ଭିନ୍ନକ୍ଷମଙ୍କ ଶିକ୍ଷା ଓ ନିଯୁକ୍ତି ପାଇଁ ଆର୍ଥିକ ସହାୟକ ଯୋଗାଇଦେବା ଲକ୍ଷରେ ୧୯୯୭ ମସିହା ଜାନୁୟାରୀ ୨୪ ତାରିଖରେ ଭାରତ ସରକାର ଜାତୀୟ ଭିନ୍ନକ୍ଷମ ଅର୍ଥ ଓ ବିକାଶ ନିଗମ ସ୍ଥାପନ କରିଛନ୍ତି । ଚାରିଶହ କୋଟି ଟଙ୍କା ପୁଞ୍ଜିନିବେଶରେ ଗଠିତ ଏହି ନିଗମ ଏକ ଅଣ-ଲାଭକାରୀ ସଂସ୍ଥା ଭାବେ ୧୯୫୦ ମସିହା ର କମ୍ପାନୀ ଅଧିନିୟମର ଧାରା ୨୫ ଅଧିନରେ ରେଜିଷ୍ଟ୍ରଭୁକ୍ତ ହୋଇଛି।

୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମତାଥିବା ବ୍ୟକ୍ତିଙ୍କୁ ରିହାତି ଦରରେ ଋଣ ଯୋଗାଇଦେବା କାର୍ଯ୍ୟ ହେଉଛି ଏହି ନିଗମର । ତେବେ ଭିନ୍ନକ୍ଷମଙ୍କ ପାଇଁ ଋଣ ସକାଶେ କୌଣସି ସର୍ବାଧିକ ଆୟୁ ନଥାଏ । ଏହି ନିଗମର କାର୍ଯ୍ୟକ୍ରମ ଗୁଡିକୁ ମୁଖ୍ୟତଃ ଦୁଇଶ୍ରେଣୀ ରେ ବିଭକ୍ତ କରାଯାଇପାରେ । ଋଣ ଆଧାରିତ କାର୍ଯ୍ୟକ୍ରମ ପାଇଁ ରିହାତି ଦରରେ ଋଣ ପ୍ରଦାନ କରିବା ଏବଂ ଅଣଋଣ କାର୍ଯ୍ୟକ୍ରମ ଅଧିନରେ ଭିନ୍ନକ୍ଷମଙ୍କୁ ଅନୁଦାନ ପ୍ରଦାନ କରିବା ।

**୧-ଋଣ ଆଧାରିତ କାର୍ଯ୍ୟକ୍ରମ-**

(କ) ଆତ୍ମନିଯୁକ୍ତି ପାଇଁ ଋଣ-ଆତ୍ମନିଯୁକ୍ତି ପ୍ରୟାସ ପାଇଁ ଭିନ୍ନକ୍ଷମଙ୍କୁ ୫ରୁ ୮ ପ୍ରତିଶତ ହାରରେ ୧୦ ବର୍ଷ ପର୍ଯ୍ୟନ୍ତ ଋଣ ପରିଶୋଧ ଅବଧି ସହିତ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଏ ।

(ଖ) **ଶିକ୍ଷାଋଣ**- ବାର୍ଷିକ ମାତ୍ର ୪ ପ୍ରତିଶତ ସୁଧ ସମ୍ବଳିତ ଶିକ୍ଷାଋଣ ଦେବାର ମଧ ବ୍ୟବସ୍ଥା ରହିଛି । ଭିନ୍ନକ୍ଷମମାନଙ୍କୁ ବିଦେଶରେ ଉଚ୍ଚ ଶିକ୍ଷା ପାଇଁ ୨୦ ଲକ୍ଷ ପର୍ଯ୍ୟନ୍ତ ଓ ଭାରତରେ ଉଚ୍ଚଶିକ୍ଷାପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥାଏ । ଏହି ଋଣ ପରିଶୋଧ ଅବଧିକୁ ୭ ବର୍ଷ ରଖାଯାଇଛି । ଅଧ୍ୟୟନ ସମାପ୍ତ ହେବାର ୧ବର୍ଷ ମଧ୍ୟରେ କିମ୍ବା ନିଯୁକ୍ତି ପାଇବାର ୬ ମାସ ମଧ୍ୟରେ ଏହି ଋଣ ପରିଶୋଧ କରିବାକୁ ହୋଇଥାଏ ।

(ଗ) **କ୍ଷୁଦ୍ର ଅର୍ଥ ଯୋଗାଣ** - ଆୟ ବୃଦ୍ଧି



Unfiled Notes Page 13

ପାଇଁ ଭିନ୍ନକ୍ଷମମାନଙ୍କୁ, ବିଶେଷ ଭାବେ ଦରିଦ୍ର ଭିନ୍ନକ୍ଷମମାନଙ୍କୁ ଏହି ଯୋଜନା ଅଧିନରେ ଆର୍ଥିକ ସାହାଯ୍ୟ ଦିଆଯାଏ । ଅର୍ଥ ଉପାର୍ଜନ ପାଇଁ ମଧ୍ୟ ଏହି ସହାୟତା ଦିଆଯାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସାହାଯ୍ୟରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବାପାଇଁ ଏଭଳି ଅନୁଷ୍ଠାନ ଗୁଡିକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଏ । ପ୍ରତ୍ୟେକ ଅନୁଷ୍ଠାନ ପ୍ରାୟ ୨୦ ଜଣ ଭିନ୍ନକ୍ଷମଙ୍କୁ ଏପରି କ୍ଷୁଦ୍ର ଆର୍ଥିକ ସହାୟତା ପ୍ରଦାନ କରି ପାରିବେ । ଏଥି ପାଇଁ ସୁଧହାରକୁ ବାର୍ଷିକ ମାତ୍ର ୫ ପ୍ରତିଶତ ରଖାଯାଇଛି । ଋଣ ପରିଶୋଧ ଅବଧି ହେଉଛି ୩ ବର୍ଷ ।

୨ **ଅଣ-ଋଣ ଅଧାରିତ କାର୍ଯ୍ୟକ୍ରମ –**

(କ) **ଦକ୍ଷତା ବିକାଶ ପ୍ରଶିକ୍ଷଣ** – ଭିନ୍ନକ୍ଷମଙ୍କ କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ ଦେବା ସକାଶେ ନିଗମ ଦ୍ୱାରା ଅନୁଦାନ ଦିଆଯାଇଥାଏ । ଏତଦ୍ ବ୍ୟତୀତ ପ୍ରଶିକ୍ଷଣ ସମୟରେ ଭିନ୍ନକ୍ଷମଙ୍କୁ ମାସିକ ୨୦୦୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ଦିଆଯାଏ ।

(ଖ) **ମେଧାବୃତ୍ତି** –ବର୍ତ୍ତମାନ ନିଗମ ତରଫରୁ ୨୫୦୦ ଭିନ୍ନକ୍ଷମଙ୍କ ବୈଷୟିକ ଓ ବୃତ୍ତିଗତ ବିଷୟ ଅଧ୍ୟୟନ ପାଇଁ ଟ୍ରଷ୍ଟ ଫଣ୍ଡ ମେଧାବୃତ୍ତି ଯୋଜନା ପରିଚାଳିତ ହେଉଛି। ରାଜ୍ୟ ସରକାର ଗୁଡିକ ଦ୍ୱାରା ମନୋନୀତ ୩୬ଟି ସଂସ୍ଥା ମାଧ୍ୟମରେ ଏହି ନିଗମ କାର୍ଯ୍ୟ କରୁଛି । ଭିନ୍ନକ୍ଷମଙ୍କୁ ରିହାତି ଋଣ ଯୋଗାଇବା ପାଇଁ ନିଗମ ଦ୍ୱାରା ୫୯ ସରକାରୀ ବ୍ୟାଙ୍କ ଓ ୧୮ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସହିତ ବୁଝାମଣା ହୋଇଛି । ଏହି ନିଗମକୁ ନିଜର କାର୍ଯ୍ୟଦକ୍ଷତା ପାଇଁ ଗତ ଚାରିଥର ଉନ୍ନତ ରେଟିଂଗ୍ ପ୍ରଦାନ କରାଯାଇଛି। ଯାହା ୨୦୧୫-୧୬ରେ ମଧ୍ୟ ବଜାୟ ରହିବ ବୋଲି ଆଶା କରାଯାଏ । ନିଗମର କେତେକ କାର୍ଯ୍ୟ ଉପରେ ଏକ ନଜର –

(କ) **ଋଣ ପ୍ରଦାନ :** ନିଗମ, ଗଠନ ହେବା ପରଠାରୁ ଏଯାବତ୍ ୬୯୪.୨୯କୋଟି ଟଙ୍କା ଋଣ ପ୍ରଦାନ କରିଛି ଯାହା ଦ୍ୱାରା ୧.୨୬ ଲକ୍ଷ ଭିନ୍ନକ୍ଷମ ଉପକୃତ ହୋଇଛନ୍ତି ।

(ଖ) **କୌଶଳ ବିକାଶ :** ଆଜି ପର୍ଯ୍ୟନ୍ତ ୩୬୬୧୬ ଜଣ ଭିନ୍ନକ୍ଷମଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ନିଗମ ଦ୍ୱାରା ୪୬.୨୧କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ୧୭ରୁ ୨୦ ହଜାର ଭିନ୍ନକ୍ଷମଙ୍କ କୌଶଳ ବିକାଶ ପ୍ରଶିକ୍ଷଣ ପାଇଁ ନିଗମ ଦ୍ୱାରା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

(ଗ) **ମେଧାବୃତ୍ତି :** ୨୦୧୧-୧୨ ମସିହାରୁ ଆଜି ପର୍ଯ୍ୟନ୍ତ ନିଗମ ଦ୍ୱାରା ୪୭.୯୪ କୋଟି ଟଙ୍କା ମେଧାବୃତ୍ତି ପ୍ରଦାନ କରାଯାଇଛି । ଏହା ଦ୍ୱାରା ବୈଷୟିକ ଓ ବୃତ୍ତିଗତ ତାଲିମ ପାଇଁ ୭୧୧୭ ଜଣ ନୂତନ ଓ ୧୦୯୭ ପୁରୁଣା ଭିନ୍ନକ୍ଷମ ଶିକ୍ଷାର୍ଥୀ ଲାଭାନ୍ୱିତ ହୋଇପାରିଛନ୍ତି । ସେହିପରି ଏକ ଜାତୀୟ ପାଣ୍ଠି ଜରିଆରେ ୨୦୦୯-୧୦ ଶିକ୍ଷାବର୍ଷରୁ ଏଯାବତ୍ ୩.୫୧ କୋଟି ଟଙ୍କା ମେଧା ବୃତ୍ତି ପ୍ରଦାନ କରାଯାଇଛି । ଏହା ଦ୍ୱାରା ୨୯୨୮ ଜଣ ଭିନ୍ନକ୍ଷମ ଉପକୃତ ହୋଇଛନ୍ତି ।

ଭିନ୍ନକ୍ଷମଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନିଗମ ତରଫରୁ ଆହୁରି ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି ।

(କ) **ରିହାତି :-** ଭିନ୍ନକ୍ଷମଙ୍କୁ ପ୍ରଦାନ କରାଯାଉଥିବା ଋଣର ୩୫ ପ୍ରତିଶତ ପର୍ଯ୍ୟନ୍ତ ଅଂଶକୁ ବ୍ୟାକ୍ଏଣ୍ଡ୍ ସବ୍ସିଡି ଭାବେ ବିବେଚନା କରିବା ସକାଶେ, ନିଗମର ପ୍ରସ୍ତାବ ରହିଛି ।

(ଖ) **ବ୍ୟାଙ୍କ୍ ସମ୍ପର୍କ :-** ଭିନ୍ନକ୍ଷମମାନଙ୍କୁ ସୁବିଧାରେ ଋଣ ପ୍ରଦାନ କରିବା ପାଇଁ ନିଗମ ଦ୍ୱାରା ଅଧିକରୁ ଅଧିକ ବ୍ୟାଙ୍କ ସହିତ ବୁଝାମଣା କରାଯାଇଛି । ଏହି କ୍ରମରେ ନିଗମ ଦ୍ୱାରା ୫ଟି ସରକାରୀ ବ୍ୟାଙ୍କ୍ ଯଥା- ପଂଜାବ ନେସନାଲ୍ ବ୍ୟାଙ୍କ, ଆନ୍ଧ୍ରବ୍ୟାଙ୍କ, ଆଇ.ଡି.ବି.ଆଇ. ବ୍ୟାଙ୍କ, ବ୍ୟାଙ୍କ୍ ଅଫ୍ ବରୋଦା ଏବଂ ଷ୍ଟେଟ୍ବ୍ୟାଙ୍କ ଅଫ୍ ହାଇଦ୍ରାବାଦ ସହିତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ଗୁଜୁରାଟ, ହରିଆଣା, ମହାରାଷ୍ଟ୍ର ଓ ଆସାମ ଆଦି ରାଜ୍ୟରେ ଥିବା ୧୮ଟି ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ ସହ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

(ଗ) **କ୍ଷୁଦ୍ର ଅର୍ଥ ଲଗାଣକାରୀ ସଂସ୍ଥା ସହ ସମନ୍ୱୟ :-** ଦୂରବର୍ତ୍ତୀ ଓ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଅନାବିଷ୍କୃତ ଅଞ୍ଚଳରେ ଥିବା

**୨୦୧୧-୧୨ ମସିହାରୁ ଆଜି ପର୍ଯ୍ୟନ୍ତ ନିଗମ ଦ୍ୱାରା ୪୭.୯୪ କୋଟି ଟଙ୍କା ମେଧାବୃତ୍ତି ପ୍ରଦାନ କରାଯାଇଛି । ଏହା ଦ୍ୱାରା ବୈଷୟିକ ଓ ବୃତ୍ତିଗତ ତାଲିମ ପାଇଁ ୭୧୧୭ ଜଣ ନୂତନ ଓ ୧୦୯୭ ପୁରୁଣା ଭିନ୍ନକ୍ଷମ ଶିକ୍ଷାର୍ଥୀ ଲାଭାନ୍ୱିତ ହୋଇପାରିଛନ୍ତି । ସେହିପରି ଏକ ଜାତୀୟ ପାଣ୍ଠି ଜରିଆରେ ୨୦୦୯-୧୦ ଶିକ୍ଷାବର୍ଷରୁ ଏଯାବତ୍ ୩.୫୧ କୋଟି ଟଙ୍କା ମେଧା ବୃତ୍ତି ପ୍ରଦାନ କରାଯାଇଛି । ଏହା ଦ୍ୱାରା ୨୯୨୮ ଜଣ ଭିନ୍ନକ୍ଷମ ଉପକୃତ ହୋଇଛନ୍ତି । ଭିନ୍ନକ୍ଷମଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନିଗମ ତରଫରୁ ଆହୁରି ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି ।**

ଭିନ୍ନକ୍ଷମଙ୍କୁ ଆର୍ଥିକ ସେବା ପ୍ରଦାନ ପାଇଁ, ନିଗମ ଦ୍ୱାରା ବିଭିନ୍ନ କ୍ଷୁଦ୍ର ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ସହିତ ବୁଝାମଣା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି । ଏହି କ୍ରମରେ କେତେକ ନିୟମ କୋହଳ କରିବା ପାଇଁ ମଧ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ନିଗମ ତରଫରୁ ଅନୁରୋଧ କରାଯାଇଛି ।

(ଘ) **ଭିନ୍ନକ୍ଷମଙ୍କ ପାଇଁ ନିଯୁକ୍ତି ପୋର୍ଟାଲ୍**

ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ସମନ୍ୱୟ ରକ୍ଷାକରି, ଏହି ନିଗମ ଦ୍ୱାରା ଏକ ବିଶେଷ ନିଯୁକ୍ତି ପୋର୍ଟାଲ୍ ଆରମ୍ଭ କରାଯାଇଛି । ଏହା ଦ୍ୱାରା ଭିନ୍ନକ୍ଷମମାନେ ନିଯୁକ୍ତି ସୁଯୋଗ, ଆର୍ଥିକ ସହାୟତା ଓ ଋଣ ଦକ୍ଷତା ବୃଦ୍ଧି ତାଲିମ ଆଦି ବିଷୟରେ ସହାୟତା ପାଇପାରିବେ । ଚଳିତ ବର୍ଷ ଜାନୁଆରୀ ୨୭ ତାରିଖ ଦିନ ଏହି ପୋର୍ଟାଲ୍‌କୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ଭିନ୍ନକ୍ଷମଙ୍କୁ ସୁବିଧାରେ ବିଭିନ୍ନ ଆର୍ଥିକ ଉତ୍ପାଦ ଯୋଗାଣ ପାଇଁ ନିଗମ ଲକ୍ଷ୍ୟ ରଖିଛି ।

**ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ସମନ୍ୱୟ ରକ୍ଷାକରି, ଏହି ନିଗମ ଦ୍ୱାରା ଏକ ବିଶେଷ ନିଯୁକ୍ତି ପୋର୍ଟାଲ୍ ଆରମ୍ଭ କରାଯାଇଛି । ଏହା ଦ୍ୱାରା ଭିନ୍ନକ୍ଷମମାନେ ନିଯୁକ୍ତି ସୁଯୋଗ, ଆର୍ଥିକ ସହାୟତା ଓ ଋଣ ଦକ୍ଷତା ବୃଦ୍ଧି ତାଲିମ ଆଦି ବିଷୟରେ ସହାୟତା ପାଇପାରିବେ । ଚଳିତ ବର୍ଷ ଜାନୁଆରୀ ୨୭ ତାରିଖ ଦିନ ଏହି ପୋର୍ଟାଲ୍‌କୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ଭିନ୍ନକ୍ଷମଙ୍କୁ ସୁବିଧାରେ ବିଭିନ୍ନ ଆର୍ଥିକ ଉତ୍ପାଦ ଯୋଗାଣ ପାଇଁ ନିଗମ ଲକ୍ଷ୍ୟ ରଖିଛି ।**

ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ବିଭାଗ ଜରିଆରେ ଭାରତ ସରକାର ଭିନ୍ନକ୍ଷମଙ୍କ ପାଇଁ କେତେକ ନିଷ୍ପତ୍ତି ନେଇଛନ୍ତି । ଯଦ୍ୱାରା, ଭିନ୍ନକ୍ଷମଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ତ୍ୱରାନ୍ୱିତ ହୋଇପାରିବ । ସେଗୁଡ଼ିକ ହେଉଛି :

:ଭିନ୍ନକ୍ଷମଙ୍କୁ , ଦୁର୍ବଳ ଶ୍ରେଣୀର ୧୦ ପ୍ରତିଶତ ମଧ୍ୟରେ ଅନ୍ତର୍ଭୁକ୍ତ କରି, ସେମାନଙ୍କୁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଋଣ ପ୍ରଦାନ କରିବା ।

:ଭିନ୍ନକ୍ଷମଙ୍କ ପାଇଁ 'ସ୍ୱାବଲମ୍ବନ' ସ୍ୱାସ୍ଥ୍ୟବୀମା ଯୋଜନା ।

:ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ମେଟ୍ରିକ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା ।

:ଉଚ୍ଚତର ଶିକ୍ଷା ପାଇଁ ଭିନ୍ନକ୍ଷମଙ୍କୁ ମେଧା ବୃତ୍ତି ପ୍ରଦାନ ।

:ସୁଗମ୍ୟ ଭାରତ ଅଭିଯାନର ଆରମ୍ଭ ଏବଂ

:ଭିନ୍ନକ୍ଷମଙ୍କ କୌଶଳ ତାଲିମ ପାଇଁ ଏକ ଜାତୀୟ କାର୍ଯ୍ୟଯୋଜନାର ଶୁଭାରମ୍ଭ ।

•






**ଲେଖକ ହେଉଛନ୍ତି ଜାତୀୟ ଭିନ୍ନକ୍ଷମ ଅର୍ଥ ଓ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ।**

# ଭିନ୍ନକ୍ଷମଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଲୋଡ଼ା

ଡକ୍ଟର ସନ୍ଧ୍ୟା ଲିମାୟେ

> **ବିଶ୍ୱବ୍ୟାଙ୍କ ସାମାଜିକ ସଂଯୋଜନକୁ ନିଜର ପରିଚୟ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିରେ ଥିବା ଲୋକଙ୍କୁ ଦକ୍ଷତା ବୃଦ୍ଧି, ସୁଯୋଗ ସୁବିଧା ଯୋଗାଣ ଓ ମର୍ଯ୍ୟାଦା ପ୍ରଦାନ ପୂର୍ବକ ସମାଜରେ ସାମିଲ କରିବାର ପ୍ରକ୍ରିୟା ବୋଲି ବ୍ୟାଖ୍ୟା କରେ । ବିଭିନ୍ନ ସୁଖ ସୁବିଧା ଓ ପ୍ରାପ୍ୟରୁ ବଞ୍ଚିତ ହେଉଥିବା ଭିନ୍ନକ୍ଷମମାନେ ବିଶ୍ୱର ସବୁଠୁ ବଡ଼ ସଂଖ୍ୟା ଲଘୁ ସମୁଦାୟ ଭାବେ ପରିଗଣିତ । ଏମାନେ ବିଭିନ୍ନ କ୍ଷେତ୍ରରେ ଅବହେଳିତ, ବଞ୍ଚିତ ଓ ପରିତ୍ୟକ୍ତ । ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ମାନବାଧିକାର ପଦକ୍ଷେପ ଭିତ୍ତିରେ ଅଧିକାଂଶ ଦେଶ ଭିନ୍ନକ୍ଷମମାନଙ୍କୁ କିଛି କିଛି ସହାୟତା ଯୋଗାଇବା ଆରମ୍ଭ କରିଥିଲେ ।**

ସାମାଜିକ ନିବାରଣ ନୁହେଁ, ସଂଯୋଜନ ପ୍ରକ୍ରିୟା ଦ୍ୱାରା ସାମାଜିକ ବ୍ୟବସ୍ଥା ବାହାରେ ରହିଯାଇଥିବା ଲୋକଙ୍କୁ ଆପଣେଇ ନେବା ଏକ ସକାରାତ୍ମକ ପଦକ୍ଷେପ । ଏହାଦ୍ୱାରା ପରିସ୍ଥିତି ଓ ଅଭ୍ୟାସରେ ପରିବର୍ତ୍ତନ ଅଣାଯାଇପାରେ । ବିଶ୍ୱବ୍ୟାଙ୍କ ସାମାଜିକ ସଂଯୋଜନକୁ ନିଜର ପରିଚୟ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିରେ ଥିବା ଲୋକଙ୍କୁ ଦକ୍ଷତା ବୃଦ୍ଧି, ସୁଯୋଗ ସୁବିଧା ଯୋଗାଣ ଓ ମର୍ଯ୍ୟାଦା ପ୍ରଦାନ ପୂର୍ବକ ସମାଜରେ ସାମିଲ କରିବାର ପ୍ରକ୍ରିୟା ବୋଲି ବ୍ୟାଖ୍ୟା କରେ । ବିଭିନ୍ନ ସୁଖ ସୁବିଧା ଓ ପ୍ରାପ୍ୟରୁ ବଞ୍ଚିତ ହେଉଥିବା ଭିନ୍ନକ୍ଷମମାନେ ବିଶ୍ୱର ସବୁଠୁ ବଡ଼ ସଂଖ୍ୟା ଲଘୁ ସମୁଦାୟ ଭାବେ ପରିଗଣିତ । ଏମାନେ ବିଭିନ୍ନ କ୍ଷେତ୍ରରେ ଅବହେଳିତ, ବଞ୍ଚିତ ଓ ପରିତ୍ୟକ୍ତ । ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ମାନବାଧିକାର ପଦକ୍ଷେପ ଭିତ୍ତିରେ ଅଧିକାଂଶ ଦେଶ ଭିନ୍ନକ୍ଷମମାନଙ୍କୁ କିଛି କିଛି ସହାୟତା ଯୋଗାଇବା ଆରମ୍ଭ କରିଥିଲେ । ଉଭୟ ସରକାରୀ ଓ ବେସରକାରୀ ଉଦ୍ୟମରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ଦାନ, ସହାୟତା, ଆନୁଷ୍ଠାନିକ ଯତ୍ନ, ଚିକିତ୍ସା ଓ ଥଇଥାନ ସେବା ଯୋଗାଣ ଆରମ୍ଭ ହୋଇଥିଲା । ସ୍ୱାଧୀନତା ପରେ ଭାରତ ସରକାର ଏହି ବଞ୍ଚିତ ବର୍ଗଙ୍କ ଦାୟିତ୍ୱ ହାତକୁ ନେବା ସହ ସେମାନଙ୍କ କଲ୍ୟାଣ ତଥା ଥଇଥାନ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଭିନ୍ନକ୍ଷମମାନେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି । ଶାରୀରିକ, ସାମାଜିକ ଏବଂ ଦୃଷ୍ଟିକୋଣଗତ ପ୍ରତିବନ୍ଧକ ସେମାନଙ୍କୁ ସାମାଜିକ ବ୍ୟବସ୍ଥାରେ ସାମିଲ କରିବାରେ ଅସୁବିଧା ସୃଷ୍ଟି କରେ । ଭିନ୍ନକ୍ଷମଙ୍କ ପ୍ରତି ସାମାଜର ସାଧାରଣତଃ ଏକ ନକାରାତ୍ମକ ଦୃଷ୍ଟିକୋଣ ଥାଏ । ଶାରୀରିକ ଅକ୍ଷମତାକୁ ସମାଜ ଏକ କଳଙ୍କ ଭାବେ ଦେଖେ । ପୂର୍ବଜନ୍ମର କର୍ମଫଳ ବା ଅଭିଶାପ ଯୋଗୁଁ ମଣିଷ ଅକ୍ଷମ ହୁଏ । ଏହା ଈଶ୍ୱରଙ୍କର ଏକ ଶାସ୍ତି ଏବଂ ଏହାକୁ କେହି ବଦଳାଇ ପାରିବେ ନାହିଁ ବୋଲି ଜନସାଧାରଣରେ ଗୋଟେ ଅବାନ୍ତର ଧାରଣା ଓ ବିଶ୍ୱାସ ରହିଛି । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ଅନେକ ସମୟରେ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ଓ ଆର୍ଥିକ ବ୍ୟବସ୍ଥାରେ ସାମିଲ କରିବା ପରିବର୍ତ୍ତେ ସେମାନଙ୍କୁ ଦୂରେଇ ଦିଅନ୍ତି । ଫଳସ୍ୱରୂପ ଭିନ୍ନକ୍ଷମମାନେ ସାମାଜିକ ପ୍ରକ୍ରିୟାରେ ଅନ୍ୟମାନଙ୍କ ଭଳି ସାମିଲ ହୋଇପାରନ୍ତି ନାହିଁ ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଦୈନନ୍ଦିନ ନାନା ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସମାଜର ଏହି ହତାଦର ଭାବ ଓ ପ୍ରତିକୂଳତା ଯୋଗୁଁ ଅନେକ ଭିନ୍ନକ୍ଷମଙ୍କ ଜୀବନଧାରଣର ମାନ ବିଗିଡ଼ିଯାଏ । ନିଜେ ଓ ନିଜର ପରିବାର ପାଇଁ ସେମାନେ ଏକ ପ୍ରକାର ସମସ୍ୟା ଭାବେ ବିବେଚିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ ଅନେକ ନିଜକୁ ଏକାନ୍ତ ଅନାବଶ୍ୟକ ଓ ସମାଜ ତଥା ପରିବାର ଉପରେ ବୋଝ ବୋଲି ଭାବନ୍ତି । ସେମାନଙ୍କ ପରିବାର, ପିତାମାତା, ପୁତ୍ରକନ୍ୟା, ଭାଇଭଉଣୀ ମଧ୍ୟ



Unfiled Notes Page 16

**ନିଜର ସୁରକ୍ଷା ପାଇଁ ଭିନ୍ନକ୍ଷମମାନେ ସମାଜର ସାହାଯ୍ୟ, ସହଯୋଗ ଆବଶ୍ୟକ କରୁଥିବାବେଳେ ଫଳ କିନ୍ତୁ ଅନେକ ସମୟରେ ଓଲଟା ହୁଏ ଅନେକଙ୍କ ପାଇଁ । ସେମାନଙ୍କ ମତରେ ସମାଜରୁ ସାହାଯ୍ୟ ସହଯୋଗ ପାଇବା ପରିବର୍ତ୍ତେ ସମାଜର ନକାରାତ୍ମକ ଦୃଷ୍ଟିକୋଣ ବିରୋଧରେ ସଂଗ୍ରାମ କରିବାରେ ସେମାନଙ୍କର ଅଧିକ ସମୟ ଯାଏ ।**

ନକାରାତ୍ମକ ମନୋଭାବ, ଦାରିଦ୍ର୍ୟ ଓ ସାମାଜିକ ବ୍ୟବସ୍ଥାରୁ ବାଦ ପଡ଼ିବା ସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ନିଜର ସୁରକ୍ଷା ପାଇଁ ଭିନ୍ନକ୍ଷମମାନେ ସମାଜର ସାହାଯ୍ୟ, ସହଯୋଗ ଆବଶ୍ୟକ କରୁଥିବାବେଳେ ଫଳ କିନ୍ତୁ ଅନେକ ସମୟରେ ଓଲଟା ହୁଏ ଅନେକଙ୍କ ପାଇଁ । ସେମାନଙ୍କ ମତରେ ସମାଜରୁ ସାହାଯ୍ୟ ସହଯୋଗ ପାଇବା ପରିବର୍ତ୍ତେ ସମାଜର ନକାରାତ୍ମକ ଦୃଷ୍ଟିକୋଣ ବିରୋଧରେ ସଂଗ୍ରାମ କରିବାରେ ସେମାନଙ୍କର ଅଧିକ ସମୟ ଯାଏ ।

ଉପଯୁକ୍ତ ପରିବେଶ, ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ମଣିଷ ସାମାଜିକ, ଆର୍ଥିକ ଓ ବ୍ୟକ୍ତିଗତ ସ୍ତରରେ ଅବହେଳାର ସମ୍ମୁଖୀନ ହୋଇ ସାମାଜିକ ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନ ହୁଏ । ସମାଜରେ ସଂଲଗ୍ନ ନହୋଇ ବିଚ୍ଛିନ୍ନ ହୋଇ ରହିବାର ସ୍ଥିତି ସବୁଠୁ ବଡ଼ ଅବହେଳା । ସାମାଜିକ ବ୍ୟବସ୍ଥାରେ ବଞ୍ଚିତ ଓ ଉପେକ୍ଷିତ ହେବାର ସ୍ତର ବିବିଧ । ଲିଙ୍ଗଗତ ବିଚାର ବାହାରେ ଭିନ୍ନକ୍ଷମମାନେ ଜାତି, ସଂପ୍ରଦାୟ, ଧର୍ମ, ଆଞ୍ଚଳିକତା ଆଦି ସାମାଜିକ ବିଚାରରେ ମଧ୍ୟ ବଞ୍ଚିତ ଓ ଉପେକ୍ଷିତ ହୋଇଥାନ୍ତି । ଉଭୟ ଲିଙ୍ଗ ଓ ଭିନ୍ନକ୍ଷମତା ଏ କ୍ଷେତ୍ରରେ ମଧ୍ୟ ଜଣେ ବ୍ୟକ୍ତିକୁ ଶାରୀରିକ ବିଚାରରୁ ନ୍ୟୁନ କରିଥାଏ । ଜଣେ ଭିନ୍ନକ୍ଷମ ପୁରୁଷ ଅର୍ଥ ସାଧାରଣ ବିଚାରରେ ଧରି ନିଆଯାଏଯେ ତାହାର ପୌରୁଷ ଓ ଦକ୍ଷତା ସ୍ୱାଭାବିକତାଠାରୁ କମ୍ ଏବଂ ସେ ପରାଶ୍ରୟୀ । ମହିଳାଙ୍କ କ୍ଷେତ୍ରରେ ଧରି ନିଆଯାଏ ଯେ ସଂପୃକ୍ତ ଭିନ୍ନକ୍ଷମ ଜଣେ ଘରଣୀ, ପତ୍ନୀ, ମା ହେବାକୁ ମୋଟାମୋଟି ଅଯୋଗ୍ୟା । ଶାରୀରିକ ଦୃଷ୍ଟିରୁ ମହିଳାଙ୍କ ସ୍ୱାଭାବିକ ସୌନ୍ଦର୍ଯ୍ୟ ଓ ଗୁଣ ତା' ପାଖରେ ନାହିଁ । ଅତଏବ ସେମାନେ ସବୁଠୁ ଅଧିକ ଅବହେଳିତ, ବଞ୍ଚିତ । ଶାରୀରିକ, ମାନସିକ ଓ ସାମାଜିକ ଦୃଷ୍ଟିରୁ ଭିନ୍ନକ୍ଷମ ମହିଳାମାନେ ଶତାବ୍ଦୀ ଶତାବ୍ଦୀ ଧରି ନିର୍ଯାତିତା । ଏମାନେ ପ୍ରାୟତଃ ବାଚନିକ, ଶାରୀରିକ ଅତ୍ୟାଚାର ଏବଂ ଯୌନ ନିର୍ଯାତନାର ସମ୍ମୁଖୀନ ହୋଇଥାନ୍ତି ।

ପ୍ରାଥମିକ ସ୍କୁଲ ସ୍ତରରେ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମ ଓ ଖେଳକୁଦ ଭଳି ସାଧାରଣ ସ୍ୱାର୍ଥ ଜଡ଼ିତ କାମରେ ପିଲାମାନଙ୍କ ମଧ୍ୟରେ ବନ୍ଧୁତା ଓ ପାରସ୍ପରିକ ସୁସଂପର୍କ ଗଢ଼ିଉଠେ । ତେବେ ଏ କ୍ଷେତ୍ରରେ ଅନେକ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଖରେ ବନ୍ଧୁତା ସ୍ଥାପନ ପାଇଁ ଆବଶ୍ୟକ ସାମାଜିକ ଦକ୍ଷତା ଓ କୌଶଳ ନଥାଏ । ଏହି ବନ୍ଧୁତା ସ୍ଥାପନ କ୍ଷେତ୍ରରେ ଯୋଗାଯୋଗ ବା କଥାବାର୍ତ୍ତାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପିଲାଏ ପରିବାରସ୍ତରରୁ ଏହି କଥାବାର୍ତ୍ତାର କୌଶଳ ଓ ଆଦବ କାଏଦା ହାସଲ କରିଥାନ୍ତି ଏବଂ ତା'କୁ ସମ୍ବଳ କରି ପରବର୍ତ୍ତୀ ସମୟରେ ବିଭିନ୍ନ ସାମାଜିକ କ୍ଷେତ୍ରରେ ବନ୍ଧୁତା ସ୍ଥାପନ ଓ ସହୋଦରଭାବ ବଢ଼ାଇଥାନ୍ତି । ପିଲାଦିନେ ବ୍ୟବହାରର ସାମାଜିକ ଶୈଳୀର ବିକାଶ ଘଟେ । ଏହା ଭବିଷ୍ୟତର ମୂଳଦୁଆ ପକାଏ । ଯେଉଁ ପିଲାମାନେ ଶ୍ରବଣ ଓ ବୁଦ୍ଧିବାଧିତ ସେମାନେ ନିଜ ଚାରିପଟରେ ଥିବା ଲୋକଙ୍କ ସହ ସଫଳ ଯୋଗାଯୋଗ ବା କଥାବାର୍ତ୍ତା କରିପାରିନଥାନ୍ତି । ନୂଆ ବନ୍ଧୁ, ନୂଆ ସଂପର୍କ ସ୍ଥାପନ କରିବାରେ ବିଫଳ ହେଉଥିବା ଏହି ବର୍ଗର ପିଲାମାନେ କ୍ରମଶଃ ନିଜର ଆତ୍ମବିଶ୍ୱାସ ହରାଇ ନିଃସଙ୍ଗ ହୋଇପଡ଼ନ୍ତି । ସେମାନଙ୍କର ସାମାଜିକ ମିଳନ ବ୍ୟାହତ ହୁଏ ।

ଅନ୍ୟ ପକ୍ଷରେ ଦୃଷ୍ଟିବାଧିତ ଓ

**ଉପଯୁକ୍ତ ପରିବେଶ, ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ମଣିଷ ସାମାଜିକ, ଆର୍ଥିକ ଓ ବ୍ୟକ୍ତିଗତ ସ୍ତରରେ ଅବହେଳାର ସମ୍ମୁଖୀନ ହୋଇ ସାମାଜିକ ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନ ହୁଏ । ସମାଜରେ ସଂଲଗ୍ନ ନହୋଇ ବିଚ୍ଛିନ୍ନ ହୋଇ ରହିବାର ସ୍ଥିତି ସବୁଠୁ ବଡ଼ ଅବହେଳା । ସାମାଜିକ ବ୍ୟବସ୍ଥାରେ ବଞ୍ଚିତ ଓ ଉପେକ୍ଷିତ ହେବାର ସ୍ତର ବିବିଧ । ଲିଙ୍ଗଗତ ବିଚାର ବାହାରେ ଭିନ୍ନକ୍ଷମମାନେ ଜାତି, ସଂପ୍ରଦାୟ, ଧର୍ମ, ଆଞ୍ଚଳିକତା ଆଦି ସାମାଜିକ ବିଚାରରେ ମଧ୍ୟ ବଞ୍ଚିତ ଓ ଉପେକ୍ଷିତ ହୋଇଥାନ୍ତି । ଉଭୟ ଲିଙ୍ଗ ଓ ଭିନ୍ନକ୍ଷମତା ଏ କ୍ଷେତ୍ରରେ ମଧ୍ୟ ଜଣେ ବ୍ୟକ୍ତିକୁ ଶାରୀରିକ ବିଚାରରୁ ନ୍ୟୁନ କରିଥାଏ । ଜଣେ ଭିନ୍ନକ୍ଷମ ପୁରୁଷ ଅର୍ଥ ସାଧାରଣ ବିଚାରରେ ଧରି ନିଆଯାଏ ଯେ ତାହାର ପୌରୁଷ ଓ ଦକ୍ଷତା ସ୍ୱାଭାବିକତାଠାରୁ କମ୍ ଏବଂ ସେ ପରାଶ୍ରୟୀ ।**

> **ଶାରୀରିକ ଅକ୍ଷମତା ଭୋଗୁଥିବା ଲୋକ ନିଜ ପାଇଁ ଏକ ଅନୁକୂଳ ପରିବେଶ ଖୋଜି ପାଇବା ସହଜ ନୁହେଁ । ଉଦାହରଣ ସ୍ୱରୂପ ଏମାନେ ନିଜକୁ ସୁହାଉଥିବା ପରିବହନ ବ୍ୟବସ୍ଥା, ଅଟ୍ଟାଳିକା ଆଦି ପାଆନ୍ତି ନାହିଁ । ମୁମ୍ବଇ ଭଳି ମହାନଗରୀରେ ଯାତ୍ରା କରିବା ପାଇଁ ଭିନ୍ନକ୍ଷମଙ୍କ ପକ୍ଷେ ଆଦୌ ସହଜ ନୁହେଁ । ବସ୍‌ଷ୍ଟାଣ୍ଡ ଓ ରେଲଷ୍ଟେସନରେ ଗାଡ଼ି ଚଢ଼ିବା ପାଇଁ ଏମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରାୟ ନାହିଁ । ଯାହା ଅଛି ତାହା ଯଥେଷ୍ଟ ନୁହେଁ । ସକ୍ଷମଙ୍କ ପରି ଭିନ୍ନକ୍ଷମଙ୍କର ଟ୍ରେନ୍, ବସ୍‌ରେ ଚଢ଼ି ନିରାପଦରେ ଯାତ୍ରା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଏଥିପାଇଁ ଭିନ୍ନକ୍ଷମ ସଂଘବଦ୍ଧ ଭାବେ ରେଲବାଇ ବୋର୍ଡର ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ ।**

ଚଳନ କ୍ଷମତା ନଥିବା ପିଲାମାନେ ସେମାନଙ୍କର ଶାରୀରିକ ସୀମିତତା ସତ୍ତ୍ୱେ ନିଜ ଚାରିପାଖର ପରିବେଶ ସହିତ ନିଜକୁ ସଫଳ ଭାବେ ଯୋଡ଼ି ପାରିଥାନ୍ତି । ସେମାନଙ୍କର ଶୁଣିବା ଓ ଭାବ ପ୍ରକାଶ ଜନିତ ଅସୁବିଧା ପ୍ରାୟତଃ ନଥାଏ । ଏହି ବର୍ଗର ଭିନ୍ନକ୍ଷମଙ୍କୁ ସମାଜ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଗ୍ରହଣ କରିଥାଏ । ତେଣୁ ଯେଉଁ ଭିନ୍ନକ୍ଷମମାନେ ଠିକ୍ ଭାବେ କଥାବାର୍ତ୍ତା କରିପାରନ୍ତିନି ବା ନିଜର ଅସୁବିଧା ପ୍ରକାଶ କରିବାରେ ସମସ୍ୟାର ସମ୍ମୁଖୀନ, ସେମାନଙ୍କ ପ୍ରତି ସମାଜ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ଏହାଦ୍ୱାରା ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ବେଳେ ବେଳେ ଭିନ୍ନକ୍ଷମମାନଙ୍କୁ ଅପଦାର୍ଥ ଓ ବୋଝ ବୋଲି ଚିତ୍ରିତ କରାଯାଏ । ସେମାନେ ନିଜର ଅକ୍ଷମତା ପାଇଁ ଶିକ୍ଷା ଓ ନିଯୁକ୍ତିରୁ ବଞ୍ଚିତ ହୁଅନ୍ତି । ଅନ୍ୟମାନଙ୍କ ସହ ସଫଳ ସମ୍ପର୍କ ରକ୍ଷା କରିବାକୁ ଅସମର୍ଥ । ଏଥିପାଇଁ ସେମାନେ ନିଜ ହାଲତ ପାଇଁ ନିଜେ ଦାୟୀ ବୋଲି କୁହାଯାଏ । ଏଭଳି କଥା ସେମାନଙ୍କୁ ଆଘାତ ଦେଉଥିଲେ ହେଁ ଏଥିରେ କିଛି ସନ୍ଦେଶ ଥାଏ ।

ଅନେକ ଭିନ୍ନକ୍ଷମ ନିଜର ସ୍ଥାନୀୟ ସଂପ୍ରଦାୟ ଓ ଅର୍ଥନୀତିକୁ ଉପଯୁକ୍ତ ଅବଦାନ ଯୋଗାଇବାରେ ବିଫଳ ହୋଇଥାନ୍ତି । ସେମାନଙ୍କୁ ଆବଶ୍ୟକ ସହାୟତା ଓ ସମର୍ଥନ ମିଳିଲେ ସେମାନେ ଏ କ୍ଷେତ୍ରରେ ସଫଳ ହୋଇପାରିବେ । ସେହି ସୁଯୋଗ ନଥିବାରୁ ଅନେକ ଏବେ ବେକାର । ସେମାନଙ୍କ ଉତ୍ପାଦନ ଦକ୍ଷତାର ଉପଯୋଗ କରାଯିବା ଆବଶ୍ୟକ । ଅନେକ ଭିନ୍ନକ୍ଷମ କାର୍ଯ୍ୟ କରି ରୋଜଗାରକ୍ଷମ ହେବାର ସୁଯୋଗ ପାଉନଥିବାରୁ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ଏବଂ ପାରିବାରିକ ସହାୟତା ଉପରେ ନିର୍ଭର କରୁଛନ୍ତି । ନିଜର ରୋଜଗାର କାଳର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁଁ ଅବସର ପରେ ସେମାନେ ଏକ ଆରାମଦାୟକ ବାର୍ଦ୍ଧକ୍ୟ ଜୀବନ ବିତାଇବାରେ ସଫଳ ହୁଅନ୍ତି ନାହିଁ । ଫଳରେ ପରିଣତ ବୟସରେ ଦୁଃଖ ବଢ଼େ ।

ଶାରୀରିକ ଅକ୍ଷମତା ଭୋଗୁଥିବା ଲୋକ ନିଜ ପାଇଁ ଏକ ଅନୁକୂଳ ପରିବେଶ ଖୋଜି ପାଇବା ସହଜ ନୁହେଁ । ଉଦାହରଣ ସ୍ୱରୂପ ଏମାନେ ନିଜକୁ ସୁହାଉଥିବା ପରିବହନ ବ୍ୟବସ୍ଥା, ଅଟ୍ଟାଳିକା ଆଦି ପାଆନ୍ତି ନାହିଁ । ମୁମ୍ବଇ ଭଳି ମହାନଗରୀରେ ଯାତ୍ରା କରିବା ପାଇଁ ଭିନ୍ନକ୍ଷମଙ୍କ ପକ୍ଷେ ଆଦୌ ସହଜ ନୁହେଁ । ବସ୍‌ଷ୍ଟାଣ୍ଡ ଓ ରେଲଷ୍ଟେସନରେ ଗାଡ଼ି ଚଢ଼ିବା ପାଇଁ ଏମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରାୟ ନାହିଁ । ଯାହା ଅଛି ତାହା ଯଥେଷ୍ଟ ନୁହେଁ । ସକ୍ଷମଙ୍କ ପରି ଭିନ୍ନକ୍ଷମଙ୍କର ଟ୍ରେନ୍, ବସ୍‌ରେ ଚଢ଼ି ନିରାପଦରେ ଯାତ୍ରା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଏଥିପାଇଁ ଭିନ୍ନକ୍ଷମ ସଂଘବଦ୍ଧ ଭାବେ ରେଳବାଇ ବୋର୍ଡର ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ ।

ଭିନ୍ନକ୍ଷମଙ୍କ ସମସ୍ୟା ସମାଧାନ କରିବା ପାଇଁ ସରକାରଙ୍କର ନୀତି ନିୟମ ଅଛି । ତେବେ ଏହି ନୀତି ପ୍ରସ୍ତୁତ ବେଳେ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମତାକୁ ଅଲଗା ଅଲଗା ଭାବେ ବିଚାରକୁ ନିଆଯାଏ ନାହିଁ । ଭିନ୍ନକ୍ଷମ ବିଭିନ୍ନ ପ୍ରକାରର ଥିବାରୁ ପ୍ରତ୍ୟେକ ବର୍ଗର

> **ଭିନ୍ନକ୍ଷମଙ୍କ ସମସ୍ୟା ସମାଧାନ କରିବା ପାଇଁ ସରକାରଙ୍କର ନୀତି ନିୟମ ଅଛି । ତେବେ ଏହି ନୀତି ପ୍ରସ୍ତୁତ ବେଳେ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମତାକୁ ଅଲଗା ଅଲଗା ଭାବେ ବିଚାରକୁ ନିଆଯାଏ ନାହିଁ । ଭିନ୍ନକ୍ଷମ ବିଭିନ୍ନ ପ୍ରକାରର ଥିବାରୁ ପ୍ରତ୍ୟେକ ବର୍ଗର ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଲୋଡ଼ା । ଏସବୁ କାରଣରୁ ଭିନ୍ନକ୍ଷମମାନେ ବିଚାର କରନ୍ତି ଯେ ସେମାନେ ଏକ ଜଟିଳ, ବିଭାଜିତ ଅମଲାତାନ୍ତ୍ରିକ ବ୍ୟବସ୍ଥା ବିରୋଧରେ ନିଜର ହକ୍ ପାଇଁ ଲଢ଼େଇ କରୁଛନ୍ତି ।**

ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଲୋଡ଼ା । ଏସବୁ କାରଣରୁ ଭିନ୍ନକ୍ଷମମାନେ ବିଚାର କରନ୍ତି ଯେ ସେମାନେ ଏକ ଜଟିଳ, ବିଭାଜିତ ଅମଲାତାନ୍ତ୍ରିକ ବ୍ୟବସ୍ଥା ବିରୋଧରେ ନିଜର ହକ୍ ପାଇଁ ଲଢ଼େଇ କରୁଛନ୍ତି । ଏହି ରାଜନୈତିକ ଓ ଆଇନଗତ ପ୍ରକ୍ରିୟା ଯୋଗୁଁ ଭିନ୍ନକ୍ଷମମାନେ ବାଧ ହୋଇ ଏକୁଟିଆ ହୋଇପଡ଼ନ୍ତି । ସେମାନେ ସୁବିଧା ସୁଯୋଗରୁ ବଞ୍ଚିତ ହେବା ସହ ସାମାଜିକ ସ୍ରୋତରୁ ବାଦ ପଡ଼ିଯାଆନ୍ତି ।

**ରଣକୌଶଳ :** ଭିନ୍ନକ୍ଷମଙ୍କ ଉପରେ ସମାଜ ଏକ ପ୍ରକାର ଅତ୍ୟାଚାର ଚଳାଇଛି । ତେଣୁ ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ପ୍ରଦାନ କରି ସାମାଜିକ ବ୍ୟବସ୍ଥାରେ ସଂଯୁକ୍ତ କରିବାର ଦାବିକୁ ଏକ ଯଥାର୍ଥ ପ୍ରତିବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭିନ୍ନକ୍ଷମଙ୍କ ହଇରାଣ ହରକତ ଓ ଶୋଷଣରୁ ଅବସାନ ଲୋଡ଼ା । ଭିନ୍ନକ୍ଷମଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାହାର ଅବସାନ ଆବଶ୍ୟକ । ଘର, ସଂପ୍ରଦାୟ ଓ କାର୍ଯ୍ୟସ୍ଥଳୀରେ ଯଥାର୍ଥ ନାଗରିକ ଭାବେ ଏମାନଙ୍କୁ ନିଜର କାର୍ଯ୍ୟ ସମ୍ପାଦନ କରିବାର ଉପଯୁକ୍ତ ସୁଯୋଗ ଦିଆଯିବା ଦରକାର । ସ୍ୱଳ୍ପ ଆଶା ଓ ଅନ୍ୟ ଉପରେ ନିର୍ଭରଶୀଳ ହେବା ସଂସ୍କୃତିର ବେଳ ଆଉ ନାହିଁ । ଆମକୁ ଏପରି ଏକ ସମାଜ ଅଭିମୁଖେ ଆଗେଇବାକୁ ପଡ଼ିବ ଯେଉଁଠି ଭିନ୍ନକ୍ଷମଙ୍କ ଉପରେ ଆମକୁ ନିବେଶ କରିବାକୁ ହେବ । ସେମାନଙ୍କୁ ସାହାଯ୍ୟ ସହଯୋଗ କରି ସଶକ୍ତ କରିବା ସହ ସାମାଜିକ ବ୍ୟବସ୍ଥାରେ ଯୋଡ଼ିବାକୁ ହେବ । ଅତ୍ୟନ୍ତ ସତର୍କତାର ସହ ଏ ବିଷୟରେ ଚିନ୍ତା କରି ଯୋଜନା ପ୍ରସ୍ତୁତ କରିବା ସହ ଆବଶ୍ୟକ ସମ୍ବଳର ବ୍ୟବସ୍ଥା କରିବାକୁ ପଡ଼ିବ । ଏ କ୍ଷେତ୍ରରେ ଆମର ବିଚାର ନିମ୍ନମତେ ହେବା ଆବଶ୍ୟକ ।

**ଭିନ୍ନକ୍ଷମଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାହାର ଅବସାନ ଆବଶ୍ୟକ । ଘର, ସଂପ୍ରଦାୟ ଓ କାର୍ଯ୍ୟସ୍ଥଳୀରେ ଯଥାର୍ଥ ନାଗରିକ ଭାବେ ଏମାନଙ୍କୁ ନିଜର କାର୍ଯ୍ୟ ସମ୍ପାଦନ କରିବାର ଉପଯୁକ୍ତ ସୁଯୋଗ ଦିଆଯିବା ଦରକାର । ସ୍ୱଳ୍ପ ଆଶା ଓ ଅନ୍ୟ ଉପରେ ନିର୍ଭରଶୀଳ ହେବା ସଂସ୍କୃତିର ବେଳ ଆଉ ନାହିଁ । ଆମକୁ ଏପରି ଏକ ସମାଜ ଅଭିମୁଖେ ଆଗେଇବାକୁ ପଡ଼ିବ ଯେଉଁଠି ଭିନ୍ନକ୍ଷମଙ୍କ ଉପରେ ଆମକୁ ନିବେଶ କରିବାକୁ ହେବ । ସେମାନଙ୍କୁ ସାହାଯ୍ୟ ସହଯୋଗ କରି ସଶକ୍ତ କରିବା ସହ ସାମାଜିକ ବ୍ୟବସ୍ଥାରେ ଯୋଡ଼ିବାକୁ ହେବ ।**

୧) ବିଭିନ୍ନ ପ୍ରକାର ଭିନ୍ନକ୍ଷମ ଏବଂ ସେମାନଙ୍କର ଆବଶ୍ୟକତା ଓ ଦକ୍ଷତା ସମ୍ପର୍କରେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ପୂର୍ବକ ଉପାୟ ବାହାର କରିବା ସହ ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ।

୨) ଚିକିତ୍ସକ, ଶିକ୍ଷକ, ଅମଲା, ଓକିଲ, ନିଯୁକ୍ତିଦାତା, ନିଯୁକ୍ତି ଅଧିକାରୀ, ସ୍ଥାନୀୟ ଜନଗୋଷ୍ଠୀର ନେତାଙ୍କୁ ଭିନ୍ନକ୍ଷମତା ସମ୍ପର୍କରେ ତାଲିମ ପ୍ରଦାନ କରି ସେମାନଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନ ଓ ଦକ୍ଷତା ବୃଦ୍ଧି ।

୩) ଭିନ୍ନକ୍ଷମଙ୍କ ସାମର୍ଥ୍ୟକୁ ଠାବ କରି ସେମାନଙ୍କ ଦକ୍ଷତାର ଉପଯୋଗ ଉପରେ ଗୁରୁତ୍ୱ ଏବଂ ସେମାନଙ୍କୁ ସଶକ୍ତ ହେବାକୁ ଉତ୍ସାହିତ କରିବା ।

୪) ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କୁ ଶିକ୍ଷାଦାନ ପାଇଁ ବାଧ୍ୟତାମୂଳକ ପାଠ୍ୟକ୍ରମ ପ୍ରଚଳନ ଏବଂ ଏଥିପାଇଁ ବିଏଡ୍ ଓ ଏମ୍ଏଡ୍ ସ୍ତରରେ ଶିକ୍ଷକ ତାଲିମ ବ୍ୟବସ୍ଥା ।

୫) ଭିନ୍ନକ୍ଷମଙ୍କୁ ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ସୁଯୋଗ ଓ ସୁବିଧା ପ୍ରଦାନ କରିବା ସହ ସାମାଜିକ ବିକାଶ କ୍ଷେତ୍ରରେ ସହଯୋଗୀ ହେବାର ଅବକାଶ ସୃଷ୍ଟି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଯୋଜନା ପ୍ରଣୟନ କରି ସେମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରାଇବାର ବ୍ୟବସ୍ଥା ।

୬) ଲୋକଙ୍କ ପାଇଁ ସରକାର ପ୍ରସ୍ତୁତ କରୁଥିବା ପ୍ରମୁଖ ନୀତି ଓ ଆଇନରେ ଭିନ୍ନକ୍ଷମଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ ।

୭) ଭିନ୍ନକ୍ଷମଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା ଓ ସହାୟତା ନୀତିର ସମୀକ୍ଷା ଲୋଡ଼ା । ଭିନ୍ନକ୍ଷମଙ୍କ ସହ ଆଲୋଚନା ପୂର୍ବକ ସରକାର ଏହି ନୀତି ପରିବର୍ତ୍ତନ କରିବା ଆବଶ୍ୟକ ।

୮) ପ୍ରତିବନ୍ଧକମୁକ୍ତ ଓ ଅନ୍ତର୍ନିବେଶୀ ପରିବେଶ ପାଇଁ ସାର୍ବଜନୀନ ଡିଜାଇନ୍ ପ୍ରବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ।

•

ଲେଖିକା ହେଉଛନ୍ତି ମୁମ୍ବାଇସ୍ଥିତ ସାମାଜିକ ବିଜ୍ଞାନ ସଂପର୍କିତ ଟାଟା ଅନୁଷ୍ଠାନର ଭିନ୍ନକ୍ଷମତା ଅଧ୍ୟୟନ କେନ୍ଦ୍ରରେ ସହ ପ୍ରାଧ୍ୟାପିକା ।

# ଭିନ୍ନକ୍ଷମଙ୍କ ମଙ୍ଗଳପାଇଁ ସୁଗମତା

ଶିବାନୀ ଗୁପ୍ତା

> **ଭିନ୍ନକ୍ଷମଙ୍କ ପାଇଁ ସମାନ ସୁଯୋଗ ସମ୍ପର୍କୀତ ମିଳିତ ଜାତିସଂଘ ନିୟମାବଳୀର ନିୟମ ସଂଖ୍ୟା ୫ରେ ଭିନ୍ନକ୍ଷମଙ୍କ ପାରିପାର୍ଶ୍ୱିକ ସାନ୍ନିଧ ଲାଭ କରିବାପାଇଁ ନିର୍ଦ୍ଦେଶାବଳୀ ରହିଛି । ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କୀତ କନ୍‌ଭେନ୍‌ସନ୍‌ରେ ମଧ୍ୟ ସୁଗମତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏ ସମ୍ପର୍କୀତ ଧାରା ୯ ଓ ବାକ୍ ସ୍ୱାଧୀନତା ସମ୍ପର୍କୀତ ଧାରା ୨୧ର ଯୁଗ୍ମ କାର୍ଯ୍ୟକାରୀତା ଉପରେ ପ୍ରାଧାନ୍ୟ ଦିଆଯାଇଛି । ସେହିଭଳି ଧାରା ୪ରେ ସମସ୍ତ ଭିନ୍ନକ୍ଷମ ନାଗରିକଙ୍କ ପାଇଁ ସୁଗମତା ବା ସାନ୍ନିଧ ସୁନିଶ୍ଚିତ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଛି ।**

ବିଭିନ୍ନ ବସ୍ତୁ, ସେବା ଓ ସମ୍ବଳର ସୁଗମତା ଉପରେ ନିର୍ଭର କରେ ଭିନ୍ନକ୍ଷମଙ୍କ କଲ୍ୟାଣ । ଏହାଦ୍ୱାରା ସେମାନେ ଗୋଷ୍ଠୀଗତ ଅଂଶଗ୍ରହଣ ସୁନିଶ୍ଚିତ କରିପାରିବା ସହିତ, ସ୍ୱାଧୀନ ଭାବେ ଜୀବନ ଯାପନ କରିଥାନ୍ତି । ଭିନ୍ନକ୍ଷମତା ଓ ସୁଗମତା ପରସ୍ପରର ବିପରୀତ । ସୁଗମତା ଲାଭ ସହିତ ଭିନ୍ନକ୍ଷମତା ଜନିତ ଅସୁବିଧା ଓ ଅଭାବ ଦୂରୀଭୂତ ହୁଏ । ଏହା ଯେତେ ଅଧିକ, ଭିନ୍ନକ୍ଷମତାର ବିଯୁକ୍ତାତ୍ମକ ପ୍ରଭାବ ସେତେ କମ୍ । ଏହାଛଡ଼ା କେବଳ ଭିନ୍ନକ୍ଷମ କାହିଁକି, ସୁଗମତା ହେଉଛି ପ୍ରତ୍ୟେକ ମଣିଷର ଅଧିକାର ।

ଭିନ୍ନକ୍ଷମଙ୍କ ପାଇଁ ଏକ ପ୍ରତିବନ୍ଧକମୁକ୍ତ ପରିବେଶ ସୃଷ୍ଟି କରିବା ପ୍ରୟାସରୁ ଜନ୍ମ ନିଏ ସୁଗମତାର ଚିନ୍ତାଧାରା । ଏହି ଢାଞ୍ଚାର ମୂଳମନ୍ତ୍ର ହେଉଛି ଅନ୍ତର୍ଭୁକ୍ତିକରଣ । ଏହାଦ୍ୱାରା ସାମାଜିକ, ଆର୍ଥିକ, ସାଂସ୍କୃତିକ, ଲିଙ୍ଗଗତ ଓ ଗୋଷ୍ଠୀଗତ ବିବିଧତା ସତ୍ତ୍ୱେ, ସମସ୍ତଙ୍କ ପାଇଁ ସମାନତା ସୁନିଶ୍ଚିତ କରାଯାଏ । ପୁନଶ୍ଚ, ଏହାର ଅର୍ଥ ଭିନ୍ନକ୍ଷମଙ୍କ ପାଇଁ କୌଣସି ବିଶେଷ ବ୍ୟବସ୍ଥା ବଦଳରେ, ଏଭଳି ବ୍ୟବସ୍ଥା ହେବା ଦରକାର, ଯଦ୍ୱାରା ଭିନ୍ନକ୍ଷମଙ୍କ ସମେତ ସମସ୍ତେ ଉପକୃତ ହୋଇପାରିବେ । ଏହି ସର୍ବସାଧାରଣ ବ୍ୟବସ୍ଥାରେ ଥିବା ସ୍ୱାଧୀନତା, ସୁରକ୍ଷା ଓ ବ୍ୟବହାର ଉପଯୋଗିତା ଯୋଗୁଁ ସମସ୍ତେ ଲାଭାନ୍ୱିତ ହେବେ । ଏହି ସାର୍ବଜନୀନ ଢାଞ୍ଚାର କାର୍ଯ୍ୟକ୍ଷମତା ପାଇଁ ବିଶେଷ ଆର୍ଥିକ ବୋଝ ପଡ଼େ ନାହିଁ । କାରଣ ଏହା ଅଧୀନରେ ଭିନ୍ନକ୍ଷମଙ୍କପାଇଁ କୌଣସି ବିଶେଷ ବ୍ୟବସ୍ଥା କରିବାକୁ ପଡ଼େ ନାହିଁ । ପ୍ରତ୍ୟେକ ସୁବିଧା ସୁଯୋଗର ବ୍ୟୟଭାର ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ହୋଇଯାଏ ।

ଭିନ୍ନକ୍ଷମଙ୍କ ପାଇଁ ସମାନ ସୁଯୋଗ ସମ୍ପର୍କୀତ ମିଳିତ ଜାତିସଂଘ ନିୟମାବଳୀର ନିୟମ ସଂଖ୍ୟା ୫ରେ ଭିନ୍ନକ୍ଷମଙ୍କ ପାରିପାର୍ଶ୍ୱିକ ସାନ୍ନିଧ ଲାଭ କରିବାପାଇଁ ନିର୍ଦ୍ଦେଶାବଳୀ ରହିଛି । ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କୀତ କନ୍‌ଭେନ୍‌ସନ୍‌ରେ ମଧ୍ୟ ସୁଗମତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏ ସମ୍ପର୍କୀତ ଧାରା ୯ ଓ ବାକ୍ ସ୍ୱାଧୀନତା ସମ୍ପର୍କୀତ ଧାରା ୨୧ର ଯୁଗ୍ମ କାର୍ଯ୍ୟକାରୀତା ଉପରେ ପ୍ରାଧାନ୍ୟ ଦିଆଯାଇଛି । ସେହିଭଳି ଧାରା ୪ରେ ସମସ୍ତ ଭିନ୍ନକ୍ଷମ ନାଗରିକଙ୍କ ପାଇଁ ସୁଗମତା ବା ସାନ୍ନିଧ ସୁନିଶ୍ଚିତ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଛି । ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଭିନ୍ନକ୍ଷମ ସମ୍ପର୍କୀତ ଦଶନ୍ଧି ଘୋଷଣାନାମାର (୨୦୧୩-୨୦୨୨) ତିନି ନମ୍ବର ଲକ୍ଷ୍ୟରେ "ସୁଗମତା" ସୁନିଶ୍ଚିତ କରିବାକୁ କୁହାଯାଇଛି । ଭିନ୍ନକ୍ଷମମାନେ ଭୌତିକ ପରିବେଶ, ସର୍ବସାଧାରଣ ଯାତାୟତ ବ୍ୟବସ୍ଥା, ଜ୍ଞାନ, ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାର ସୁଗମତା ଲାଭ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ଏହି ଘୋଷଣାନାମାକୁ ଅନୁମୋଦନ କରିଥିବା ଭାରତ ମଧ୍ୟ ଏହି ଲକ୍ଷ୍ୟ ପ୍ରାପ୍ତି ପାଇଁ ସୁଗମ୍ୟ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରିଛି ।

**ସୁଗମ୍ୟ ଭାରତ ଅଭିଯାନ :**

ଭିନ୍ନକ୍ଷମଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ସହିତ ସେମାନଙ୍କ ସ୍ୱାଧୀନତା ଓ ଅଂଶଗ୍ରହଣ ସୁନିଶ୍ଚିତ କରିବା ସକାଶେ କେନ୍ଦ୍ର ସରକାର ଏହି ମହତ୍ୱାକାଂକ୍ଷୀ ସର୍ବ ଭାରତୀୟ ଅଭିଯାନ ଆରମ୍ଭ କରିଛନ୍ତି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଏହି ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ସୂଚନା ଓ ଯୋଗାଯୋଗ ଭଳି ବିଭିନ୍ନ ପରିବେଷୀୟ ବ୍ୟବସ୍ଥାର ସୁଗମତା ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିରେ ନେତୃତ୍ୱ ସମର୍ଥନ, ଜନସଚେତନତା, କର୍ମଶାଳା ମାଧ୍ୟମରେ ଦକ୍ଷତା ବୃଦ୍ଧି, ସମ୍ବଳ ସୃଷ୍ଟି, ଆଇନ ପରାମର୍ଶ, ପ୍ରଯୁକ୍ତି ବିଦ୍ୟା ଆଧାରିତ ସମାଧାନ ଓ ସରକାରୀ-ଘରୋଇ ସହଭାଗୀତା ଉପରେ ପ୍ରାଧାନ୍ୟ ଦିଆଯାଇଛି । ବିଭାଗଦ୍ୱାରା ଏହି ଅଭିଯାନର ସଫଳତାପାଇଁ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି ।

ଭାରତ ଇତିହାସରେ ପ୍ରଥମ ଥର ପାଇଁ ସୁଗମତାକୁ ଏହାର ନ୍ୟାଯ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେଥିପାଇଁ ସମଗ୍ର ଦେଶରେ ଏହି ଅଭିଯାନକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଇଛି । ଏହି ଅଭିଯାନ ହେଉଛି ଭବିଷ୍ୟତରେ ଅଧିକ ସୁଗମତା ସୁନିଶ୍ଚିତ କରିବାର ଏକ ଅୟମାରମ୍ଭ । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି, ସୁଗମତା ସମ୍ପର୍କରେ ପର୍ଯ୍ୟାପ୍ତ ଜନସଚେତନତା ସୃଷ୍ଟି କରିବା । ତେବେ ଏହି ଅଭିଯାନର ଏକ ବଳିଷ୍ଠ ଦିଗ ହେଉଛି ଯେ, ଏହା କେବଳ ଭୌତିକ ସୁବିଧା ସୁଯୋଗର ସୁଗମତା ଉପରେ ପ୍ରାଧାନ୍ୟ ନଦେଇ, ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାର ସୁଗମତା ଉପରେ ମଧ୍ୟ ଗୁରୁତ୍ୱ ଦେଇଛି । ଅନ୍ୟପକ୍ଷରେ ସୁଗମତାକୁ ନେଇ ଥିବା ବିଭିନ୍ନ ଆହ୍ୱାନ ମଧ୍ୟ ରହିଛି ।

୧. ସୁଗମତା ସୁନିଶ୍ଚିତ କରିବାପାଇଁ ଦେଶରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ନିତୀ ବା ବ୍ୟବସ୍ଥା ନାହିଁ । ନିର୍ମିତ ପରିବେଶ, ଗମନାଗମନ, ଭିତ୍ତିଭୂମି କିମ୍ବା ଯୋଗାଯୋଗ ବ୍ୟବସ୍ଥାରେ ସୁଗମତାର ଦକ୍ଷ କାର୍ଯ୍ୟକାରୀତା ପାଇଁ କୌଣସି ନିର୍ଦ୍ଧାରୀତ ନିତୀ ନାହିଁ । ଉଦାହରଣ ସ୍ୱରୂପ, ଗମନାଗମନ ବ୍ୟବସ୍ଥାରେ ପ୍ରତୀକ ଭାଷା ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟାନ୍ୱୟନରେ ରିକ୍ତତା ରହିଛି । ସେହିଭଳି ନିର୍ମାଣାଧୀନ ପରିବେଶ/ ପରିପାଟିରେ ମଧ୍ୟ ଏଭଳି ସୁଗମତା ଆଧାରିତ ପଦକ୍ଷେପ ନିଆଯାଇପାରୁନାହିଁ । କାରଣ ଏଥିରେ ବାଧ୍ୟତାମୂଳକ କିଛି ନାହିଁ ।

୨. ଏହି ଅଭିଯାନରେ ସୁଗମତା ଅଡିଟିଂ ଉପରେ ଗୁରୁତ୍ୱ ଦିଆଯାଇଛି । ତେବେ ଦେଶରେ ବର୍ତ୍ତମାନ ଏହି କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଅଡିଟରଙ୍କ ଅଭାବ ରହିଥିବା ବେଳେ ଏ ସମ୍ପର୍କୀତ ପ୍ରଶିକ୍ଷଣ ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ ।

୩. ଏହି ଅଭିଯାନ କେବଳ ସହରାଞ୍ଚଳ କୈନ୍ଦ୍ରିକ । ଗ୍ରାମାଞ୍ଚଳ ସୁଗମତା ପାଇଁ କୌଣସି ବ୍ୟବସ୍ଥା ନାହିଁ ।

୪. ଏହି ଅଭିଯାନରେ କେବଳ ସରକାରୀ ଭିତ୍ତିଭୂମି ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । କୋଠାବାଡ଼ି, ୱେବ୍‌ସାଇଟ୍ ଏବଂ ସାଧାରଣ ଗମନା-ଗମନ ବ୍ୟବସ୍ଥା – ଏସବୁ କ୍ଷେତ୍ରରେ କେବଳ ସରକାରୀ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । ତେବେ ଜନସେବାପାଇଁ ଉଦ୍ଦିଷ୍ଟ ଘରୋଇ ବ୍ୟବସ୍ଥା ଗୁଡ଼ିକୁ ମଧ୍ୟ ଏହି ଅଭିଯାନ ଅନ୍ତର୍ଭୁକ୍ତ କରିବା ଉଚିତ ।

୫. ବସ୍ ଯୋଗାଯୋଗ ବ୍ୟବସ୍ଥା ବହୁଳ ଭାବେ ବ୍ୟବହାର କରାଯାଉଥିଲେ ମଧ୍ୟ ଏଥିରେ ସୁଗମତା ସୃଷ୍ଟି କରିବାପାଇଁ ଧ୍ୟାନ ଦିଆଯାଇ ନାହିଁ ।

୬. ଏହି ଅଭିଯାନର ରଣନିତୀ ହେଉଛି ତିଆରି ସରିଥିବା ଯୋଗାଯୋଗ, ଗମନାଗମନ ଓ କୋଠାବାଡ଼ୀ ଆଦିରେ ସୁଗମତା ସୁନିଶ୍ଚିତ କରିବା । ତେବେ ଏଭଳି ପ୍ରତ୍ୟେକ ନୂତନ ଭାବେ ନିର୍ମିତ ହେବାକୁ ଥିବା ବ୍ୟବସ୍ଥାରେ ମଧ୍ୟ ସୁଗମତା ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

କେନ୍ଦ୍ର ସମାଜ କଲ୍ୟାଣ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧିନସ୍ଥ ସୁଗମ୍ୟ ଭାରତ ଅଭିଯାନକୁ କେବଳ ଭିନ୍ନକ୍ଷମଙ୍କ ପାଇଁ ହାତକୁ ନିଆଯାଇଛି । ତେବେ ଏହା ଅନ୍ୟମାନଙ୍କ ପାଇଁ ମଧ୍ୟ ଉପାଦେୟ ଏବଂ ଏଥିପାଇଁ ଅନ୍ୟାନ୍ୟ ମନ୍ତ୍ରଣାଳୟ ମଧ୍ୟ ଏହିଭଳି ପ୍ରୟାସରେ ସାମିଲ ହେବା ଉଚିତ । ବିଭିନ୍ନ କ୍ଷେତ୍ରରେ ସୁଗମତା ସୁନିଶ୍ଚିତ କରିବାପାଇଁ ବହୁଗୁଡ଼ିଏ ଆଇନ ଓ ନିତୀର ଆବଶ୍ୟକତା ରହିଛି । ଭିନ୍ନକ୍ଷମଙ୍କ ଅଧିକାରରେ ସୁଗମତା ଏକ ଅଭିନ୍ନ ଅଙ୍ଗ ହେବା ଉଚିତ । କୋଠାବାଡ଼ୀ ନିର୍ମାଣ, ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବିକାଶ, ସଡ଼କ ଯୋଗାଯୋଗ ସମେତ ଅନ୍ୟାନ୍ୟ ଯୋଗାଯୋଗ ବ୍ୟବସ୍ଥା, ରେଳ, ବେସାମରିକ ବିମାନ ଚଳାଚଳ, ସମୁଦ୍ରପଥରେ ଯାତାୟାତ, ଇଣ୍ଟରନେଟ୍ ନିୟନ୍ତ୍ରଣ, ପ୍ରସାରଣ ଓ ଟେଲି କମ୍ୟୁନିକେସନ, ଜରୁରୀ ପରିସ୍ଥିତି ଓ ବିପର୍ଯ୍ୟୟ ପ୍ରଶମନ, ଗୃହନିର୍ମାଣ, ସଂଗ୍ରହ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପୋଲିସ୍, ଅଦାଲତ, ଖେଳକୁଦ ଓ ଏପରିକି ସଂସ୍କୃତି କ୍ଷେତ୍ରରେ ମଧ୍ୟ ସୁଗମତା ସୁନିଶ୍ଚିତ କରିବାକୁ ଆଇନର ଆବଶ୍ୟକତା ରହିଛି ।

ସୁଗମତା ସୁନିଶ୍ଚିତ କରିବାପାଇଁ, କେତେକ ଦେଶ ସୁଗମତା ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି । ଏଗୁଡ଼ିକ ମଧ୍ୟରେ କାନାଡ଼ା ଓ ୟୁରୋପୀୟ ସଂଘ ଅନ୍ତର୍ଭୁକ୍ତ । ଫିଲିପାଇନ୍ସରେ ୧୯୮୩ ମସିହାରୁ ଏପରି ଏକ ଆଇନ୍ କାର୍ଯ୍ୟ କରିଆସୁଛି ।



Unfiled Notes Page 21

**ଉପଯୁକ୍ତ ସୁଗମ୍ୟ ବାତାବରଣ ନିର୍ମାଣ :**

୧. ଭାରତୀୟ ପ୍ରତୀକ ଭାଷା ଅନୁଷ୍ଠାନ ଓ ଜାତୀୟ ଅନ୍ତର୍ନିବେଶୀ ଏବଂ ସାର୍ବଜନୀନ ଢାଞ୍ଚା ଅନୁଷ୍ଠାନକୁ ଶିଘ୍ର କାର୍ଯ୍ୟକ୍ଷମ କରାଯିବା ଉଚିତ ।

୨. ବିଭିନ୍ନ କ୍ଷେତ୍ରପାଇଁ ସର୍ବନିମ୍ନ ସୁଗମତା ସୁନିଶ୍ଚିତ କରିବା ସକାଶେ ପଦକ୍ଷେପ ନେବା ଉଚିତ ।

୩. ଇଞ୍ଜିନିୟରିଂ, ଡିଜାଇନିଂ, ମ୍ୟାନେଜମେଣ୍ଟ ଭଳି ପ୍ରତ୍ୟେକ ବୃତ୍ତିଗତ ପାଠ୍ୟକ୍ରମରେ ସୁଗମତାକୁ ଏକ ବାଧ୍ୟତାମୂଳକ ବିଷୟ କରିବା ଉଚିତ ।

୪. ପ୍ରତ୍ୟେକ ବୃହତ୍ ଯୋଜନାରେ ଭିନ୍ନକ୍ଷମଙ୍କ ସୁଗମତା ପ୍ରତି ଧ୍ୟାନ ଦିଆଯିବା ଉଚିତ ।

୫. ପ୍ରତ୍ୟେକ ନୂତନ କୋଠାରେ ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନା ଭଳି ସୁଗମତାକୁ ମଧ୍ୟ ବାଧ୍ୟତାମୂଳକ କରାଯିବା ଉଚିତ । ବର୍ତ୍ତମାନ ମଧ୍ୟ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ପାଇଁ ସୁଗମତା ସୁନିଶ୍ଚିତ କରାଯାଇନାହିଁ ।

**ସାଧାରଣ ସଂଗ୍ରହ ବ୍ୟବସ୍ଥା :**

ଯେକୌଣସି ଦେଶରେ ସରକାର ହିଁ ହେଉଛନ୍ତି ସର୍ବବୃହତ୍ ସଂଗ୍ରାହକ । ଓ.ଇ.ସି.ଡି.ର ଏକ ରିପୋର୍ଟ ଅନୁଯାୟୀ, ଭାରତ ତା'ର ସକଳ ଘରୋଇ ଉତ୍ପାଦନର ପ୍ରାୟ ୨୦ରୁ ୩୦ ପ୍ରତିଶତ ସଂଗ୍ରହ କରେ । ଏହାଦ୍ୱାରା ଆମେରିକା ଓ ୟୁରୋପୀୟ ସଂଘ ରାଷ୍ଟ୍ର ଗୁଡ଼ିକରେ ସୁଗମତା ହାସଲ କରାଯାଇପାରିଛି । ତେବେ ଭାରତରେ ଏ କ୍ଷେତ୍ରରେ ସୁଗମତା ପ୍ରସଙ୍ଗ କୁ ଗୁରୁତ୍ୱ ଦିଆଯାଇ ନାହିଁ । ଯେହେତୁ ସରକାର ବହୁ ଅର୍ଥ ବ୍ୟୟ କରି ବିଭିନ୍ନ ବସ୍ତୁ ଓ ଉତ୍ପାଦ ସଂଗ୍ରହ କରନ୍ତି, ତେଣୁ ଏହିସବୁ ଜିନିଷର ସୁଗମତା ମଧ୍ୟ ସୁନିଶ୍ଚିତ ହେବା ଉଚିତ । ବିଶେଷକରି ଭିନ୍ନକ୍ଷମଙ୍କ ପାଇଁ । ସଂଗ୍ରହ ନିତୀରେ ଯଦି ସୁଗମତାକୁ ମଧ୍ୟ ସାମିଲ କରାଯାଏ, ତେବେ ଏହାର ସୁ-ପ୍ରଭାବ, ବଜାର ଏବଂ ଉତ୍ପାଦନକାରୀଙ୍କ ଉପରେ ମଧ୍ୟ ପଡ଼ିବ ।

**ଘରୋଇ କ୍ଷେତ୍ରରେ ସୁଗମତା :**

ଘରୋଇକରଣର ବୃଦ୍ଧି ଯୋଗୁ, ଏ କ୍ଷେତ୍ରରେ ଉପଲବ୍ଧ ସେବା ଓ ସୁବିଧା ପାଇଁ ମଧ୍ୟ ସୁଗମତା ଆବଶ୍ୟକ । ତେବେ ଭାରତରେ ଏଥିପାଇଁ ବର୍ତ୍ତମାନ କୌଣସି ବୈଧାନିକ ବ୍ୟବସ୍ଥା ନାହିଁ । ଘରୋଇ କ୍ଷେତ୍ରର ମଧ୍ୟ ଭିନ୍ନକ୍ଷମଙ୍କୁ ସୁଗମତା ପ୍ରଦାନ ପାଇଁ ଏକ ଦାୟିତ୍ୱ ରହିଛି । ପ୍ରତ୍ୟେକ ଜନ-ସେବା, ଯାହା ଇଣ୍ଟରନେଟ୍ ମାଧ୍ୟମରେ ପ୍ରଦାନ କରାଯାଉଛି, ସେଥିରେ ମଧ୍ୟ ଭିନ୍ନକ୍ଷମଙ୍କ ପାଇଁ ସୁଗମତା ରହିବା ଉଚିତ । ନିମ୍ନରେ କେତେକ ପ୍ରସ୍ତାବ ଦିଆଗଲା :

୧. ସାର୍ବଜନୀନ ସଂଗ୍ରହ ବ୍ୟବସ୍ଥାରେ ସୁଗମତା ସୃଷ୍ଟି କରିବା ପାଇଁ ଘରୋଇକ୍ଷେତ୍ର ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ରହିବା ଉଚିତ । ଉଦାହରଣ ସ୍ୱରୂପ, ସରକାର ଯଦି କୌଣସି କମ୍ପାନୀ ଠାରୁ ଏଲିଭେଟର କିଣନ୍ତି, ତେବେ ଏହା ସୁନିଶ୍ଚିତ ହେବା ଦରକାର ଯେ, ସେସବୁଥିରେ ସୁଗମତା ମାନଦଣ୍ଡକୁ ପାଳନ କରାଯାଇଛି ।

୨. ଘରୋଇ ବସ୍ତୁ ଓ ସେବା ପ୍ରଦାନକାରୀଙ୍କ ପାଇଁ ସରକାର, ସୁଗମତା ସମ୍ପର୍କୀତ ଲାଇସେନ୍ସ ବ୍ୟବସ୍ଥା କରିବା ଉଚିତ । ଉଦାହରଣ ସ୍ୱରୂପ, ଯଦି କୌଣସି ବସ୍ ଅପରେଟର୍‌ଙ୍କୁ ସରକାର ବସ୍ ଚଳାଚଳ ପାଇଁ ଅନୁମତି ଦିଅନ୍ତି, ତେବେ ତାଙ୍କୁ ସେହି ବସ୍ ଗୁଡ଼ିକରେ ଭିନ୍ନକ୍ଷମଙ୍କ ପାଇଁ ଆବଶ୍ୟକ ସୁଗମତା ଉପକରଣ ଓ ସୁବିଧାର ବ୍ୟବସ୍ଥା କରିବାକୁ ହେବ । ପରୋକ୍ଷରେ, ସୁଗମତା ମାନଦଣ୍ଡ ସହିତ ବସ୍ ତିଆରି କରିବାକୁ ଏହି ବ୍ୟବସ୍ଥା ବସ୍ ନିର୍ମାଣକାରୀଙ୍କୁ ପ୍ରୋତ୍ସାହିତ କରିବ ।

୩. ହୋଟେଲ ଭଳି ବିଭିନ୍ନ ସଂସ୍ଥା ଓ ଅନୁଷ୍ଠାନର ରେଟିଙ୍ଗ୍ ପାଇଁ ସରକାର ମାାନପତ୍ର ପ୍ରଦାନର ବ୍ୟବସ୍ଥା କରିଛନ୍ତି । ତେଣୁ ଏଭଳି ମାନପତ୍ରରେ ମଧ୍ୟ ସୁଗମତାକୁ ଗୁରୁତ୍ୱ ଦିଆଯିବା ଉଚିତ । ଭିନ୍ନକ୍ଷମଙ୍କ ପାଇଁ ସୁଗମତା ସୃଷ୍ଟି କରିଥିବା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାୟନ ବେଳେ, ସେମାନଙ୍କୁ ଅଧିକ ମାର୍କ ଦିଆଯିବା ଉଚିତ ।

୪. ସେହିଭଳି ବିଭିନ୍ନ ସେବା ଓ ଉତ୍ପାଦ ଗୁଡ଼ିକର ଗୁଣବତ୍ତା ନିର୍ଦ୍ଧାରଣ କ୍ଷେତ୍ରରେ ମଧ୍ୟ ସୁଗମତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ବାଂଛନୀୟ ।

•

**ଲେଖିକା ହେଉଛନ୍ତି ଭାରତର ପ୍ରତିଷ୍ଠିତ ସୁଗମତା ସଂପର୍କିତ ସଂସ୍ଥା ଏକ୍ସେସ୍ ଏବିଲିଟିର ସଂସ୍ଥାପିକା ।**

# ସାମାଜିକ ସମାନତା ଓ ଅନ୍ତର୍ଭୁକ୍ତିକରଣ

ରଚନା ଖାରେ

ଭିନ୍ନକ୍ଷମ ବ୍ୟକ୍ତି ସମ୍ପର୍କିତ ମିଳିତ ଜାତିସଂଘ କନ୍‌ଭେନ୍‌ସନ୍‌ର ଧାରା ୨୪ରେ ସ୍ପଷ୍ଟରୂପେ କୁହାଯାଇଛି ଯେ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ଶୈକ୍ଷିକ ଅନ୍ତର୍ଭୁକ୍ତିକରଣ ଏପରି ହେବା ଉଚିତ, ଯଦ୍ୱାରା ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ସେମାନେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିପାରିବେ । ଭାରତ ଏହି ବୁଝାମଣା ପତ୍ରରେ ୨୦୦୭ ମସିହାରେ ସ୍ୱାକ୍ଷର କରିଛି । ତେଣୁ ବର୍ତ୍ତମାନ ଆବଶ୍ୟକତା ଅଛି, ଭିନ୍ନକ୍ଷମଙ୍କ ଶିକ୍ଷାପାଇଁ ଏକ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥା ଓ ପରିବେଶର । ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ବିଶେଶ ବିଦ୍ୟାଳୟଗୁଡ଼ିକରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଏକପ୍ରକାର ଏକାକୀପଣ ଓ ସାମାଜିକ ବିଚ୍ଛେଦ ଭାବନାର ଶିକାର ହୋଇଥାନ୍ତି । ଏହାର ଏକ ଉତ୍ତମ ବିକଳ୍ପ ହେଉଛି ଅନ୍ତର୍ନିବେଶୀ ଶିକ୍ଷା ପ୍ରଣାଳୀ, ଯେଭଳି ଅନ୍ୟମାନଙ୍କ ପରି ଭିନ୍ନକ୍ଷମମାନେ ମଧ୍ୟ ଏକା ବିଦ୍ୟାଳୟରେ, ଏକା ଶ୍ରେଣୀ ଗୃହରେ, ସଫଳତାର ସହିତ ଶିକ୍ଷା ଆହରଣ କରିପାରିବେ । ଏହି ବ୍ୟବସ୍ଥାଦ୍ୱାରା ନା କେବଳ ଭିନ୍ନକ୍ଷମ ଛାତ୍ରଛାତ୍ରୀ, ବରଂ ସେମାନଙ୍କ ଅନ୍ୟ ସହପାଠୀ, ପିତାମାତା, ଅଭିଭାବକ, ଶିକ୍ଷକ, ପ୍ରଶାସକ ଏବଂ ସର୍ବୋପରି ସମଗ୍ର ସମ୍ପ୍ରଦାୟ ମଧ୍ୟ ଉପକୃତ ହେବେ ।

ଏହି ଆଲେଖ୍ୟରେ ଏଭଳି ଶୈକ୍ଷିକ ବ୍ୟବସ୍ଥା ଓ ପରିବେଶ ଉପରେ ଗୁରୁତ୍ୱାରୋପ କରାଯାଇଛି । ଏମିତି ସହଯୋଗାତ୍ମକ ଓ ସମନ୍ୱିତ ବ୍ୟବସ୍ଥାରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ

> ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ବିଶେଷ ବିଦ୍ୟାଳୟ ଗୁଡ଼ିକରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଏକପ୍ରକାର ଏକାକୀପଣ ଓ ସାମାଜିକ ବିଚ୍ଛେଦ ଭାବନାର ଶିକାର ହୋଇଥାନ୍ତି । ଏହାର ଏକ ଉତ୍ତମ ବିକଳ୍ପ ହେଉଛି ଅନ୍ତର୍ନିବେଶୀ ଶିକ୍ଷା ପ୍ରଣାଳୀ, ଯେଭଳି ଅନ୍ୟମାନଙ୍କ ପରି ଭିନ୍ନକ୍ଷମମାନେ ମଧ୍ୟ ଏକା ବିଦ୍ୟାଳୟରେ, ଏକା ଶ୍ରେଣୀ ଗୃହରେ, ସଫଳତାର ସହିତ ଶିକ୍ଷା ଆହରଣ କରିପାରିବେ । ଏହି ବ୍ୟବସ୍ଥାଦ୍ୱାରା ନା କେବଳ ଭିନ୍ନକ୍ଷମ ଛାତ୍ରଛାତ୍ରୀ, ବରଂ ସେମାନଙ୍କ ଅନ୍ୟ ସହପାଠୀ , ପିତାମାତା, ଅଭିଭାବକ, ଶିକ୍ଷକ,ପ୍ରଶାସକ ଏବଂ ସର୍ବୋପରି ସମଗ୍ର ସମ୍ପ୍ରଦାୟ ମଧ୍ୟ ଉପକୃତ ହେବେ ।

**ପ୍ରାଥମିକ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ଏକ ଅନ୍ତର୍ନିବେଶୀ ଖେଳପଡ଼ିଆ ।**



ସମାଜର ବହୁମୂଲ୍ୟ ସଦସ୍ୟ/ସଦସ୍ୟା ଭାବେ ଗ୍ରହଣ କରାଯାଏ ଏବଂ ସମାଜ ପ୍ରତି ପ୍ରତ୍ୟେକଙ୍କର ଅବଦାନ ଦେବା ଅଧିକାର ଓ ସାମର୍ଥ୍ୟକୁ ସମ୍ମାନ ଦିଆଯାଏ ।

**ପୃଷ୍ଠଭୂମି** : ସାଲାମାଙ୍କା ବିବୃତ୍ତି ଓ ଭିନ୍ନକ୍ଷମଙ୍କପାଇଁ କାର୍ଯ୍ୟଯୋଜନା-୨୦୧୧ରେ କୁହାଯାଇଛି ଯେ, ଅନ୍ତର୍ଭୁକ୍ତିକରଣ ଆଭିମୁଖ୍ୟ ବହନ କରୁଥିବା ନିୟମିତ ବିଦ୍ୟାଳୟଗୁଡ଼ିକ ଭେଦଭାବ ଦୂର କରି ଏକ ଅନ୍ତର୍ନିବେଶୀ ସମାଜ ଗଠନ ଓ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ହାସଲ କରିବାର ସର୍ବୋତ୍ତମ ମାଧ୍ୟମ । ୧୯୪୭ ମସିହାରେ ଭାରତ ସ୍ୱାଧୀନତା ହାସଲ କରିବା ପରଠାରୁ ଭିନ୍ନକ୍ଷମଙ୍କ ପାଇଁ ବହୁ ନୀତି ଓ ଯୋଜନା କାର୍ଯ୍ୟକାରୀ ହୋଇଛି । ଯଦିଓ ଭାରତ ସରକାର ଅନ୍ତର୍ନିବେଶି ବ୍ୟବସ୍ଥା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି, ତଥାପି ଏଭଳି ନୀତି ଓ ଯୋଜନାଗୁଡ଼ିକର ଦକ୍ଷ କାର୍ଯ୍ୟାନ୍ୱୟନ ହୋଇପାରି ନାହିଁ । ଫଳରେ ଏକ ଅନ୍ତର୍ନିର୍ବେଶୀ ଶିକ୍ଷା ବ୍ୟବସ୍ଥା ସୃଷ୍ଟି ହୋଇପାରି ନାହିଁ ଏବଂ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରି ନାହିଁ । ଭିନ୍ନକ୍ଷମ ଅଧିନିୟମ ଓ ନଭେମ୍ବର ୨୮ ତାରିଖ, ୨୦୦୧ ମସିହାରେ ସଂସଦୀୟ ସ୍ୱୀକୃତି ଲାଭ କରିଥିବା ସମ୍ବିଧାନ ସଂଶୋଧନରେ ଉଲ୍ଲେଖ ରହିଛି ଯେ, ୬ରୁ ୧୪ ବର୍ଷ ବୟସ୍କ ପ୍ରତ୍ୟେକ ଶିଶୁଙ୍କୁ ଶୁଳ୍କମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାପାଇଁ ସରକାର ବାଧ୍ୟ । ଏହାର ମୁଖବନ୍ଧରେ ସ୍ପଷ୍ଟ କରାଯାଇଛି ଯେ, "ସମସ୍ତ" ଶିଶୁଙ୍କ ମଧ୍ୟରେ ଭିନ୍ନକ୍ଷମମାନେ ମଧ୍ୟ ଅନ୍ତର୍ଭୁକ୍ତ । ଏହା ହେଉଛି ସରକାରଙ୍କ ବୈଧାନିକ ଦାୟିତ୍ୱ । ତେଣୁ ଭାରତ ସରକାର, ଭିନ୍ନକ୍ଷମଙ୍କ ଶିକ୍ଷା କ୍ଷେତ୍ରରେ ଥିବା ବ୍ୟବଧାନକୁ ଦୂର କରି ଏକ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବା ବାଂଛନୀୟ ।

**ପିଲାଙ୍କ ଖେଳିବା ସ୍ଥାନରେ ହ୍ୱିଲ୍ ଚେୟାର ପାଇଁ ସ୍ଥାନର ସୁଯୋଗ ।**



**୧୯୪୭ ମସିହାରେ ଭାରତ ସ୍ୱାଧୀନତା ହାସଲ କରିବା ପରଠାରୁ ଭିନ୍ନକ୍ଷମଙ୍କ ପାଇଁ ବହୁ ନୀତି ଓ ଯୋଜନା କାର୍ଯ୍ୟକାରୀ ହୋଇଛି । ଯଦିଓ ଭାରତ ସରକାର ଅନ୍ତର୍ନିବେଶି ବ୍ୟବସ୍ଥା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି, ତଥାପି ଏଭଳି ନୀତି ଓ ଯୋଜନାଗୁଡ଼ିକର ଦକ୍ଷ କାର୍ଯ୍ୟାନ୍ୱୟନ ହୋଇପାରି ନାହିଁ । ଫଳରେ ଏକ ଅନ୍ତର୍ନିର୍ବେଶୀ ଶିକ୍ଷା ବ୍ୟବସ୍ଥା ସୃଷ୍ଟି ହୋଇପାରି ନାହିଁ ଏବଂ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରି ନାହିଁ । ଭିନ୍ନକ୍ଷମ ଅଧିନିୟମ ଓ ନଭେମ୍ବର ୨୮ ତାରିଖ, ୨୦୦୧ ମସିହାରେ ସଂସଦୀୟ ସ୍ୱୀକୃତି ଲାଭ କରିଥିବା ସମ୍ବିଧାନ ସଂଶୋଧନରେ ଉଲ୍ଲେଖ ରହିଛି ଯେ, ୬ରୁ ୧୪ ବର୍ଷ ବୟସ୍କ ପ୍ରତ୍ୟେକ ଶିଶୁଙ୍କୁ ଶୁଳ୍କମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାପାଇଁ ସରକାର ବାଧ୍ୟ ।**

ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ନିୟମିତ ବିଦ୍ୟାଳୟରେ ପାଠ ପଢୁଥିବା ବିଦ୍ୟାର୍ଥୀଙ୍କ ୧୦ ପ୍ରତିଶତ ହେଉଛନ୍ତି ଶୈକ୍ଷିକ ଦୃଷ୍ଟିରୁ ଭିନ୍ନକ୍ଷମ । ଯଦି ଏଥିପ୍ରତି ଆରମ୍ଭରୁ ଧ୍ୟାନ ଦିଆଯାଏ, ତେବେ ଏହି ଛାତ୍ରଛାତ୍ରୀଙ୍କଠାରେ ନାଟକୀୟ ଭାବେ ଉନ୍ନତି ପରିଲକ୍ଷିତ ହେବ । ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ, ଭିନ୍ନକ୍ଷମଙ୍କ ଶିକ୍ଷାକୁ ନେଇ ପରୀକ୍ଷା ନିରୀକ୍ଷା ଚାଲିଛି । ତେବେ ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ଅନ୍ତର୍ନିବେଶୀ ଶିକ୍ଷା ପ୍ରଣାଳୀ ସବୁଠାରେ ଆଦୃତ ହୋଇଛି । ବାସ୍ତବିକ, ଦେଶର ୪୦ ନିୟୁତ ଭିନ୍ନକ୍ଷମ ଶିଶୁଙ୍କ ଶିକ୍ଷାପାଇଁ ଏହାଠାରୁ ଆଉ ଭଲ ବିକଳ୍ପ କିଛି ନାହିଁ । ଆମ ଜନସଂଖ୍ୟାର ୭୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି ଏବଂ ଭିନ୍ନକ୍ଷମଙ୍କ ପାଇଁ ସେଠାରେ ବିଶେଷ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଆବଶ୍ୟକ ସମ୍ବଳ ନାହିଁ । ଅନ୍ୟପକ୍ଷରେ ଅନ୍ତର୍ନିବେଶୀ ଶିକ୍ଷାର ବିଭିନ୍ନ ଭଲ ଦିଗଗୁଡ଼ିକ ହେଉଛି –

(୧) ଭିନ୍ନକ୍ଷମ ଶିଶୁଙ୍କ ମଧ୍ୟରେ ଏହା ସାମାଜିକ ଦକ୍ଷତା ସୃଷ୍ଟି କରେ ।

(୨) ଭିନ୍ନକ୍ଷମଙ୍କ ପାଇଁ ଗୋଷ୍ଠୀଗତ

**ହାତରେ ଧରିବାପାଇଁ କାନ୍ଥରେ ଲାଗିଥିବା ବାର୍‌, ଅମସୃଣ ଚଟାଣ, ସୁରକ୍ଷା ଆଲାର୍ମ ଏବଂ ଚିତ୍ର ମାଧ୍ୟମରେ ସୂଚନା ସମ୍ବଳିତ ଏକ ଶୌଚାଳୟ ।**






ସମନ୍ୱୟର ଆବଶ୍ୟକତାକୁ ହ୍ରାସ କରେ ।
(୩) ବ୍ୟୟ ଅନୁପାତରେ ଆବଶ୍ୟକ ଫଳାଫଳ ପ୍ରଦାନ କରେ, ଯାହାକି ବିଶେଷ ଭାବରେ ବିକାଶଶୀଳ ଦେଶ ଗୁଡ଼ିକପାଇଁ ଉପାଦେୟ ।

ଏକ ଉତ୍ତମ ଅନ୍ତର୍ନିବେଶୀ ପରିବେଶ ସ୍ଥାପନ କରିବା ପୂର୍ବରୁ ଜନସଂଖ୍ୟାର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ତଥ୍ୟ ହାସଲ କରିବା ଉଚିତ । ଏମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିବିଶେଷଙ୍କ ଭିନ୍ନକ୍ଷମତା ସମ୍ପର୍କରେ ଭଲଭାବେ ବୁଝିବା ଉଚିତ । ଏମାନଙ୍କ ମଧ୍ୟରୁ କିଏ ହୁଏତ ଜନ୍ମରୁ ଭିନ୍ନକ୍ଷମ ତ ଆଉ କିଏ ଦୁର୍ଘଟଣା ପାଇଁ କିମ୍ବା ରୋଗ ପାଇଁ ଭିନ୍ନକ୍ଷମ ହୋଇଥାଏ । ତେଣୁ, ଭିନ୍ନକ୍ଷମତାର ବହୁବିଧ ପ୍ରକାରଭେଦ ଓ ଗୁରୁତ୍ୱ ରହିଛି । ଏହାସତ୍ତ୍ୱେ, ଏମାନଙ୍କୁ ଚାରୋଟି ବିଶେଷ ଶ୍ରେଣୀରେ ବଣ୍ଟାଯାଇପାରେ – ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ଶାରୀରିକ ଓ ମାନସିକ ଭାବେ ଅନଗ୍ରସର ବ୍ୟକ୍ତି । ଦୃଷ୍ଟିବାଧିତଙ୍କ ମଧ୍ୟରେ ଦୁଇପ୍ରକାରର ଶିଶୁ ଦେଖାଯାଆନ୍ତି । ପ୍ରଥମ, ସମ୍ପୂର୍ଣ୍ଣ ଅନ୍ଧ ଓ ଦ୍ୱିତୀୟ, ସ୍ୱଳ୍ପଦୃଷ୍ଟିସମ୍ପନ୍ନ ଶିଶୁ । ସ୍ୱଳ୍ପ ଦୃଷ୍ଟିଶକ୍ତି ଅର୍ଥାତ୍‌ ଦେଖିବାରେ ଅସୁବିଧା, ଝାପ୍‌ସା ଦେଖାଯିବା, ଧୁଆଁଳିଆ ଦେଖାଯିବା, ଅଧିକ ସମୀପ ବା ଦୂରଦୃଷ୍ଟି, ଆଖି ଆଗରେ ବିନ୍ଦୁ ଦୃଷ୍ଟିଗୋଚର ହେବା, ଅତି କମ୍‌ ବା ଉଜ୍ଜ୍ୱଳ ଆଲୋକ ସହି ନ ପାରିବା ଓ ଅନ୍ଧାରକଣା ଆଦି । ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଦୃଷ୍ଟିଶକ୍ତି ସହ ସମ୍ପୃକ୍ତ ଶିକ୍ଷାଦାନକୁ ଭଲଭାବେ ଗ୍ରହଣ କରିପାରନ୍ତି ନାହିଁ । ତେବେ ଏମାନଙ୍କ ମଧ୍ୟରେ କେତେକଙ୍କପାଇଁ ଲେନ୍ସ ବ୍ୟବହାର କରି ପଠନଜନିତ ଶିକ୍ଷାଦାନ ବ୍ୟବସ୍ଥା କରାଯାଇପାରେ । ଶ୍ରବଣବାଧିତଙ୍କଠାରେ ଶୁଣିବାକୁ ନେଇ ବିଭିନ୍ନ ବ୍ୟତିକ୍ରମ ଦେଖାଯାଏ । କିନ୍ତୁ କେତେକ ଆଦୌ ଶୁଣିପାରନ୍ତି ନାହିଁ । ଏହାର କାରଣଗୁଡ଼ିକ ମଧ୍ୟରେ ରହିଛି ବଂଶଜ କାରଣ, ସଂକ୍ରମଣ, କର୍କଟ ରୋଗ ଓ ଦୁର୍ଘଟଣା । ଏମାନଙ୍କପାଇଁ ଉଦ୍ଦିଷ୍ଟ ସୂଚନା ଆଦିକୁ ଦେଖିବା ଭଳି ମାଧ୍ୟମରେ ଦିଆଯିବା ଉଚିତ । ଅନ୍ୟ ଏକ ଉପାୟ ହେଲା, ଶ୍ରବଣ କ୍ଷମତା ବୃଦ୍ଧି କରିପାରୁଥିବା ଉପକରଣର ବ୍ୟବହାର । ସେହିଭଳି ସମ୍ପୂର୍ଣ୍ଣ ରୂପେ ବଧିର ହୋଇଥିବା

**ଏକ ଉତ୍ତମ ଅନ୍ତର୍ନିବେଶୀ ପରିବେଶ ସ୍ଥାପନ କରିବା ପୂର୍ବରୁ ଜନସଂଖ୍ୟାର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ତଥ୍ୟ ହାସଲ କରିବା ଉଚିତ । ଏମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିବିଶେଷଙ୍କ ଭିନ୍ନକ୍ଷମତା ସମ୍ପର୍କରେ ଭଲଭାବେ ବୁଝିବା ଉଚିତ । ଏମାନଙ୍କ ମଧ୍ୟରୁ କିଏ ହୁଏତ ଜନ୍ମରୁ ଭିନ୍ନକ୍ଷମ ତ ଆଉ କିଏ ଦୁର୍ଘଟଣା ପାଇଁ କିମ୍ବା ରୋଗ ପାଇଁ ଭିନ୍ନକ୍ଷମ ହୋଇଥାଏ । ତେଣୁ, ଭିନ୍ନକ୍ଷମତାର ବହୁବିଧ ପ୍ରକାରଭେଦ ଓ ଗୁରୁତ୍ୱ ରହିଛି । ଏହାସତ୍ତ୍ୱେ, ଏମାନଙ୍କୁ ଚାରୋଟି ବିଶେଷ ଶ୍ରେଣୀରେ ବଣ୍ଟାଯାଇପାରେ – ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ଶାରୀରିକ ଓ ମାନସିକ ଭାବେ ଅନଗ୍ରସର ବ୍ୟକ୍ତି ।**

**ବିଦ୍ୟାର୍ଥୀର ବ୍ୟକ୍ତିଗତ ଆବଶ୍ୟକତା ଭିତ୍ତିରେ ତାକୁ ଆବଶ୍ୟକ ସହଯୋଗ ଓ ସାହାଯ୍ୟ ଦିଆଯାଇ ଶିକ୍ଷା ପ୍ରଦାନ କରାଯିବା ଉଚିତ । ଏହାଦ୍ୱାରା ଶିଶୁଟି ଶିକ୍ଷା ଆହରଣ କରିବାରେ ସଫଳ ହେବ ଏବଂ ଏହି ସଫଳତା ତାକୁ ଅଧିକ ଶିକ୍ଷା ଗ୍ରହଣପାଇଁ ପ୍ରୋତ୍ସାହିତ କରିବ ।**

**ବିଦ୍ୟାଳୟ ପରିସରରେ ଅଯଥା ହସ୍ତକ୍ଷେପ ନ କରି, ପିଲାମାନଙ୍କ କାର୍ଯ୍ୟ ତଦାରଖ କରିବା ସମ୍ଭାବନା ।**



ବ୍ୟକ୍ତିଙ୍କ ମଧ୍ୟରୁ କେତେକ ବାକ୍‌ଶକ୍ତି ମଧ୍ୟ ହରାଇ ଥା'ନ୍ତି । ଏମାନଙ୍କପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବା ଆବଶ୍ୟକ । ଶାରୀରିକ ବିକଳାଙ୍ଗତାର କାରଣ ମଧ୍ୟ ଅନେକ- ପୋଲିଓ, ପକ୍ଷାଘାତ, ଦୁର୍ବଳତା, ଦୁର୍ଘଟଣା, ମାଂସପେଶୀଜନିତ ସମସ୍ୟା, ମେରୁଦଣ୍ଡରେ ଆଘାତ, ମସ୍ତିଷ୍କରେ ଆଘାତ, ସେରେବ୍ରାଲ୍ ପଲ୍‌ସି, ଆରଥ୍ରାଇଟିସ୍ ଆଦି । ଏମାନେ ଭୋଗୁଥିବା ବିଭିନ୍ନ ସମସ୍ୟାଗୁଡ଼ିକ ହେଉଛି – ଠିକ୍ ଭାବେ କହି ନ ପାରିବା, ଚାଲି ନ ପାରିବା, ଦେଖି ନ ପାରିବା, ଧରି ନ ପାରିବା ଏବଂ ଅନ୍ୟାନ୍ୟ ଶାରୀରିକ କାର୍ଯ୍ୟ ଠିକ୍ ଭାବେ କରି ନ ପାରିବା । ଏମାନେ ସାଧାରଣତଃ ଆଶାବାଡ଼ି ଭଳି ସହାୟତା ଉପକରଣର ସାହାଯ୍ୟ ନେଇଥା'ନ୍ତି । ମାନସିକ ଅନଗ୍ରସରତା ମଧ୍ୟ ବିଭିନ୍ନ ସ୍ତରର ଓ ପ୍ରକାରର । କେତେକଙ୍କଠାରେ ଭାଷାକୁ ନେଇ ଅସୁବିଧା ଦେଖାଯାଉଥିବାବେଳେ କେତେକଙ୍କଠାରେ ସ୍ୱଳ୍ପ, ମଧ୍ୟମ ବା ତୀବ୍ର ଅନଗ୍ରସରତା ଦେଖାଦିଏ । ଏଗୁଡ଼ିକ ମଧ୍ୟରେ ଅଛି ଡାଉନ୍ ସିନ୍‌ଡ୍ରୋମ୍, ଅଟିଜମ୍, ସେରେବ୍ରାଲ୍ ପଲ୍‌ସି, ଜନ୍ମ ସମ୍ପର୍କିତ ମାନସିକ ଚାପ, ଶିଖିବାରେ ଅସୁବିଧା ଏବଂ ଅନ୍ୟାନ୍ୟ ମାନସିକ ରୋଗ ଆଦି । ଏହିଭଳି ସ୍ମରଣ ଶକ୍ତି, ବୁଝିବା ଶକ୍ତି, ସମସ୍ୟା ସମାଧାନ ଶକ୍ତି ହ୍ରାସ ଆଦି ମଧ୍ୟ ମାନସିକ ଅନଗ୍ରସରତାର କେତେକ ଉଦାହରଣ । ଉଲ୍ଲେଖନୀୟ ଯେ, ଅନ୍ତର୍ନିବେଶୀ ଶୈକ୍ଷିକ ପରିବେଶ ଅର୍ଥ ଭିନ୍ନକ୍ଷମଙ୍କ ପାଇଁ ବିଶେଷ ବିଦ୍ୟାଳୟ କିମ୍ବା ନିୟମିତ ବିଦ୍ୟାଳୟଗୁଡ଼ିକର ପରିବର୍ତ୍ତନ ନୁହଁ । ବରଂ ଏହିଭଳି ବିଦ୍ୟାଳୟଗୁଡ଼ିକ ଉଭୟ ସାଧାରଣ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଅନୁକୂଳ । ଏହାର ଆଉ ମଧ୍ୟ ଅର୍ଥ ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ବିଶେଷ ଆବଶ୍ୟକତାକୁ ଧ୍ୟାନ ଦିଆଯିବା ଉଚିତ । ଶିକ୍ଷକଙ୍କ ଦାୟିତ୍ୱ ହେଉଛି ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଦକ୍ଷତା ଓ ଦୁର୍ବଳତାକୁ ଚିହ୍ନଟ କରିବା; କିନ୍ତୁ ସାମଗ୍ରିକ ଭାବେ ଗୋଟିଏ ପରିବେଶରେ ସମସ୍ତଙ୍କୁ ଶିକ୍ଷାଦାନ କରିବା । ଏହି ଆଲେଖ୍ୟରେ ଅନ୍ତର୍ନିବେଶୀ ଶିକ୍ଷା ପରିବେଶପାଇଁ କେତେକ ପ୍ରସ୍ତାବ ଦିଆଯାଇଛି, ଯେଉଁଗୁଡ଼ିକ ସରଳ, ବ୍ୟୟ ଅନୁକୂଳ ଏବଂ ବହୁ-ସଂସ୍କୃତି ଆଧାରିତ । ଯୁକ୍ତରାଷ୍ଟ୍ର ଆମେରିକାର ୧୭ଟି ଏଭଳି ଅନ୍ତର୍ନିବେଶୀ ଶିକ୍ଷାନୁଷ୍ଠାନକୁ ସର୍ବେକ୍ଷଣ କଲା ପରେ ଯାଇ ଏହିସବୁ ପ୍ରସ୍ତାବଗୁଡ଼ିକ ତିଆରି କରାଯାଇଛି ।

୧. ବିଦ୍ୟାର୍ଥୀର ବ୍ୟକ୍ତିଗତ ଆବଶ୍ୟକତା ଭିତ୍ତିରେ ତାକୁ ଆବଶ୍ୟକ ସହଯୋଗ ଓ ସାହାଯ୍ୟ ଦିଆଯାଇ ଶିକ୍ଷା ପ୍ରଦାନ କରାଯିବା ଉଚିତ । ଏହାଦ୍ୱାରା ଶିଶୁଟି ଶିକ୍ଷା ଆହରଣ କରିବାରେ ସଫଳ ହେବ ଏବଂ ଏହି ସଫଳତା ତାକୁ ଅଧିକ ଶିକ୍ଷା ଗ୍ରହଣପାଇଁ ପ୍ରୋତ୍ସାହିତ କରିବ ।

୨. ଶିକ୍ଷାଦାନ ସମୟରେ ଦୃଷ୍ଟି, ଶ୍ରବଣ, ସ୍ୱାଦ, ଗନ୍ଧ ଓ ସ୍ପର୍ଶ ସମ୍ବନ୍ଧୀୟ ପ୍ରତ୍ୟେକ ଇନ୍ଦ୍ରିୟ ଆଧାରିତ ସୂଚନା ପ୍ରଦାନ କରାଯିବା ଉଚିତ । ଏହାଦ୍ୱାରା, ଭିନ୍ନକ୍ଷମ ଛାତ୍ରଚାତ୍ରୀମାନେ ବିଶେଷ ଉପକୃତ ହେବେ । ଏତଦ୍‌ବ୍ୟତୀତ, ସମସ୍ତ ଛାତ୍ରଛାତ୍ରୀ, ଏଭଳି ବହୁ-ଇନ୍ଦ୍ରିୟ ଆଧାରିତ ସୂଚନା ମାଧ୍ୟମରେ ଜ୍ଞାନ ଆହରଣ ଶକ୍ତି ବୃଦ୍ଧି କରିପାରିବେ ।

୩. ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କପାଇଁ ଗାଇଡ଼୍ ବୁକ୍, ସାବଧାନସୂଚକ ବ୍ଲକ୍, ଉଠା ଅକ୍ଷର, ବ୍ରେଲି ଲିପି ଆଦି ଉପଯୋଗୀ । ସେହିଭଳି ଶ୍ରବଣ ବାଧିତଙ୍କପାଇଁ ଶ୍ରବଣ

**ନିଜକୁ ନିଜେ ସାହାଯ୍ୟ କରିବା ଓ ସଫାସୁତୁରା ରଖିବାପାଇଁ ଶ୍ରେଣୀ ଗୃହ କୋଣରେ କରାଯାଇଥିବା ବ୍ୟବସ୍ଥା ।**



ଉପକରଣ, ପ୍ରତୀକ ଭାଷା ଆଦି ଉପଯୋଗୀ । ଚଳାଚଳରେ ଅସୁବିଧା ଭୋଗ କରୁଥିବା ବିଦ୍ୟାର୍ଥୀଙ୍କପାଇଁ ହ୍ୱିଲ୍ ଚେୟାର୍, ର୍‍ୟାମ୍ପ୍, ହାଣ୍ଡରେଲ୍ ଇତ୍ୟାଦି ଉପଯୋଗୀ । ସରଳ ଭାଷା, ପ୍ୟାଟର୍ନ ଓ ପ୍ରଦର୍ଶନ ମାଧ୍ୟମରେ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ଶିକ୍ଷା ଆହରଣ ପ୍ରକ୍ରିୟାକୁ ସରଳ କରାଯାଇପାରିବ ।

୪. ବିଦ୍ୟାଳୟ ବିଲ୍ଡିଂର ଗଠନ ପ୍ରଣାଳୀ ମଧ୍ୟ ସରଳ ଓ ସିଧାସାଧା ହେବା ଉଚିତ । ଏହାଦ୍ୱାରା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ସହଜରେ ବିଦ୍ୟାଳୟ ପରିସରରେ ଚଳପ୍ରଚଳ ହୋଇପାରିବେ । କ୍ୟାମ୍ପସ୍ ଭିତରେ ବହୁ-ମାଧ୍ୟମ ସଙ୍କେତ ଭାଷା ଫଳକ/ସୂଚକ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ଲାଣ୍ଡମାର୍କ ଆଦି ମଧ୍ୟ ରହିବା ଉଚିତ ।

୫. ସାଧାରଣ ଓ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଭିତରେ ମିଳାମିଶାକୁ ପ୍ରୋତ୍ସାହିତ କରିବା ଉଚିତ ।

୬. ବିଦ୍ୟାଳୟରେ କୌଶଳ ବିକାଶ, ସ୍ୱୟଂ ସହାୟତା ଶିକ୍ଷା, ବୃତ୍ତିଗତ ତାଲିମ ଓ ଘରୋଇ କୌଶଳ ଶିକ୍ଷା ଦିଆଯିବା ଉଚିତ । ଏହାଦ୍ୱାରା ଭିନ୍ନକ୍ଷମ ପିଲାମାନେ ଆତ୍ମନିର୍ଭରଶୀଳ ହେବା ସହିତ ସମ୍ମାନବୋଧ ଅନୁଭବ କରିବେ । ସ୍ୱୟଂ ସହାୟତା କୌଶଳ ଶିକ୍ଷାରେ, ଖାଇବା, ପିଇବା, ଶୌଚାଳୟ ବ୍ୟବହାର, ପରିଧାନ, ସ୍ନାନ ଆଦି ବିଷୟ ଅନ୍ତର୍ଭୁକ୍ତ । ସେହିଭଳି ଘରୋଇ କୌଶଳ ମଧ୍ୟରେ ରହିଛି ରନ୍ଧନ, ଲଣ୍ଡ୍ରି, ବିଛଣା ପକାଇବା, ଘର ସଫା କରିବା, ଧୋଇବା ଓ ସଫା କରିବା । ବୃତ୍ତିଗତ ତାଲିମ୍‌ରେ ପ୍ୟାକିଙ୍ଗ୍, ସର୍ଟିଂ, କାଠକାମ, ଲୁଗା ବୁଣା କାମ ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ ।

୭. ଭିନ୍ନକ୍ଷମଙ୍କ ଶିକ୍ଷାରେ ସେମାନଙ୍କ ପିତାମାତାଙ୍କ ସମ୍ପୃକ୍ତିର ଏକ ଦୂରଗାମୀ ପ୍ରଭାବ ରହିଛି । ଶିକ୍ଷକମାନଙ୍କ ସହିତ ଏଭଳି ଅଭିଭାବକଙ୍କ ମିଟିଂ, ବିଦ୍ୟାଳୟରେ ସେମାନଙ୍କ ସନ୍ତାନମାନେ ଶିକ୍ଷା ଆହରଣ କରୁଥିବାବେଳେ ଶିକ୍ଷକମାନଙ୍କୁ ପିତାମାତାଙ୍କ ସାହାଯ୍ୟ ଆଦିଦ୍ୱାରା ଭିନ୍ନକ୍ଷମଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି କରାଯାଇପାରେ ।

୮. ଗମନାଗମନ, ଯାତାୟତ, ସର୍ବସାଧାରଣ ଗମନାଗମନ ମାଧ୍ୟମର ଉପଯୋଗ, କିଣାବିକା କରିବା ଆଦି କାର୍ଯ୍ୟଗୁଡ଼ିକ ବାବଦରେ ମଧ୍ୟ ଭିନ୍ନକ୍ଷମଙ୍କୁ ବିଦ୍ୟାଳୟରେ ଶିକ୍ଷା ଦିଆଯିବା ଉଚିତ । ଏହାଦ୍ୱାରା ସେମାନଙ୍କ ଗୋଷ୍ଠୀଗତ ସମ୍ମିଶ୍ରଣକୁ ତ୍ୱରାନ୍ୱିତ କରାଯାଇପାରିବ ।

୯. ବିଦ୍ୟାଳୟ ପରିସର ମଧ୍ୟରେ ଭିନ୍ନକ୍ଷମ ଏବଂ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ।

୧୦. ଶିକ୍ଷାଦାନ ଓ ଆହରଣ କ୍ଷେତ୍ରରେ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଉପରେ ପଡୁଥିବା ପ୍ରଭାବ ଓ ପ୍ରତିକ୍ରିୟାଗୁଡ଼ିକର ମଧ୍ୟ ପଞ୍ଜୀକରଣ

**କାନ୍ଥରେ ଲାଗିଥିବା ସ୍ପର୍ଶ ସମ୍ବନ୍ଧୀୟ ଉପକରଣ ।**





Unfiled Notes Page 27

**ସମତଳ ସ୍ଥାନର ପ୍ରତ୍ୟେକ ସ୍ତର ପରିବର୍ତ୍ତନ ଜାଗାରେ ର୍‍ୟାମ୍ପର ବ୍ୟବସ୍ଥା ।**



ଓ ବିଶ୍ଳେଷଣ ହେବା ଉଚିତ । ବୃହତ୍ତର ଅର୍ଥରେ ଶିକ୍ଷା ହେଉଛି ପିଲାମାନଙ୍କୁ ଏଭଳି ପରିବେଶ ଓ ସୁଯୋଗ ଯୋଗାଇ ଦେବା ଉଚିତ, ଯଦ୍ୱାରା ସେମାନେ ଜ୍ଞାନ ଓ କୌଶଳ ଆହରଣ କରିପାରିବେ ଏବଂ ସେହି ଜ୍ଞାନ ଓ କୌଶଳ ସାହାଯ୍ୟରେ ଏକ ଉତ୍ପାଦନକ୍ଷମ ଏବଂ ସ୍ୱାଧୀନ ଜୀବନ ଯାପନ କରିପାରିବେ । ଏହା ଉଭୟ ସାଧାରଣ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଜୁଯ୍ୟ । ତେବେ ଏ ଉଭୟଙ୍କ ପାଇଁ ପୃଥକ୍ ଶିକ୍ଷା ବ୍ୟବସ୍ଥା ବଦଳରେ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାଦ୍ୱାରା ସେମାନଙ୍କ ମଧ୍ୟରେ ସମନ୍ୱିତ ଚିନ୍ତାଧାରାର ବିକାଶ ହୋଇପାରିବ । ସେମାନଙ୍କ ଅନ୍ତର୍ଭୁକ୍ତିକରଣ ହୋଇପାରିବ । ଆମକୁ ମନେ ରଖିବାକୁ ହେବ ଯେ, ପ୍ରତ୍ୟେକ ପିଲା ସର୍ବପ୍ରଥମେ ଜଣେ ଛାତ୍ର ବା ଛାତ୍ରୀ । ସକ୍ଷମ ବା ଭିନ୍ନକ୍ଷମ ହେବା ତା' ପର କଥା । ତେଣୁ ଏକ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାରେ ପ୍ରତ୍ୟେକ ଛାତ୍ରର ଶକ୍ତି ଉପରେ ପ୍ରାଧାନ୍ୟ ଦିଆଯାଏ, ସେମାନଙ୍କର ଦୁର୍ବଳତା ଉପରେ ନୁହେଁ । ଏଥିରେ ସମଗ୍ର ବିଦ୍ୟାଳୟ ପରିସରକୁ ଶିକ୍ଷାର ଏକ ବୃହତ୍ ମାଧ୍ୟମ ଓ ତା' ମଧ୍ୟରେ ଥିବା ଅନେକ ଅନ୍ୟାନ୍ୟ ବ୍ୟବସ୍ଥାକୁ ଶିକ୍ଷାର ଛୋଟ ଛୋଟ ମାଧ୍ୟମ ଭାବେ ବିବେଚନା କରାଯାଏ । ଅର୍ଥାତ୍, ଏପରିକି ଚଟାଣ, କାନ୍ଥ, ବାଡ଼, ଛାତ, ଖୋଲା ସ୍ଥାନ, ବାରଣ୍ଡା, ଶୌଚାଳୟକୁ ମଧ୍ୟ ଶିକ୍ଷାର ଉପକରଣ ଭାବେ ବିବେଚନା କରାଯାଏ । ଅନ୍ତର୍ନିବେଶୀ ଶିକ୍ଷା ପ୍ରଣାଳୀ କେବଳ ବିଦ୍ୟାଳୟ କୋଠା ବା ଶ୍ରେଣୀଗୃହରେ ପ୍ରଦାନ କରାଯାଉଥିବା ପାଠ୍ୟକ୍ରମ ମଧ୍ୟରେ ସିମୀତ ନ ରହି, ପ୍ରତ୍ୟେକ ଉପକରଣ ଓ ନିର୍ଦ୍ଦେଶ ଭିତରେ ମଧ୍ୟ ସମାହିତ ଥିବା ଉଚିତ । ଅନ୍ତର୍ନିବେଶୀ ଶିକ୍ଷା ପ୍ରଣାଳୀରେ ଅଭ୍ୟସ୍ତ ଛାତ୍ରଛାତ୍ରୀ ଭବିଷ୍ୟତରେ ଭେଦଭାବ ରହିତ ମନୋଭାବ ନେଇ ଏକ ଅନ୍ତର୍ନିବେଶୀ ସମାଜ ଗଠନ ଦିଗରେ ସହାୟକ ହୋଇପାରିବେ । ତେବେ ଅନ୍ତର୍ନିବେଶୀ ଶିକ୍ଷାର ଆଧାର ହେଉଛି ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଥିବା ପ୍ରଭେଦ ଓ ପାର୍ଥକ୍ୟକୁ ସମ୍ମାନ ଦେବା ।

**ଭିନ୍ନ ଭିନ୍ନ ଉଚ୍ଚତା ଓ ହ୍ୱିଲ୍ ଚେୟାରରେ ଥିବା ଛାତ୍ରଛାତ୍ରୀଙ୍କ ଉପଯୋଗ ପାଇଁ ପାନୀୟ ଜଳ ବ୍ୟବସ୍ଥା ।**



•

ଲେଖିକା ହେଉଛନ୍ତି ଭୋପାଲସ୍ଥିତ ଯୋଜନା ଏବଂ ପ୍ରତ୍ନତତ୍ତ୍ୱ ଶିକ୍ଷାନୁଷ୍ଠାନରେ ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ।



Unfiled Notes Page 28

# ଦୃଷ୍ଟି ଦକ୍ଷତା ବୃଦ୍ଧିରେ ନୂଆ ଜ୍ଞାନକୌଶଳ

ଅମିତ ସିଂହ

ମଣିଷଠାରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମତା ଦେଖାଯାଏ । ଏହା ଦୃଷ୍ଟିଶକ୍ତି, ଗତି, ଚିନ୍ତାଶକ୍ତି, ସ୍ମରଣଶକ୍ତି, ପାଠପଢ଼ା, ବାକ୍‌ଶକ୍ତି, ଶ୍ରବଣଶକ୍ତି, ମାନସିକ ସ୍ୱାସ୍ଥ୍ୟ, ସାମାଜିକ ସମ୍ପର୍କ ଆଦିକୁ ପ୍ରଭାବିତ କରିଥାଏ । ଭିନ୍ନକ୍ଷମତା ବିଭିନ୍ନ ଲୋକଙ୍କୁ ଭିନ୍ନଭିନ୍ନ ପ୍ରକାରରେ ଆକ୍ରାନ୍ତ କରିଥାଏ । ଅତଏବ ଏଭଳି ସବୁ ଲୋକଙ୍କୁ ଭିନ୍ନକ୍ଷମ ବୋଲି ଦର୍ଶାଇ ଗୋଟିଏ ଗୋଷ୍ଠୀଭୁକ୍ତ କରିବା ଠିକ୍ ନୁହେଁ । ଆହୁରି ମଧ୍ୟ ଭିନ୍ନକ୍ଷମତା ଏପରି ଏକ ସ୍ଥିତି ଯାହା ଯେକୌଣସି ଲୋକଙ୍କୁ ଯେକୌଣସି ବୟସରେ ପ୍ରଭାବିତ କରିପାରେ । ଏହା ସର୍ବଦା ଜନ୍ମଗତ ନୁହେଁ, ଜୀବନର ବିଭିନ୍ନ ଅଧ୍ୟାୟରେ ଏହା ଘଟିପାରେ । ଦୁର୍ଘଟଣା ବା ବିପର୍ଯ୍ୟୟ ଯୋଗୁଁ ମଧ୍ୟ ଜଣେ ଭିନ୍ନକ୍ଷମ ହୋଇପାରେ ।

**ଶ**ରୀର ବା ମନର କୌଣସି ଅବସ୍ଥା (ଅକ୍ଷମତା) ଯାହା ଜଣକୁ କିଛି କାମ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ ଏବଂ ନିଜ ଚାରିପାଖର ଦୁନିଆ ସହିତ ମିଶିବାରେ ବାଧକ ହୁଏ ତାହା ଅକ୍ଷମତା ବା ଭିନ୍ନକ୍ଷମତା । ବ୍ୟାଧି ନିୟନ୍ତ୍ରଣ କେନ୍ଦ୍ର (ସିଡିସି) ପକ୍ଷରୁ ଭିନ୍ନକ୍ଷମତାର ବ୍ୟାଖ୍ୟା ଉପରୋକ୍ତ ମତେ କରାଯାଇଛି ।

ମଣିଷଠାରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମତା ଦେଖାଯାଏ । ଏହା ଦୃଷ୍ଟିଶକ୍ତି, ଗତି, ଚିନ୍ତାଶକ୍ତି, ସ୍ମରଣଶକ୍ତି, ପାଠପଢ଼ା, ବାକ୍‌ଶକ୍ତି, ଶ୍ରବଣଶକ୍ତି, ମାନସିକ ସ୍ୱାସ୍ଥ୍ୟ, ସାମାଜିକ ସମ୍ପର୍କ ଆଦିକୁ ପ୍ରଭାବିତ କରିଥାଏ । ଭିନ୍ନକ୍ଷମତା ବିଭିନ୍ନ ଲୋକଙ୍କୁ ଭିନ୍ନଭିନ୍ନ ପ୍ରକାରରେ ଆକ୍ରାନ୍ତ କରିଥାଏ । ଅତଏବ ଏଭଳି ସବୁ ଲୋକଙ୍କୁ ଭିନ୍ନକ୍ଷମ ବୋଲି ଦର୍ଶାଇ ଗୋଟିଏ ଗୋଷ୍ଠୀଭୁକ୍ତ କରିବା ଠିକ୍ ନୁହେଁ । ଆହୁରି ମଧ୍ୟ ଭିନ୍ନକ୍ଷମତା ଏପରି ଏକ ସ୍ଥିତି ଯାହା ଯେକୌଣସି ଲୋକଙ୍କୁ ଯେକୌଣସି ବୟସରେ ପ୍ରଭାବିତ କରିପାରେ । ଏହା ସର୍ବଦା ଜନ୍ମଗତ ନୁହେଁ, ଜୀବନର ବିଭିନ୍ନ ଅଧ୍ୟାୟରେ ଏହା ଘଟିପାରେ । ଦୁର୍ଘଟଣା ବା ବିପର୍ଯ୍ୟୟ ଯୋଗୁଁ ମଧ୍ୟ ଜଣେ ଭିନ୍ନକ୍ଷମ ହୋଇପାରେ ।

ବିଶ୍ୱ ସ୍ୱାସ୍ଥ୍ୟସଂଗଠନ (ଡବ୍ଲୁଏଚ୍‌ଓ) ଅନୁସାରେ ଭିନ୍ନକ୍ଷମତା ବା ଅକ୍ଷମତାର ତିନିଟି ଦିଗ ରହିଛି । ସେଗୁଡ଼ିକ ହେଲା –

୧) ବ୍ୟକ୍ତିବିଶେଷର ଶାରୀରିକ, ମାନସିକ, ନ୍ୟୁନତା ବା ବାଧକ – ଉଦାହରଣ ସ୍ୱରୂପ ଅଙ୍ଗହାନି, ଦୃଷ୍ଟିଶକ୍ତି ବା ସ୍ମରଣଶକ୍ତି ହ୍ରାସ ।

୨) ନିଜର ସ୍ୱାଭାବିକ କାର୍ଯ୍ୟ ସମ୍ପାଦନ ବ୍ୟାହତ ହେବା । ଯଥା- ଦେଖିବା, ଶୁଣିବା, ଚାଲିବା ଆଦିରେ କଷ୍ଟ ବା ଅସୁବିଧା ଅନୁଭବ କରିବା ।

୩) ନିଜର ସ୍ୱାଭାବିକ ଦୈନନ୍ଦିନ କାର୍ଯ୍ୟ କରିବାରେ ଅସୁବିଧା, ଯଥା- କାମ କରିନପାରିବା, ସାମାଜିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନ'ନେବା ଏବଂ ସ୍ୱାସ୍ଥ୍ୟ ସେବା ଲୋଡ଼ିବା ଏବଂ ଚିକିତ୍ସାରେ ରହିବା । ଜନ୍ମଗତ କାରଣରୁ ଜଣେ ମଧ୍ୟ ଭିନ୍ନକ୍ଷମ ହୋଇପାରେ । ପରବର୍ତ୍ତୀ ସମୟରେ ଜନ୍ମଗତ ତ୍ରୁଟି ବିଚ୍ୟୁତି ପାଇଁ ମଧ୍ୟ ଜଣେ କ୍ରମଶଃ ଭିନ୍ନକ୍ଷମ ହେବାର ସମ୍ଭାବନା ରହିଛି । ଏହାଦ୍ୱାରା ଜଣକର ସ୍ମରଣଶକ୍ତି, ଶିକ୍ଷାଲାଭ ଓ ବିଚାରବୁଦ୍ଧି ପ୍ରଭାବିତ ହୋଇପାରେ, ତାହାର ଅଙ୍ଗପ୍ରତ୍ୟେଙ୍ଗର କାର୍ଯ୍ୟ ଚଳନଶକ୍ତି, ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ବ୍ୟବହାର ଓ ଅନ୍ୟକେତେକ ଗୁଣ ବାଧିତ ହୋଇପାରେ । ଏଥିପାଇଁ ଜିନ୍‌ଗତ ବା ବଂଶାନୁକ୍ରମିକ ତ୍ରୁଟି ଦାୟୀ ।

ସେହିଭଳି ରକ୍ତଚାପ, ମଧୁମେହ ଭଳି କେତେକ ସ୍ୱାସ୍ଥ୍ୟଗତ ଜଟିଳତା କାରଣରୁ ଜଣେ ଦୃଷ୍ଟିଶକ୍ତି ହାନି ଓ ସ୍ନାୟୁ ଦୌର୍ବଲ୍ୟ ଓ ବିଭିନ୍ନ ଅଂଗହାନିର ସମ୍ମୁଖୀନ ହୋଇପାରେ । ୨୦୦୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଶାରୀରିକ କ୍ଷମତା, ଭିନ୍ନକ୍ଷମତା ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ବର୍ଗୀକରଣର ଏକ ଅନ୍ତର୍ଜାତିକ ତଥ୍ୟାବଳୀ ପ୍ରକାଶ କରାଯାଇଥିଲା । ଏଥିରେ ଶରୀରର ପ୍ରମୁଖ

ଅଙ୍ଗର ଦକ୍ଷତା, ଗଠନ, କାର୍ଯ୍ୟ, କାର୍ଯ୍ୟରେ ଅଂଶଗ୍ରହଣର ସ୍ତର, ସ୍ଥିତି ଓ ସାଧାରଣ ସ୍ୱାସ୍ଥ୍ୟ ସମ୍ପର୍କରେ ତଥ୍ୟମାନ ରହିଛି । ଏଥିରେ ମଣିଷର କାର୍ଯ୍ୟକଳାପକୁ ତାହାକୁ ଦିଆଯାଇଥିବା କାର୍ଯ୍ୟର ସମ୍ପାଦନ ଦକ୍ଷତା ଭାବରେ ବ୍ୟାଖ୍ୟା କରାଯାଇଛି । ସେହିଭଳି ଅଂଶଗ୍ରହଣକୁ ନିଜେ ବ୍ୟକ୍ତିର ଜୀବନକାଳ ସମ୍ପୃକ୍ତି ହିସାବରେ ଦେଖାଯାଇଛି ।

ଭିନ୍ନକ୍ଷମତା କ୍ଷେତ୍ରରେ ପ୍ରଯୁକ୍ତି ବା ବୈଷୟିକ ବିଦ୍ୟାର ଭୂମିକା ଯଥେଷ୍ଟ ରହିଛି । ଏହା ଦ୍ୱାରା ଭିନ୍ନକ୍ଷମମାନଙ୍କୁ ସକ୍ଷମଙ୍କ ସହ ସମକକ୍ଷ କରିବାର ସୁବିଧା ସୁଯୋଗ ଅଛି । ପ୍ରଯୁକ୍ତି ବିଦ୍ୟା ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କ ଆବଶ୍ୟକତା ଅନୁକୂଳ ସହାୟକ ଉପକରଣ ପ୍ରସ୍ତୁତ କରିଥାଏ । ଏହା ମଧ୍ୟ ବିଭିନ୍ନ ସ୍ଥିତିରେ ଏ କ୍ଷେତ୍ରରେ ଦେଖାଯାଉଥିବା ବ୍ୟବଧାନକୁ ଦୂର କରିବାରେ ସହାୟକ ହୁଏ । ବୈଷୟିକତା ବା ପ୍ରଯୁକ୍ତି ଦୁଇପ୍ରକାରରେ ଭିନ୍ନକ୍ଷମଙ୍କୁ ସାହାଯ୍ୟ କରିଥାଏ । ପ୍ରଥମତଃ ଏହା ସେମାନଙ୍କୁ ସହାୟକ ଉପକରଣ ଯୋଗାଇ ମୌଳିକ କାର୍ଯ୍ୟ ସମ୍ପାଦନରେ ସାହାଯ୍ୟ କରେ ଏବଂ ଦ୍ୱିତୀୟତଃ ସାମାଜିକ ମୁଖ୍ୟ ସ୍ରୋତରେ ମିଶିବାକୁ ସକ୍ଷମ କରାଏ । ଦୃଷ୍ଟିବାଧିତଙ୍କ କ୍ଷେତ୍ରରେ ପ୍ରଯୁକ୍ତିର ଭୂମିକା ସାଧାରଣରେ ଏବଂ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା କଥା ନିର୍ଦ୍ଦିଷ୍ଟ ଭାବେ ବିଚାର କରାଯାଉ । ଦୃଷ୍ଟିହୀନତା ଦୂର କରିବାରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି କଥା ବିଚାର କରିବା ପୂର୍ବରୁ ଏହାର ବ୍ୟାପକ ଅର୍ଥ ପ୍ରଥମେ ବୁଝିବା ଦରକାର । ଏହି ଜ୍ଞାନକୌଶଳ ଟେଲିଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ସୂଚନା ଯୋଗାଏ । ଏହି ପ୍ରଯୁକ୍ତିରେ କମ୍ପ୍ୟୁଟର, ଇଣ୍ଟରନେଟ୍, ଓୟାରଲେସ୍, ସେଲ୍‌ଫୋନ୍ ଓ ଅନ୍ୟାନ୍ୟ ଯୋଗାଯୋଗ ମାଧ୍ୟମ ଓ ଉପକରଣ ଅନ୍ତର୍ଭୁକ୍ତ । ଏହି ପ୍ରଯୁକ୍ତିର ପରିସର ବଢ଼ି ବଢ଼ି ଚାଲିଛି ଏବଂ ନୂଆ ନୂଆ କ୍ଷେତ୍ରକୁ ଏହା ପ୍ରସାରିତ ହେଉଛି । ସମନ୍ୱିତ ବ୍ୟବସ୍ଥାରେ ଏହି ଜ୍ଞାନକୌଶଳ ନୂଆ ଯୋଗାଯୋଗର ସୁଯୋଗ ଯୋଗାଉଛି ।

ଏବେ ଆସନ୍ତୁ ଭାରତରେ ଦୃଷ୍ଟିବାଧିତଙ୍କ ସମ୍ପର୍କରେ ଆଲୋଚନା କରିବା । ଜାତୀୟ ନମୁନା ସର୍ଭେ ସଂଗଠନ (ଏନ୍‌ଏସ୍‌ଏସ୍‌ଓ) ଓ ୨୦୦୧ ଜନଗଣନା ତଥ୍ୟ ଅନୁସାରେ ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଦୃଷ୍ଟିବାଧିତ ଲୋକ ଅଛନ୍ତି । ପ୍ରଥମରେ ରହିଛନ୍ତି ଗତିବାଧିତ ଲୋକ । ଦୃଷ୍ଟିବାଧିତଙ୍କର ମୁଖ୍ୟତଃ ଗୋଟିଏ ଅଙ୍ଗ ବା କେବଳ ଚକ୍ଷୁ ପ୍ରଭାବିତ ହୋଇଥାଏ । ଅନ୍ୟାନ୍ୟ ଅଙ୍ଗ ପ୍ରାୟ ସ୍ୱାଭାବିକ ଥାଏ ।

ନିର୍ଦ୍ଧାରିତ ଚଷମା, କନ୍‌ଟାକ୍ଟ ଲେନ୍ସ, ଔଷଧ ଏବଂ ଅସ୍ତ୍ରୋପଚାର ଦ୍ୱାରା ଦୃଷ୍ଟିଶକ୍ତି ଜନିତ ଦୋଷ ଯଦି ଭଲ ନ ହେଲା ତାହେଲେ ସଂପୃକ୍ତ ବ୍ୟକ୍ତିକୁ ଦୃଷ୍ଟିବାଧିତ ବୋଲି ଧରାଯିବ । ଦୃଷ୍ଟିବାଧିତ ହେଲେ ବ୍ୟକ୍ତିର ଦୈନନ୍ଦିନ କାର୍ଯ୍ୟ ବ୍ୟାହତ ହୋଇଥାଏ । ଏହାଦ୍ୱାରା କେବଳ ସଂପୃକ୍ତ ବ୍ୟକ୍ତିର ଆଖି ପ୍ରଭାବିତ ହୋଇନଥାଏ, ତାହାର ମସ୍ତିଷ୍କର ଅପଟିକାଲ୍ ଲୋବ ଓ ନ୍ୟୁରନ୍ସ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଦୃଷ୍ଟିଶକ୍ତି ଜନିତ ଅକ୍ଷମତା ଆଂଶିକ ଓ ସମ୍ପୂର୍ଣ୍ଣ ହୋଇପାରେ । ଏହା ଜନ୍ମଗତ ବା ପରବର୍ତ୍ତୀ କାଳରେ ମଧ୍ୟ ଘଟିପାରେ । ରୋଗ, ଟ୍ରଉମା, ଜନ୍ମଗତ କାରଣ କିମ୍ବା ବିଭିନ୍ନ କାରଣରୁ କ୍ରମାଗତ ଦୃଷ୍ଟିଶକ୍ତି ହ୍ରାସ ଯୋଗୁଁ ଦୃଷ୍ଟିଶକ୍ତି ଜନିତ ଭିନ୍ନକ୍ଷମତା ଦେଖାଦିଏ । ଯେତେ ଦୃଷ୍ଟିବାଧିତ ବା ନେତ୍ରହୀନ ଅଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକଙ୍କର ଅନ୍ଧତ୍ୱ ଦୂର କରାଯାଇପାରିବ ବୋଲି ଆକଳନ କରାଯାଇଛି । କାରଣ ଅଧିକାଂଶ ଅନ୍ଧତ୍ୱର ଗୁରୁତର ଲକ୍ଷଣ ପ୍ରାରମ୍ଭିକ ଅବସ୍ଥାରେ ପ୍ରକାଶ ପାଏନାହିଁ । ତେଣୁ ପ୍ରାରମ୍ଭିକ ଅବସ୍ଥାରେ ପରୀକ୍ଷାନିରୀକ୍ଷା କରି ଆବଶ୍ୟକ ଚିକିତ୍ସା କଲେ ତାହା ଭଲ ହୋଇଯାଏ ଓ ରୋଗ ବଢ଼ି ଗୁରୁତର ସମସ୍ୟା ସୃଷ୍ଟି ହୁଏନାହିଁ । ଏବେ ଚକ୍ଷୁରୋଗର ପ୍ରାରମ୍ଭିକ ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ଏବଂ ଅଧିକାଂଶସ୍ଥଳେ ଖର୍ଚ୍ଚ ମଧ୍ୟ ଅତି ଅଧିକ ନୁହେଁ । ଏହାର ସୁଯୋଗ ନିଆଯିବା ଉଚିତ ।

**ବିଭିନ୍ନ ଭିନ୍ନକ୍ଷମଙ୍କ ସଂଖ୍ୟା (ଲକ୍ଷରେ)**

| ଭିନ୍ନକ୍ଷମତା | ଏନ୍‌ଏସ୍‌ଏସ୍‌ଓ | (ଲକ୍ଷରେ/ଶତାଂଶ) | ଜନଗଣନା | (ଲକ୍ଷରେ/ଶତାଂଶ) |
|---|---|---|---|---|
| ଗତିବାଧିତ (ଚଳପ୍ରଚଳ ଅକ୍ଷମ) | ୧୬.୩୪ | (୫୧.୧୯%) | ୬୧.୦୫ | (୨୭.୮୬%) |
| ଦୃଷ୍ଟିବାଧିତ | ୨୮.୨୬ | (୧୩.୬୦%) | ୧୦୬.୩ | (୪୮.୫୪%) |
| ଶ୍ରବଣବାଧିତ | ୩୦.୬୨ | (୧୪.୭୪%) | ୧୨.୬୨ | (୫.୭୬%) |
| ବାକ୍‌ଶକ୍ତି ବାଧିତ | ୨୧.୫୫ | (୧୦.୩୭%) | ୧୬.୪୧ | (୭.୪୯%) |
| ମାନସିକ ଭିନ୍ନକ୍ଷମ | ୨୦.୯୬ | (୧୦.୦୯%) | ୨୨.୬୪ | (୧୦.୩୩%) |
| **ମୋଟ୍** | **୨୦୭.୭୩** | **(୧.୮%)** | **୨୧୯.୦୨** | **(୨.୧%)** |

କେବଳ ଦୃଷ୍ଟିହୀନତା ନୁହେଁ ଅନେକ ସ୍ଥଳେ ଦୃଷ୍ଟିଶକ୍ତି ଆଂଶିକ ପ୍ରଭାବିତ, ସ୍ୱଳ୍ପ ଦୃଷ୍ଟିଶକ୍ତି, ଆଇନତଃ ଅନ୍ଧ, ଏଭଳି ବିଭିନ୍ନ ଶ୍ରେଣୀର ଦୃଷ୍ଟିବାଧିତ ବ୍ୟକ୍ତି ଅଛନ୍ତି ।




ଦୃଷ୍ଟି ଅନୁକୂଳ ଉପକରଣ ଓ ସେବାଦ୍ୱାରା ଜଣେ ଛାତ୍ରର ଅଂଶଗ୍ରହଣ, ଉପଲବ୍ଧି ବା ସ୍ୱାଧୀନତା ବୃଦ୍ଧି ପାଇପାରେ । ଏହାକୁ ଦୃଷ୍ଟିବାଧିତଙ୍କ ପାଇଁ ସହାୟକ ଜ୍ଞାନକୌଶଳ ଭାବେ ବିବେଚନା କରାଯାଇପାରେ । ଏହାଦ୍ୱାରା ଦୃଷ୍ଟିଶକ୍ତିବାଧିତ ଛାତ୍ର ତାହାର ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରେ ଉନ୍ନତି କରିପାରେ । ଚକ୍ଷୁରୋପଣ, ପରିବେଶଗତ ଉନ୍ନତି, ସହାୟକ ଉପକରଣର ବ୍ୟବହାର ଦ୍ୱାରା ଅଧିକାଂଶ ଦୃଷ୍ଟିବାଧିତଙ୍କର ଦୃଷ୍ଟିଶକ୍ତିରେ ଉନ୍ନତି ଘଟିବା ସହ ସେମାନେ ଏକ ସ୍ୱାଧୀନ ଓ ସଫଳ ଜୀବନଯାପନ କରିପାରିବେ । ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ସେମାନଙ୍କର ବେଶ୍ ଉପକାରରେ ଆସିପାରିବ । ବେତ ବାଡ଼ି ଏଭଳି ଏକ ଆଇସିଟି ଉପକରଣ ଯାହା ଦୃଷ୍ଟିହୀନଙ୍କ ଉପକାରରେ ଆସୁଛି । ଏକ ସାଧାରଣ ବେତବାଡ଼ି ସାହାଯ୍ୟରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହିନମାନେ ଗମନାଗମନରେ ପ୍ରତିବନ୍ଧକ ଓ ଅସୁବିଧା ଦୂର କରିପାରିବେ । ଏଥିରେ ଖଞ୍ଜାଯାଇଥିବା ନୂଆ ପ୍ରଯୁକ୍ତିଲବ୍ଧ ଯନ୍ତ୍ର ଦ୍ୱାରା ସେମାନେ ଆଗରେ ଥିବା ପ୍ରତିବନ୍ଧକ ବା ଜିନିଷକୁ ଅନୁଭବ କରିପାରିବେ । ଏଥିରେ ଅଲଟ୍ରାସାଉଣ୍ଡ ଜ୍ଞାନକୌଶଳର ଉପଯୋଗ କରାଯାଇଛି । ସ୍ୱୟଂକ୍ରିୟ ସଂକେତ ଓ ଆଲାର୍ମ ଦ୍ୱାରା ଏହି ବାଡ଼ିରୁ ବ୍ୟବହାରକାରୀ ପ୍ରତିବନ୍ଧକ ବିଷୟରେ ଆଗୁଆ ସୂଚନା ପାଇପାରିବେ ।

**ପଥପ୍ରଦର୍ଶକ ଉପକରଣ :**

ଏକ ଦୂର ଯାତ୍ରାରେ ଥିବା ଦୃଷ୍ଟିବାଧିତଙ୍କୁ ସ୍ଥାନ ଓ ନିଜସ୍ୱ ଅଗ୍ରାଧିକାର ସଂକ୍ରାନ୍ତ ବିଭିନ୍ନ ସୂଚନା ଓ ସହାୟତା ଯୋଗାଇବା ପାଇଁ 'କନ୍‌ଟେକ୍ସଟ ଆଓ୍ୱାର' କମ୍ପ୍ୟୁଟର ବ୍ୟବସ୍ଥାରେ ଆବଶ୍ୟକ ତଥ୍ୟ ଯୋଗାଇ ଦେଇହେବ । ସେ ବ୍ୟବହାର କରୁଥିବା ନିଜସ୍ୱ କମ୍ପ୍ୟୁଟରରୁ ନିଜର ଚତୁଃପାର୍ଶ୍ୱ ଓ ପରିବେଶ ବିଷୟରେ ଅବଗତ ହୋଇପାରିବେ । ପଥପ୍ରଦର୍ଶକ ଜ୍ଞାନ କୌଶଳକୁ ଜିପିଏସ୍ ସହ ସଂଯୁକ୍ତ କଲେ ଏହା ଦୃଷ୍ଟିବାଧିତଙ୍କ ପାଇଁ ଅଧିକ ଉପଯୋଗୀ ହୋଇଥାଏ । ଏହାକୁ ଆହୁରି ଡେଟା ଭିତ୍ତିକ ମୋବାଇଲ ସଂଯୁକ୍ତ କଲେ ତାହାଦ୍ୱାରା ବ୍ୟବହାରକାରୀ ଇଣ୍ଟରନେଟ ସହ ସଂଯୁକ୍ତ ହୋଇ ମୋବାଇଲ ଟାଓ୍ୱାର ମାଧ୍ୟମରେ ସ୍ଥାନ ସମ୍ପର୍କରେ ଧାରଣା ଦିଏ । ଏହା ଆସିଷ୍ଟେଡ୍ ଜିପିଏସ୍ ନାମରେ ପରିଚିତ ।

ସେହିଭଳି ଓୟାରଲେସ୍ ଫାଇଡେଲିଟି ବା ଓ୍ୱାଇଫାଇ, ନିୟର ଫିଲଡ୍ କମ୍ୟୁନିକେଶନ (ଏନ୍‌ଏଫ୍‌ସି), ଇନ୍‌ଫ୍ରାରେଡ ଟେକନୋଲୋଜି ଓ ବ୍ଲୁ ଟୁଥ୍ ସମେତ ସେହିଭଳି ଅନ୍ୟାନ୍ୟ ଅତ୍ୟାଧୁନିକ

**ଦୃଷ୍ଟି ଅନୁକୂଳ ଉପକରଣ ଓ ସେବାଦ୍ୱାରା ଜଣେ ଛାତ୍ରର ଅଂଶଗ୍ରହଣ, ଉପଲବ୍ଧି ବା ସ୍ୱାଧୀନତା ବୃଦ୍ଧି ପାଇପାରେ । ଏହାକୁ ଦୃଷ୍ଟିବାଧିତଙ୍କ ପାଇଁ ସହାୟକ ଜ୍ଞାନକୌଶଳ ଭାବେ ବିବେଚନା କରାଯାଇପାରେ । ଏହାଦ୍ୱାରା ଦୃଷ୍ଟିଶକ୍ତି ହୀନ ଛାତ୍ର ତାହାର ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରେ ଉନ୍ନତି କରିପାରେ । ଚକ୍ଷୁରୋପଣ, ପରିବେଶଗତ ଉନ୍ନତି, ସହାୟକ ଉପକରଣର ବ୍ୟବହାର ଦ୍ୱାରା ଅଧିକାଂଶ ଦୃଷ୍ଟିବାଧିତଙ୍କର ଦୃଷ୍ଟିଶକ୍ତିରେ ଉନ୍ନତି ଘଟିବା ସହ ସେମାନେ ଏକ ସ୍ୱାଧୀନ ଓ ସଫଳ ଜୀବନଯାପନ କରିପାରିବେ । ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ସେମାନଙ୍କର ବେଶ୍ ଉପକାରରେ ଆସିପାରିବ । ବେତ ବାଡ଼ି ଏଭଳି ଏକ ଆଇସିଟି ଉପକରଣ ଯାହା ଦୃଷ୍ଟିହୀନଙ୍କ ଉପକାରରେ ଆସୁଛି ।**

ଯୋଗାଯୋଗ କୌଶଳ ମାଧ୍ୟମରେ ମଧ୍ୟ ଦୃଷ୍ଟିବାଧିତ ବିଶେଷ ଉପକୃତ ହୋଇପାରିବେ । ପଠନ ଏକ ଦୈନିକ ଅତ୍ୟାବଶ୍ୟକ ଆବଶ୍ୟକତା ଓ ବିଭିନ୍ନ ଦୃଷ୍ଟିରୁ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହା ଖବରକାଗଜ କିମ୍ବା ପାଠ ବହି ପଢ଼ା ହେଉ କିମ୍ବା ବିଜ୍ଞାପନ ଦେଖିବା ହେଉ ଛପାଯାଇଥିବା ପାଠ ଓ ଫଟୋକୁ ଭଲଭାବରେ ପଢ଼ିପାରୁନଥିବା ଦୃଷ୍ଟିବାଧିତଙ୍କୁ ଏସବୁ ପଢ଼ିବା ବା ଦେଖିବା ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବାର ଆବଶ୍ୟକତା ରହିଛି । ନୂଆ ଜ୍ଞାନକୌଶଳ ଏ ସୁବିଧା ଆଣିଛି । ସହାୟକ ଜ୍ଞାନକୌଶଳ ମାଧ୍ୟମରେ ଦୃଷ୍ଟିବାଧିତ ଏହାକୁ ଭଲଭାବେ ପଢ଼ିପାରିବେ ଓ ଦେଖିବାକୁ ସକ୍ଷମ ହେବେ । ଅପଟିକାଲ କ୍ୟାରେକ୍ଟର ରିଡର (ଓସିଆର୍) ଏହି ଜ୍ଞାନକୌଶଳର ମୁଖ୍ୟ ଆଧାର । ଡିଜିଟାଲ ଟକିଂ ବୁକ୍ ପାଇଁ ଆନ୍ତର୍ଜାତିକ ଜ୍ଞାନକୌଶଳ ବାହାରିଛି । ଡାଇସୀ ଷ୍ଟାଣ୍ଡାର୍ଡ ଜରିଆରେ ଦୃଷ୍ଟିବାଧିତଙ୍କୁ ଏହି ପଠନର ସୁବିଧା ମିଳୁଛି । ପାଠ୍ୟପୁସ୍ତକ ଓ

**ଭିଡିଓ ମ୍ୟାଗ୍ନିଫାୟାର ଟେକ୍ନୋଲୋଜି ଦ୍ୱାରା ରଙ୍ଗହୀନତା ବା ବର୍ଣ୍ଣହିନତାରେ ଆକ୍ରାନ୍ତ ବ୍ୟକ୍ତିମାନେ (ଆଲ୍‌ବିନୋ) ପାଠପଢ଼ା ସହ ଦୈନନ୍ଦିନ ବ୍ୟକ୍ତିଗତ ଜୀବନର କାର୍ଯ୍ୟକୁ ଉପଭୋଗ କରିପାରିବେ । ଭିଡିଓ ମ୍ୟାଗ୍ନିଫାୟାରକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରି ଏହି ଲୋକମାନେ ସୁବିଧାରେ ଭିଡିଓ ଚିତ୍ର ଦେଖିପାରିବେ ।**




ଖବରକାଗଜ ସିଧାସଳଖ ପଢ଼ିବା ପାଇଁ ଦୃଷ୍ଟିବାଧିତଙ୍କ ନିମନ୍ତେ ଟେକ୍ନୋଲୋଜି ବାହାର କରିବାକୁ ପ୍ରୟାସ ଜାରି ରହିଛି ।

ଭିଡିଓ ମ୍ୟାଗ୍ନିଫାୟାର ଟେକ୍ନୋଲୋଜି ଦ୍ୱାରା ରଙ୍ଗହୀନତା ବା ବର୍ଣ୍ଣହିନତାରେ ଆକ୍ରାନ୍ତ ବ୍ୟକ୍ତିମାନେ (ଆଲ୍‌ବିନୋ) ପାଠପଢ଼ା ସହ ଦୈନନ୍ଦିନ ବ୍ୟକ୍ତିଗତ ଜୀବନର କାର୍ଯ୍ୟକୁ ଉପଭୋଗ କରିପାରିବେ । ଭିଡିଓ ମ୍ୟାଗ୍ନିଫାୟାରକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରି ଏହି ଲୋକମାନେ ସୁବିଧାରେ ଭିଡିଓ ଚିତ୍ର ଦେଖିପାରିବେ ।

ଅସ୍ତ୍ରୋପଚାର ଦ୍ୱାରା ଅଧିକାଂଶ ମୋତିଆବିନ୍ଦୁକୁ ଦୂର କରାଯାଇପାରିବ । ଯଦି ଏହି ଅସ୍ତ୍ରୋପଚାର ସମ୍ଭବ ନ ହୁଏ, ତେବେ ଡିସ୍‌ପ୍ଲେ ଟେକ୍ ବ୍ୟବସ୍ଥାରେ ଦେଖିବାକୁ ଥିବା ଚିତ୍ର ବା ଲେଖା ଆକାରକୁ ବଡ଼ କରାଯାଇ ଦେଖିହେବ । ଓସିଆର ସହ ସ୍କ୍ରିନ୍ ରିଡିଂ ସଫ୍ଟଓୟାର ମଧ୍ୟ ଏଥିପାଇଁ ଉପଯୋଗୀ ହୋଇପାରେ ।

ଡାଇବେଟିସ୍‌ରେ ଆକ୍ରାନ୍ତ ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ବ୍ରେଲି ବ୍ୟବହାର କରିପାରିନ୍ତି ନାହିଁ । କାରଣ ସେମାନଙ୍କ ଆଙ୍ଗୁଠିରେ ସ୍ପର୍ଶ ଶକ୍ତି ପ୍ରାୟ ନଥାଏ । ସେଭଳି ବ୍ୟକ୍ତିଙ୍କ ପାଇଁ ଓସିଆରଯୁକ୍ତ ସ୍କ୍ରିନ୍ ରିଡିଂ ପଢ଼ାପଢ଼ିରେ ସହାୟକ ହୋଇପାରିବ । ଆଇସିଟିର କାର୍ଯ୍ୟ କେବଳ ସେତିକିରେ ସୀମିତ ନୁହେଁ । ପ୍ରୋଗ୍ରାମ ହୋଇଥିବା ଭିନ୍ନ ଭିନ୍ନ ଆକାରର ବିଭିନ୍ନ ଉପକରଣ ମଧ୍ୟ ଦୃଷ୍ଟିବାଧିତ ବ୍ୟବହାର କରିପାରିବେ । ଏହା ଫଳରେ ବୟସାଧିକ୍ୟ କାରଣରୁ ଦୁର୍ବଳ ହୋଇପଡ଼ିଥିବା ଚକ୍ଷୁର ସୂକ୍ଷ୍ମ ମାଂସପେଶୀ ଏବଂ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଅଂଶକୁ ବାହ୍ୟ ସହାୟତା ଯୋଗାଇ କାର୍ଯ୍ୟକ୍ଷମ କରିହେବ । ଏହାଦ୍ୱାରା ପ୍ରାକୃତିକ ଉପାୟରେ ଦୃଷ୍ଟିକ୍ଷୟକୁ ରୋକିହେବ । ଚକ୍ଷୁର ସ୍ନାୟୁତନ୍ତ୍ର ଦୁର୍ବଳ ହୋଇଯାଇଥିଲେ ଇଲେକଟ୍ରୋଡ୍ ଓ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ କ୍ଷୁଦ୍ରାତିକ୍ଷୁଦ୍ର ଉପକରଣର ଉପଯୋଗ କରାଯାଇ ସିଧାସଳଖ ମସ୍ତିଷ୍କକୁ ସଂକେତ ପଠାଯାଇପାରିବ, ଯ'ଦ୍ୱାରା ସଂପୃକ୍ତ ବ୍ୟକ୍ତି ଦେଖିପାରିବ ।

ହାତରେ ଧରି ବ୍ୟବହାର କରାଯାଇପାରୁଥିବା ଉପକରଣ ଏବଂ ବ୍ୟକ୍ତିଗତ କମ୍ପ୍ୟୁଟରକୁ ପ୍ରୋଗ୍ରାମ କରି ବ୍ୟବହାରକାରୀର ଆବଶ୍ୟକତା ପୂରଣ କରାଯାଇପାରିବ । ଏଥିପାଇଁ ସ୍କ୍ରିନ୍, କିବୋର୍ଡ, ମାଉସ ଆବଶ୍ୟକସ୍ଥଳେ ନିଜର

ସୁବିଧା ଅନୁସାରେ ବ୍ୟବହୃତ ହୋଇପାରିବ । ଆଇସିଟି ଉପକରଣକୁ ଶରୀରରେ ସଂଯୋଗ କରିବା ସହ ନୂଆ ଉପକରଣ ସହ ସଂଯୁକ୍ତ କରି ଅତିରିକ୍ତ ଆବଶ୍ୟକତାକୁ ମଧ୍ୟ ପୂରଣ କରାଯାଇପାରିବ । ଏସବୁ କୃତ୍ରିମ ବ୍ୟବସ୍ଥାକୁ ପ୍ରୋଗ୍ରାମ କରି ଆବଶ୍ୟକସ୍ଥଳେ ସ୍ୱୟଂକ୍ରିୟ କିମ୍ବା ଦରକାର ମୁତାବକ କରି ବ୍ୟବହାର କରି ଉପକୃତ ହୋଇପାରିବେ । ମାଇକ୍ରୋସଫ୍ଟ ପକ୍ଷରୁ ପ୍ରସ୍ତୁତ ହୋଇଥିବା 'ସିଟିଜ୍ ଅନ୍‌ଲକ୍‌ଡ' ପ୍ରକଳ୍ପରେ ଅତ୍ୟାଧୁନିକ ଜିପିଏସ୍ ବ୍ୟବସ୍ଥା ଓ ସ୍ମାର୍ଟ ଫୋନ୍‌କୁ ବ୍ୟବହାର କରି ନେତ୍ରହିନମାନଙ୍କୁ ସହର ଦେଖିବାର ସୁଯୋଗ ମିଳିଛି । ଏଥିପାଇଁ ବ୍ୟବହାରକାରୀର ହେଡ୍‌ଫୋନ୍‌ରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କ୍ୟାମେରା ଆଦି ଉପକରଣ ଲାଗିଛି ଯାହା ଦ୍ୱାରା ସେ ବିଭିନ୍ନ ଦିଗରୁ ଆସୁଥିବା ଶବ୍ଦ ଶୁଣିବା ସହ, ବସ୍ତୁକୁ ଦେଖିପାରିବ ଏବଂ ନିଜର ସ୍ଥିତିକୁ ଜାଣିପାରିବ । ଏଥିପାଇଁ ରିମୋର୍ଟ ବ୍ଲୁଟୁଥ୍‌ର ଉପଯୋଗ କରାଯାଇଛି । ସେହିଭଳି ଦୃଷ୍ଟିହୀନଙ୍କ ଦ୍ରୁତ ପଠନ ପାଇଁ ଅତ୍ୟାଧୁନିକ ବ୍ରେଲି ବ୍ୟବସ୍ଥା ବାହାର କରିବାକୁ ଉଦ୍ୟମ ଚାଲିଛି । ଭିନ୍ନକ୍ଷମଙ୍କ ଜୀବନକୁ ସହଜସାଧ୍ୟ କରିବା ପାଇଁ ପର୍ସନାଲ ଆନାଉନ୍ସମେଣ୍ଟ ବ୍ୟବସ୍ଥା ଓ ସ୍ୱିଚ୍ କନଭର୍ଟର ଜ୍ଞାନକୌଶଳ ବାହାରିଲାଣି ।

ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଆଇସିଟି ବିଭିନ୍ନ ଜ୍ଞାନକୌଶଳ ଓ ଉପକରଣ ଆଣିଦେଇଛି । ବିଶେଷ କରି ଦୃଷ୍ଟିବାଧିତଙ୍କ ପାଇଁ ଏହା ଅଧିକ ସହାୟକ ହୋଇଛି । ମଣିଷର ଦୃଷ୍ଟିଶକ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହାର କୌଣସି ତ୍ରୁଟି ବା ଅନ୍ଧତ୍ୱର ସମାଧାନ ପାଇଁ ଉପଯୁକ୍ତ ପ୍ରୟାସ ଲୋଡ଼ା । ସବୁ ସମସ୍ୟାର ସ୍ୱତନ୍ତ୍ର ଦିଗ ରହିଛି । ଗୋଟିଏ ପ୍ରତିକାର ବ୍ୟବସ୍ଥା ଦ୍ୱାରା ସବୁ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ବ୍ୟବହାରକାରୀଙ୍କ ଆବଶ୍ୟକତା ଅନୁସାରେ ଆଇଟିସି ନୂଆ ନୂଆ ଉପକରଣ ପ୍ରସ୍ତୁତ କରୁଛି । ବ୍ୟବହାରକାରୀ ଏସବୁର ଉପଯୋଗ କରିବା ପାଇଁ ନିଜକୁ ନିଜେ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷଣ ଓ ତାଲିମ ନେବା ଆବଶ୍ୟକ ।

•






ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ୟାଟେଣ୍ଟ କ୍ଷେତ୍ରରେ ଲେଖକ ଜଣେ ଗବେଷକ ।

# ଭିନ୍ନକ୍ଷମଙ୍କ ପରିବହନ ସମସ୍ୟାର ସମାଧାନ

ଡ. ଦେବର୍ଶୀ ଚୌରାସିଆ

> **ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ସୁବିଧାସୁଯୋଗ ଅନ୍ୟମାନଙ୍କ ସହ ସମାନଭାବେ ମିଳିଲେ ସେମାନେ ସ୍ୱାଧୀନ ଭାବେ ବଞ୍ଚିପାରିବା ସହ ଏକ ସାର୍ବଜନିନ ସମାଜରେ ସାମିଲ ହୋଇ ନିଜର ଯଥାର୍ଥ ପ୍ରତିନିଧିତ୍ୱ କରିପାରିବେ । ଏଥିପାଇଁ ଭାରତ ସରକାର ୧୯୯୫ରେ ଏକ ଆଇନ ପ୍ରଣୟନ କରି ଭିନ୍ନକ୍ଷମଙ୍କୁ ସମାନ ସୁଯୋଗ, ସୁରକ୍ଷା, ଅଂଶଗ୍ରହଣର ଅଧିକାର ପ୍ରଦାନ କରିଛନ୍ତି । ଏହି ଆଇନର ଧାରା ୪୪, ୪୫ ଓ ୪୬ରେ ଏମାନଙ୍କୁ ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ କରିବା ସହ ଏହା ଯେପରି ବାଛବିଚାରମୂଳକ ନହୁଏ ସେଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି ।**

ଭିନ୍ନକ୍ଷମଙ୍କ ଅଧିକାର ସଂପର୍କରେ ମିଳିତ ଜାତିସଂଘ ୨୦୦୭ରେ ଏକ ସନନ୍ଦ ପ୍ରସ୍ତୁତ କରିଛି । ଏହାର ଧାରା-୯ରେ ସ୍ଥାନିତ ଅଧିକାରଗୁଡ଼ିକ ହେଲା ସୂଚନା, ପରିବହନ, ଭୌତିକ ବାତାବରଣ, ଯୋଗାଯୋଗ ଜ୍ଞାନକୌଶଳ, ଅନ୍ୟାନ୍ୟ ବିଭିନ୍ନ ସେବା ସହ ଜରୁରୀ ସେବା ପାଇବାର ହକ୍ । ଭାରତ ଏହି ସନନ୍ଦରେ ସ୍ୱାକ୍ଷର କରିଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ବାଧ୍ୟ । ସନନ୍ଦର ବାର୍ତ୍ତା ହେଲା ଏସବୁ କ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ଓ ପହଞ୍ଚ ମିଳିବା ଉଚିତ । ଭିନ୍ନକ୍ଷମ ଏଥିରୁ ବାଦ୍ ପଡ଼ିଲେ ଏହି ସେବା ଯୋଗାଣ ଅସଂପୂର୍ଣ୍ଣ ରହିଯିବ ।

ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ସୁବିଧାସୁଯୋଗ ଅନ୍ୟମାନଙ୍କ ସହ ସମାନଭାବେ ମିଳିଲେ ସେମାନେ ସ୍ୱାଧୀନ ଭାବେ ବଞ୍ଚିପାରିବା ସହ ଏକ ସାର୍ବଜନିନ ସମାଜରେ ସାମିଲ ହୋଇ ନିଜର ଯଥାର୍ଥ ପ୍ରତିନିଧିତ୍ୱ କରିପାରିବେ । ଏଥିପାଇଁ ଭାରତ ସରକାର ୧୯୯୫ରେ ଏକ ଆଇନ ପ୍ରଣୟନ କରି ଭିନ୍ନକ୍ଷମଙ୍କୁ ସମାନ ସୁଯୋଗ, ସୁରକ୍ଷା, ଅଂଶଗ୍ରହଣର ଅଧିକାର ପ୍ରଦାନ କରିଛନ୍ତି । ଏହି ଆଇନର ଧାରା ୪୪, ୪୫ ଓ ୪୬ରେ ଏମାନଙ୍କୁ ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ କରିବା ସହ ଏହା ଯେପରି ବାଛବିଚାରମୂଳକ ନହୁଏ ସେଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି ।

**ଭାରତୀୟ ଦୃଶ୍ୟପଟ :** ଭାରତୀୟ ସହରାଞ୍ଚଳରେ ଦୈନିକ ବହୁ ସଂଖ୍ୟକ ଯାତ୍ରୀ ବିଭିନ୍ନ କାର୍ଯ୍ୟରେ ନିଜର ଗନ୍ତବ୍ୟରେ ପହଞ୍ଚିବା ପାଇଁ ସାଧାରଣ ପରିବହନ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି । ବ୍ୟକ୍ତିଗତ ଯାନ ବ୍ୟବହାର ବ୍ୟୟବହୁଳ ଏବଂ ଦୂରସ୍ଥାନକୁ ଦୈନିକ ଯାତାୟତ କରିବା ଭାରତୀୟ ପୃଷ୍ଠଭୂମିରେ ସୁବିଧାଜନକ ହୋଇନଥିବାରୁ ଲୋକେ ସାଧାରଣ ପରିବହନ ବ୍ୟବସ୍ଥା ଉପରେ ଅଧିକ ନିର୍ଭର କରନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ବସ୍, ଟ୍ରେନ୍ ଆଦି ସର୍ବସାଧାରଣ ପରିବହନ ମାଧ୍ୟମର ଉନ୍ନତି ପାଇଁ ଭିତ୍ତିଭୂମି ବିକାଶରେ ପ୍ରଚୁର ଅର୍ଥ ମଧ୍ୟ ଖର୍ଚ୍ଚ କରିଥାନ୍ତି । ଏସବୁ ସତ୍ତ୍ୱେ ଭାରତୀୟ ପରିବହନ କ୍ଷେତ୍ରରେ ଯେଉଁ ସୁବିଧା ଓ ଭିତ୍ତିଭୂମି ରହିଛି ତାହା ଭିନ୍ନକ୍ଷମଙ୍କ ପାଇଁ ଆଦୌ ଅନୁକୂଳ ଓ ପର୍ଯ୍ୟାପ୍ତ ନୁହେଁ । କେବଳ ସେତିକି ନୁହେଁ ଏହା ମଧ୍ୟ ବୃଦ୍ଧବୃଦ୍ଧା, ଶିଶୁ, ଗର୍ଭବତୀ ଏବଂ ସାମୟିକ ଶାରୀରିକ ଅକ୍ଷମତା ଭୋଗୁଥିବା ଲୋକଙ୍କ ପାଇଁ ସୁବିଧାଜନକ ନୁହେଁ । ଆମ ରାସ୍ତାଘାଟ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ପାହାଚ, ଶିଡ଼ି ଓ ଗାଡ଼ିଘୋଡ଼ା ସବୁ ଏପରି ତିଆରି ଯେଉଁଠି ଭିନ୍ନକ୍ଷମଙ୍କ ସମେତ ବୟସ୍କ, ଶିଶୁ ଓ ଗର୍ଭବତୀ ମହିଳା ଚଳପ୍ରଚଳ କରିବା ନିରାପଦ ଏବଂ ସହଜ ନୁହେଁ ।

ଭାରତୀୟ ପରିବହନ ଉଦ୍ୟୋଗରେ ବ୍ୟବହୃତ ମାନ ଏବଂ ମୌଳିକ ସୁବିଧା ସୁଯୋଗ କେବଳ ନିର୍ଦ୍ଦିଷ୍ଟଭାବେ ଶାରୀରିକକ୍ଷମ ବ୍ୟବହାରକାରୀଙ୍କୁ ସୁହାଏ । ତା'ହେଲେ ଯେଉଁ ଅକ୍ଷକିଛି ଭିନ୍ନକ୍ଷମ, ବୃଦ୍ଧ, ଶିଶୁ ଓ ଗର୍ଭବତୀ ମହିଳା ଯାତ୍ରୀ ଅଛନ୍ତି ସେମାନଙ୍କ କଥା ବୁଝିବ କିଏ ? ଅତଏବ



Unfiled Notes Page 34

ଏହି ବର୍ଗଙ୍କ ସ୍ୱାର୍ଥରକ୍ଷା ପାଇଁ ପରିବହନ ବ୍ୟବସ୍ଥା, ଯାନବାହାନ ଓ ତତ୍‌ସଂଲଗ୍ନ ମୌଳିକ ସୁବିଧାସୁଯୋଗକୁ ଉପଯୁକ୍ତ କରିବାକୁ ପଡ଼ିବ । ଏଥିପାଇଁ ସଚେତନତା ସୃଷ୍ଟି ସହ ସାମାଜିକସ୍ତରରେ ଏକ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବାକୁ ହେବ । ସମଗ୍ର ଦୁନିଆ ନୂଆ ପ୍ରଯୁକ୍ତି ଓ ଜ୍ଞାନକୌଶଳ ସହ ଦ୍ରୁତ ଗତିରେ ଆଗକୁ ବଢୁଛି । ଏହାର ବିନିଯୋଗ କରି ଏହି ବର୍ଗର ଆବଶ୍ୟକତା ପୂରଣ କରାଯାଇପାରିବ ।

**ଆହ୍ୱାନ :** ଭାରତୀୟ ସହରଗୁଡ଼ିକରେ ସାଧାରଣ ପରିବହନ ବ୍ୟବସ୍ଥାର ସେବା ଓ ସୁବିଧା ପାଇବା ସବୁ ଯାତ୍ରୀଙ୍କ ପାଇଁ ଏକ ବଡ଼ ଆହ୍ୱାନ । ସାଧାରଣ ସ୍ଥାନ, ପରିବହନ ସୁବିଧା ଓ ଯାନବାହନ ଆଦିର ଡିଜାଇନ୍ ଭିନ୍ନକ୍ଷମଙ୍କ ସୁବିଧା ଅନୁସାରେ ହୋଇନାହିଁ । ଜାତୀୟ ସ୍ତରରେ ଜବାହାରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସହରରେ ସୁଦକ୍ଷ ଗଣ ପରିବହନ ବ୍ୟବସ୍ଥା ଯୋଗାଇଦେବାର ପରିକଳ୍ପନା କରାଯାଇଛି । ଏହି ଗଣପରିବହନ କାର୍ଯ୍ୟକ୍ରମରେ ଭିନ୍ନକ୍ଷମଙ୍କ ପାଇଁ ପରିବହନ ସୁବିଧା ସୁଯୋଗ ଯୋଗାଣର ବ୍ୟବସ୍ଥା ରହିଛି । ତେବେ ଆବଶ୍ୟକ ସଚେତନତାର ଅଭାବ ଓ ଏହି ପ୍ରସଙ୍ଗ ପ୍ରତି ସାଧାରଣରେ ଦରଦ ନଥିବାରୁ ଭିନ୍ନକ୍ଷମଙ୍କୁ ଉଚିତ ପରିବହନ ସୁବିଧା ପ୍ରଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯାଇପାରୁନାହିଁ । ଏହାଛଡ଼ା ଯେଉଁସବୁ ଭିତ୍ତିଭୂମି ରହିଛି ତାହାର ମଧ୍ୟ ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉନାହିଁ ।

ସର୍ବସାଧାରଣରେ ଭିନ୍ନକ୍ଷମଙ୍କ ପାଇଁ ଯେଉଁଠି କିଛି ମୌଳିକ ସୁବିଧା ସୁଯୋଗ ରହିଛି ତାହାର ମଧ୍ୟ ଉପଯୋଗ କରାଯାଉନି । ଏହାର କାରଣ ହେଲା ଏହି ସୁବିଧା ସୁଯୋଗକୁ ପରିବହନର ପ୍ରମୁଖ ବ୍ୟବସ୍ଥା ସହ ସଂପୃକ୍ତ କରାଯାଉନାହିଁ ।

**ସର୍ବସାଧାରଣରେ ଭିନ୍ନକ୍ଷମଙ୍କ ପାଇଁ ଯେଉଁଠି କିଛି ମୌଳିକ ସୁବିଧା ସୁଯୋଗ ରହିଛି ତାହାର ମଧ୍ୟ ଉପଯୋଗ କରାଯାଉନି । ଏହାର କାରଣ ହେଲା ଏହି ସୁବିଧା ସୁଯୋଗକୁ ପରିବହନର ପ୍ରମୁଖ ବ୍ୟବସ୍ଥା ସହ ସଂପୃକ୍ତ କରାଯାଉନାହିଁ । ଅନେକ ସ୍ଥାନରେ ସେସବୁ ଜବରଦଖଲରେ କିମ୍ବା ପରିତ୍ୟକ୍ତ ଅବସ୍ଥାରେ ରହିଛି । କେଉଁଠି କେଉଁ ବ୍ୟବସ୍ଥା ଅଛି ସେ ସଂକ୍ରାନ୍ତ ଆବଶ୍ୟକ ସୂଚନା ଫଳକ ଓ ସଂକେତ ପ୍ରଦର୍ଶନ ନ'କରିବା ଆମ ବ୍ୟବସ୍ଥାର ଏକ ବଡ଼ ତ୍ରୁଟି । ସେଥିପାଇଁ ଅନେକ ଲୋକ ଉଦ୍ଦିଷ୍ଟ ବ୍ୟବସ୍ଥାର ସଦ୍‌ବ୍ୟବହାର କରିପାରନ୍ତି ନାହିଁ । ଭିନ୍ନକ୍ଷମଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବ୍ୟବସ୍ଥାରେ ଉନ୍ନତି ହେବା ଆବଶ୍ୟକ ।**

ଅନେକ ସ୍ଥାନରେ ସେସବୁ ଜବରଦଖଲରେ କିମ୍ବା ପରିତ୍ୟକ୍ତ ଅବସ୍ଥାରେ ରହିଛି । କେଉଁଠି କେଉଁ ବ୍ୟବସ୍ଥା ଅଛି ସେ ସଂକ୍ରାନ୍ତ ଆବଶ୍ୟକ ସୂଚନା ଫଳକ ଓ ସଂକେତ ପ୍ରଦର୍ଶନ ନ'କରିବା ଆମ ବ୍ୟବସ୍ଥାର ଏକ ବଡ଼ ତ୍ରୁଟି । ସେଥିପାଇଁ ଅନେକ ଲୋକ ଉଦ୍ଦିଷ୍ଟ ବ୍ୟବସ୍ଥାର ସଦ୍‌ବ୍ୟବହାର କରିପାରନ୍ତି ନାହିଁ । ଭିନ୍ନକ୍ଷମଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବ୍ୟବସ୍ଥାରେ ଉନ୍ନତି ହେବା ଆବଶ୍ୟକ । ଏହା ଫଳରେ ସାଧାରଣ ପରିବହନ ବ୍ୟବସ୍ଥାର ଲାଭ ଏହି ବର୍ଗର ଲୋକମାନେ ସହଜରେ ଉଠାଇପାରିବେ । ଭିନ୍ନକ୍ଷମମାନେ ସାଧାରଣ ଲୋକଙ୍କ ଭଳି ସବୁ ସୁବିଧା ସୁଯୋଗର ସହଜ ଉପଯୋଗ କରିବା ଅବସ୍ଥାରେ ନଥିବାରୁ ସେମାନଙ୍କ ପାଇଁ ସମାଜ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ଭିନ୍ନକ୍ଷମଙ୍କ ସହିତ ଦେଶର ସମସ୍ତ ନାଗରିକଙ୍କୁ ଏକ ପ୍ରତିବନ୍ଧକ ବିହୀନ ମୁକ୍ତ ପରିବହନ ସୁବିଧା ଓ ସେବା ଯୋଗାଇ ଦେବା ପାଇଁ ଭାରତ ସରକାର ଦେଶବ୍ୟାପୀ 'ସୁଗମ୍ୟ ଭାରତ ଅଭିଯାନ'ଆରମ୍ଭ କରିଛନ୍ତି । ଏହା ଏକ ସାଧୁ ଉଦ୍ୟମ ।

**ଡିଜାଇନ ନିର୍ଦ୍ଦେଶାବଳୀ ଓ ମାନ :**

ବିଶ୍ୱର ଅନେକ ଦେଶରେ ପରିବହନ କ୍ଷେତ୍ରରେ ଡିଜାଇନ ନିର୍ଦ୍ଦେଶାବଳୀ ମାନ ନିର୍ଦ୍ଧାରିତ ହୋଇଛି । ଭାରତରେ ତାହା ନଥିବାରୁ ଜାତୀୟ ସ୍ତରରେ ଏଭଳି ଏକ ମାନ ଆପଣେଇବା ପାଇଁ ଅନ୍ୟ ଦେଶର ଏ ସଂକ୍ରାନ୍ତ ଏକ ଉତ୍କୃଷ୍ଟ ମାନ ଓ ନିର୍ଦ୍ଦେଶାବଳୀକୁ ଗ୍ରହଣ କଲେ କିଛି ଅସୁବିଧା ହେବନି । କେନ୍ଦ୍ରୀୟ ପୂର୍ତ୍ତବିଭାଗ (ସିପିଡବ୍ଲ୍ୟୁଡି) ଶିଶୁ, ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଅବାଧ ପରିବହନ ସୁବିଧା ଯୋଗାଣ ସମ୍ପର୍କରେ ଏକ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି । ତାହାକୁ ସଂଶୋଧିତ ଓ ପରିବର୍ଦ୍ଧିତ କରି ଏ କ୍ଷେତ୍ରରେ ଗ୍ରହଣ କରାଯାଇପାରେ । ଏ ଦିଗରେ ସବୁ ମହଲରୁ ଉଦ୍ୟମ ହେବା ଆବଶ୍ୟକ । ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ତଥା ସ୍ୱେଚ୍ଛାସେବୀ ସଂଗଠନ ଏ ଦିଗରେ କାର୍ଯ୍ୟକରୁଛନ୍ତି ।କର୍ମଶାଳା, ଆଲୋଚନାଚକ୍ର ମାଧ୍ୟମରେ ଏସବୁ ସଂଗଠନ ପକ୍ଷରୁ ଜନସଚେତନତା ସୃଷ୍ଟି କରାଯାଉଛି । ଏ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣା, ଅନୁଧ୍ୟାନ ଓ ତଥ୍ୟ ସଂଗ୍ରହ କରି ଶିକ୍ଷାବିତ୍, ଗବେଷକ ଆବଶ୍ୟକ ତଥ୍ୟାବଳୀ ପ୍ରସ୍ତୁତ



Unfiled Notes Page 35

କରିବା ସହ ସମସ୍ୟାର ସମାଧାନ ସୂତ୍ର ବାହାର କରିବା ଉପରେ ଗୁରୁତ୍ୱ ଦେବା ଉଚିତ ।

**ନୂଆ ଆବଶ୍ୟକତା :** ଜେଏନ୍‌ଏନ୍‌ଆର୍‌ୟୁଏମ୍ କାର୍ଯ୍ୟକ୍ରମରେ ପରିବହନ ବ୍ୟବସ୍ଥାକୁ ଉତ୍କୃଷ୍ଟ ଓ ଯୁଗ ଉପଯୋଗୀ କରିବାକୁ କେନ୍ଦ୍ର ସରକାର ଅର୍ଥ ଯୋଗାଉଛନ୍ତି । ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁବିଧ କରିବା ସହ ଏହା ସମାଜର ସବୁବର୍ଗର ଲୋକଙ୍କୁ ଯେପରି ଆବଶ୍ୟକ ସେବା ଓ ସୁବିଧା ଯୋଗାଇ ଦେଇପାରିବ ତା' ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଆମେ ବସ୍‌ଷ୍ଟପ୍, ମେଟ୍ରୋ ଷ୍ଟେସନ୍, ବିଆର୍‌ଟିଏସ୍ ଆଦି ନିର୍ମାଣ କରୁଛୁ । ଏସବୁ ମୌଳିକ ସୁବିଧା ନିର୍ମାଣ ବେଳେ ଏହାର ଡିଜାଇନ୍ ଏପରି ହେବା ଉଚିତ ଯାହା ସମସ୍ତଙ୍କ ପାଇଁ ସୁବିଧାଜନକ ହେବ ସେଥି ପ୍ରତି ଗୁରୁତ୍ୱ ଦେବାକୁ ହେବ । ଉଦାହରଣ ସ୍ୱରୁପ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି କିମ୍ବା ଜଣେ ହୁଇଲଚେୟାର ଯାତ୍ରୀ ଯେପରି ସୁବିଧାରେ ଯାନରେ ଚଢ଼ିପାରୁଥିବ କିମ୍ବା ଓହ୍ଲାଇପାରୁଥିବ । ନିର୍ମାଣର ଢାଞ୍ଚା ଏଭଳି ହେବା ଉଚିତ ଯାହା ସବୁ ଶ୍ରେଣୀଙ୍କ ପାଇଁ ଏକାସାଙ୍ଗରେ ବହୁମୁଖୀ ସୁବିଧା ସୁଯୋଗ ଯୋଗାଇପାରୁଥିବ । ଏ କ୍ଷେତ୍ରରେ ତ୍ରୁଟି ରହିଲେ ବା ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ନରହିଲେ ସେମାନେ ସେବା ଓ ସୁଯୋଗରୁ ବଞ୍ଚିତ ହେବେ । ଆହୁରି ମଧ୍ୟ ଭିତ୍ତିଭୂମି ନିର୍ମାଣ ବେଳେ ପଥଚାରୀଙ୍କ ନିରାପଦ ଯାତ୍ରା ଓ ସୁବିଧା ସୁଯୋଗ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ । ସର୍ବସାଧାରଣ ସୂଚନା ବ୍ୟବସ୍ଥାର ରକ୍ଷଣାବେକ୍ଷଣ, ଶୌଚାଳୟ ବ୍ୟବସ୍ଥା, ପଥଚାରୀଙ୍କ ପାଇଁ ରାସ୍ତା ଅତିକ୍ରମ ସୂଚନା ବ୍ୟବସ୍ଥା, ର୍‍ୟାମ୍ପ ନିର୍ମାଣ, ନିରାପତ୍ତା ବାଡ଼ା ବା ରେଲିଂ, ଟେକଟାଇଲ ବ୍ୟବସ୍ଥା ଆଦି ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ । ଏସବୁ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପ୍ରତି ମଧ୍ୟ ନିୟମିତ ଗୁରୁତ୍ୱ ଦେବାକୁ ହେବ ।

**ସୁଗମ୍ୟ ଭାରତ ଅଭିଯାନ :** ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ସୁଗମ୍ୟ ଭାରତ' ଅଭିଯାନକୁ ଏକ ସୁଯୋଗ ଭାବେ ବିଚାର କରି ଏହାର ବାର୍ତ୍ତାକୁ ସମାଜର ସବୁ ସ୍ତରରେ ପହଞ୍ଚାଇବାକୁ ପଡ଼ିବ । ସ୍କୁଲ, କଲେଜ, ସବୁ ବୃତ୍ତିଧାରୀ ବର୍ଗ, ବିକାଶ ପ୍ରାଧିକରଣର ବ୍ୟକ୍ତିବିଶେଷ, ସହରାଞ୍ଚଳର ସ୍ୱୟଂଶାସିତ ସଂସ୍ଥାର ବ୍ୟକ୍ତିବିଶେଷ, ରାଜନୀତିଜ୍ଞ, ଅମଲା, ସବୁବର୍ଗର ଲୋକଙ୍କୁ ଏଥିରେ ସାମିଲ କରି ପରିବହନର ସୁବିଧା ଓ ସେବାର ବାର୍ତ୍ତାକୁ ପ୍ରସାରିତ କରିବାକୁ ହେବ । ଏ କ୍ଷେତ୍ରରେ ତାଲିମ ଓ ସେବା ପାଇବାର ସୁବିଧା ସୁଯୋଗ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ନିରନ୍ତର ଉତ୍ତମ ପରିବହନ ବ୍ୟବସ୍ଥାର ସୁଯୋଗ ପାଇବା ଆଜିକାଲି ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି । ଅତଏବ ବସ୍, ଟ୍ରାମ୍, ଟ୍ରାନଜିଟ୍, ବିମାନ, ଜାହାଜ ଏସବୁ ପରିବହନର ସୁବିଧା ଯେପରି ସମସ୍ତେ ସୁବିଧାରେ ପାଇପାରିବେ ତାହା ସବୁଠୁ ବଡ଼ ଆହ୍ୱାନ ।

ପରିବହନ ବ୍ୟବସ୍ଥାର ସମସ୍ତ ବ୍ୟବହାରକାରୀ, ବିଶେଷତଃ ଭିନ୍ନକ୍ଷମଙ୍କ ଯତ୍ନ, ସୁଖସୁବିଧା ଓ ନିରାପତ୍ତା ପାଇଁ ଚାଳକ, କଣ୍ଡକ୍ଟର, ଗାଡ଼ିମାଲିକ, ବ୍ୟବସ୍ଥା ତଦାରଖକାରୀ ଦଳ, ନିରାପତ୍ତା କର୍ମଚାରୀ ସମସ୍ତଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରି ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବା ଆବଶ୍ୟକ । ତାଲିମର ଅଭାବରେ ସେମାନେ ପରିବହନ କ୍ଷେତ୍ରରେ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଣ ପାଇଁ ଯେଉଁ ଅର୍ଥ ନିବେଶ ଓ ଉଦ୍ୟମ କରାଯାଉଛି ତାହାର ମହତ୍ୱ ବୁଝିପାରିବେ ନାହିଁ ଏବଂ ଭିନ୍ନକ୍ଷମମାନେ ପରିବହନ ସେବା ଓ ସୁଯୋଗରୁ ବଞ୍ଚିତ ହେବେ ।

ସାଧାରଣ ପରିବହନ ଭିତ୍ତିଭୂମିକୁ ସମସ୍ତଙ୍କ ପହଞ୍ଚ ଉପଯୋଗୀ କରିବା ପାଇଁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ଉପଯୋଗ କରିବା ସହ ଯାନର ଡିଜାଇନ ଓ ଇନ୍ଧନକୁ ପରିବେଶ ଅନୁକୂଳ କରିବା ଆବଶ୍ୟକ । ସର୍ବୋପରି ଉଭୟ ଯାନ ଓ ପରିବହନ ଭିତ୍ତିଭୂମି ଭିନ୍ନକ୍ଷମଙ୍କୁ ସୁହାଇବା ଭଳି ହେବା ଦରକାର । ଏହାଦ୍ୱାରା ସେମାନେ ନିରାପଦରେ ଓ ବିନା ଅସୁବିଧାରେ ଏହାକୁ ବ୍ୟବହାର କରିବାକୁ ସକ୍ଷମ ହେବେ । ଏଲିଜାବେଥ୍ ବାର୍ଟନ ଓ ଲିନ୍ ମିଚେଲ ଯଥାର୍ଥରେ କହିଛନ୍ତି ଯେ ସହରାଞ୍ଚଳ ପରିବହନ କ୍ଷେତ୍ରରେ ଲୋକଙ୍କୁ ଯେଉଁ ପରିବେଶ ବା ବ୍ୟବସ୍ଥା ଯୋଗାଇ ଦିଆଯାଉଛି ତାହା ଦ୍ୱାରା ସେମାନେ ଅକ୍ଷମ ହେଉଛନ୍ତି । ଆମେ ଯଦି ଆମ ସହରଗୁଡ଼ିକୁ ଯଥାର୍ଥରେ ସ୍ମାର୍ଟ କରିବାକୁ ଚାହୁଁଥାଉ, ତା'ହେଲେ ଏସବୁକୁ ବୟସ, ଲିଙ୍ଗ, ଶାରୀରିକ ସ୍ଥିତି, ଆର୍ଥିକ ଅବସ୍ଥା ନିର୍ବିଶେଷରେ ସମସ୍ତଙ୍କ ପାଇଁ ପହଞ୍ଚଯୋଗ୍ୟ, ନିରାପଦ ଏବଂ ଅନ୍ତର୍ନିବେଶୀ କରିବାକୁ ପଡ଼ିବ ।

•

**ଲେଖକ ଭୋପାଳସ୍ଥିତ ଯୋଜନା ଓ ସ୍ଥାପତ୍ୟ ଅନୁଷ୍ଠାନର ସହକାରୀ ପ୍ରଫେସର ଏବଂ ସହରାଞ୍ଚଳର ଯୋଜନାର ଜଣେ ବିଶେଷଜ୍ଞ ।**

# ଭାରତରେ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା

ଶଶୀ ରାନୀ

> **ଭିନ୍ନକ୍ଷମଙ୍କ ସମ୍ପର୍କିତ ତଥ୍ୟ ଏବଂ ଗୁରୁତ୍ୱ ଉପଲବ୍ଧି ପାଇଁ ସର୍ବପ୍ରଥମ ଆବଶ୍ୟକତା ହେଉଛି ସର୍ବତ୍ର ଗ୍ରହଣୀୟ ଏକ ସଂଜ୍ଞା । ଆଜିର ସ୍ଥିତିରେ ଭାରତରେ ଭିନ୍ନକ୍ଷମତାକୁ ନେଇ ପ୍ରଚଳିତ ଚିନ୍ତାଧାରା ଏବଂ ସେମାନଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ପ୍ରଣାଳୀ ମଧ୍ୟ ଭିନ୍ନ ଭିନ୍ନ । ଭିନ୍ନକ୍ଷମତାକୁ ସମାନ ଭାବରେ ସବୁ ସ୍ଥାନରେ ସମାନ ଦୃଷ୍ଟିରେ ଦେଖାଗଲେ ଯାଇ ଭିନ୍ନକ୍ଷମଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ସୁବିଧା ହେବ । ଏଭଳି ନହେବା ଦ୍ୱାରା, ବହୁ ବ୍ୟକ୍ତି ଭିନ୍ନକ୍ଷମ ହୋଇ ମଧ୍ୟ, କେତେକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ।**

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ସମଗ୍ର ବିଶ୍ୱରେ କୌଣସି ନା କୌଣସି ପ୍ରକାରର ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କ ସଂଖ୍ୟା ହେଉଛି ଶହେ କୋଟିରୁ ଉର୍ଦ୍ଧ୍ୱ । ଏମାନଙ୍କ ମଧ୍ୟରୁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ୨୦ କୋଟିରୁ ଉର୍ଦ୍ଧ୍ୱ । ଏକଥା ଅନସ୍ୱୀକାର୍ଯ୍ୟ ଯେ, ଭିନ୍ନକ୍ଷମ ବ୍ୟକ୍ତିମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସେମାନେ ମଧ୍ୟ ସାମାଜିକ ଓ ଆର୍ଥିକ ଭାବେ ଅନ୍ୟମାନଙ୍କ ଠାରୁ ପଛରେ ରୁହନ୍ତି ।

୨୦୧୧ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଭିନ୍ନକ୍ଷମଙ୍କ ସମ୍ପର୍କିତ ବିଶ୍ୱ ରିପୋର୍ଟ ପ୍ରକାଶ ପାଇଥିଲା । ଭିନ୍ନକ୍ଷମଙ୍କ ପ୍ରକୃତ ସ୍ଥିତି ବୁଝିବାକୁ ନେଇ ଏ ଥିଲା ବିଶ୍ୱସ୍ତରରେ ପ୍ରଥମ ପ୍ରୟାସ । ଏହି ରିପୋର୍ଟରେ ଭିନ୍ନକ୍ଷମତାର ସଂକୀର୍ଣ୍ଣ ସଂଜ୍ଞାକୁ ପରିତ୍ୟାଗ କରାଯାଇ ଏହାକୁ ଏକ ବହୁବିଧ ଚିନ୍ତାଧାରା ଭାବରେ ପ୍ରକାଶ କରାଯାଇଛି । ଏଥିରେ ସ୍ପଷ୍ଟ କରାଯାଇଛି, ଯେ ଭିନ୍ନକ୍ଷମତାର ଭେଷଜ ସଂଜ୍ଞା ବା ସାମାଜିକ ସଂଜ୍ଞା, ଭିନ୍ନକ୍ଷମତାକୁ ବୁଝିବା ପାଇଁ ପର୍ଯ୍ୟାପ୍ତ ନୁହଁ । ବରଂ, ଶାରିରୀକ, ସାମାଜିକ, ବୈଚାରିକ ଆଦି ବିଭିନ୍ନ ଧାରଣା ସମ୍ବଳିତ ହେଉଛି ଭିନ୍ନକ୍ଷମତା । ଏହି ରିପୋର୍ଟରେ ଭିନ୍ନକ୍ଷମତାକୁ ଏକ ସମନ୍ୱିତ ମୋଡେଲ ଭାବରେ ଉପସ୍ଥାପନ କରାଯାଇଛି ।

ଭାରତରେ ଭିନ୍ନକ୍ଷମ ବ୍ୟକ୍ତି (ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ସମ୍ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ-୧୯୯୫ ପ୍ରଣୀତ ହେଲା । ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଘୋଷଣାନାମା କାର୍ଯ୍ୟକାରୀ କରିବା ସକାଶେ ଭାରତ ଏହି ଆଇନ୍ ପ୍ରଣୟନ କଲା । ଏହି ଆଇନ୍ ଅନୁସାରେ, ଭିନ୍ନକ୍ଷମତାର ଅର୍ଥ ହେଉଛି (୧) ଦୃଷ୍ଟିହୀନତା (୨) ସ୍ୱଳ୍ପ ଦୃଷ୍ଟି (୩) କୁଷ୍ଠରୋଗ ଆରୋଗ୍ୟ ବ୍ୟକ୍ତି (୪) ବଧିର (୫) ଚଳପ୍ରଚଳ କରିବାରେ ଅସୁବିଧା ରୋଗ କରୁଥିବା ବ୍ୟକ୍ତି (୬) ମାନସିକ ଅନଗ୍ରସରତା ଓ (୭) ମାନସିକ ରୋଗ । ପୁନଶ୍ଚ, ଭେଷଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଏବଂ ଅନ୍ତତଃ ୪୦ ପ୍ରତିଶତ ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ଭାବେ ବିବେଚନା କରିବା ପାଇଁ ଏଥିରେ ଉଲ୍ଲେଖ ରହିଛି ।

ଭିନ୍ନକ୍ଷମଙ୍କ ସମ୍ପର୍କିତ ତଥ୍ୟ ଏବଂ ଗୁରୁତ୍ୱ ଉପଲବ୍ଧି ପାଇଁ ସର୍ବପ୍ରଥମ ଆବଶ୍ୟକତା ହେଉଛି ସର୍ବତ୍ର ଗ୍ରହଣୀୟ ଏକ ସଂଜ୍ଞା । ଆଜିର ସ୍ଥିତିରେ ଭାରତରେ ଭିନ୍ନକ୍ଷମତାକୁ ନେଇ ପ୍ରଚଳିତ ଚିନ୍ତାଧାରା ଏବଂ ସେମାନଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ପ୍ରଣାଳୀ ମଧ୍ୟ ଭିନ୍ନ ଭିନ୍ନ । ଭିନ୍ନକ୍ଷମତାକୁ ସମାନ ଭାବରେ ସବୁ ସ୍ଥାନରେ ସମାନ ଦୃଷ୍ଟିରେ ଦେଖାଗଲେ ଯାଇ ଭିନ୍ନକ୍ଷମଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ସୁବିଧା ହେବ । ଏଭଳି ନହେବା ଦ୍ୱାରା, ବହୁ ବ୍ୟକ୍ତି ଭିନ୍ନକ୍ଷମ ହୋଇ ମଧ୍ୟ, କେତେକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଭିନ୍ନକ୍ଷମ ସମ୍ପର୍କିତ ମିଳିତ

ଜାତିସଂଘ କନ୍‌ଭେନ୍‌ସନ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ମାପକାଠିରେ 'ଭିନ୍ନକ୍ଷମତା'କୁ ମାପିବା ପାଇଁ ବାରଣ କରେ । ବରଂ ଏହି କନ୍‌ଭେନ୍‌ସନ ଅନୁଯାୟୀ ଭିନ୍ନକ୍ଷମତା ହେଉଛି ଏକ କ୍ରମ ବିକଶିତ ଚିନ୍ତାଧାରା । ଭିନ୍ନକ୍ଷମ ସମ୍ପର୍କିତ ରିପୋର୍ଟରେ ମଧ୍ୟ ଭିନ୍ନକ୍ଷମତାକୁ କୌଣସି ଏକ ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ ବିଚାର କରାନଯାଇ ବରଂ ଏହାକୁ କାର୍ଯ୍ୟଦକ୍ଷତା ଆଧାରିତ କରାଯାଇଛି । ଭିନ୍ନକ୍ଷମତାର ଏଭଳି ସମନ୍ୱିତ ଦୃଷ୍ଟିଭଙ୍ଗୀରେ ସ୍ୱାସ୍ଥ୍ୟଗତ ସ୍ଥିତି ସହିତ ବ୍ୟକ୍ତିଗତ ଓ ପରିବେଶଗତ ବିଷୟଗୁଡ଼ିକୁ ମଧ୍ୟ ସ୍ଥାନିତ କରାଯାଇଛି ।

**ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରସଙ୍ଗ :-**

୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ୨୬ ନିୟୁତ ଭିନ୍ନକ୍ଷମ ଅଛନ୍ତି । ଏହି ସଂଖ୍ୟା ହେଉଛି ଦେଶର ଜନସଂଖ୍ୟାର ୨.୬୧ ପ୍ରତିଶତ । ଏମାନଙ୍କ ମଧ୍ୟରୁ ୧୪.୯୮ ନିୟୁତ ହେଉଛନ୍ତି ପୁରୁଷ ଓ ୧୧.୮୨ ନିୟୁତ ହେଉଛନ୍ତି ମହିଳା । ଦେଶର ଭିନ୍ନକ୍ଷମତାର ହାର (ପ୍ରତି ୧ ଲକ୍ଷ ଜନସଂଖ୍ୟାରେ) ହେଉଛି ୨.୨୧୫ । ପୁରୁଷଙ୍କଠାରେ ଏହି ହାର ୨୪୦୫ ହୋଇଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ହେଉଛି ୨୦୧୩ ।

୨୦୧୧ ଜନଗଣନାରେ ଭିନ୍ନକ୍ଷମତାକୁ ୫ଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ପୁନଶ୍ଚ, ଏହାକୁ ୮ଟି ଶ୍ରେଣୀରେ ବିଭକ୍ତ କରାଯାଇ ତଥ୍ୟ ସଂଗୃହୀତ ହୋଇଛି । ଏହି ଅନୁସାରେ, ଚଳପ୍ରଚଳରେ ଅସୁବିଧା ଭୋଗୁଥିବା ଭିନ୍ନକ୍ଷମଙ୍କ ସଂଖ୍ୟା ହେଉଛି ସର୍ବାଧିକ । ଅର୍ଥାତ୍ ୨୦.୨୮ ପ୍ରତିଶତ । ଅନ୍ୟାନ୍ୟ ଭିନ୍ନକ୍ଷମତା ହେଉଛି ଶ୍ରବଣ-ବାଧିତ (୧୮.୯୨%), ଦୃଷ୍ଟିହୀନତା (୧୮.୭୭%), ଅନ୍ୟାନ୍ୟ (୧୮.୩୮%), ମାନସିକ (୮.୩୧%) ଏବଂ ବିବିଧ (୭.୮୯%) । ୨୦୦୧ ଏବଂ ୨୦୧୧ର ଜନଗଣନା ତଥ୍ୟ ବିଶ୍ଲେଷଣରୁ ଜଣାପଡ଼େ

**୨୦୧୧ ମସିହା ଜନଗଣନା ଅନୁସାରେ, ପୁରୁଷଙ୍କ କ୍ଷେତ୍ରରେ, ବାକ୍ ଶକ୍ତି ହୀନତା ଓ ମାନସିକ ଅନଗ୍ରସରତା ଥିବା ଭିନ୍ନକ୍ଷମଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବାବେଳେ, ମହିଳାଙ୍କ କ୍ଷେତ୍ରରେ ଦୃଷ୍ଟିହୀନତା, ଶ୍ରବଣଶକ୍ତି ହୀନତା, ଅନ୍ୟାନ୍ୟ ଓ ବିବିଧ ଶ୍ରେଣୀର ଭିନ୍ନକ୍ଷମତା, ପୁରୁଷଙ୍କ ତୁଳନାରେ ଅଧିକ ରହିଛି । ଏହା ବାସ୍ତବିକ୍ ଏକ ଉଦ୍‌ବେଗର ବିଷୟ । ୨୦୧୧ ଜନଗଣନା ତଥ୍ୟ ପୁଣି ସୂଚାଇଦିଏ ଯେ, ସହରାଞ୍ଚଳ, ଯେଉଁଠାରେ ବିଭିନ୍ନ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁବିଧା ଉପଲବ୍ଧ, ସେଠାରେ ଭିନ୍ନକ୍ଷମଙ୍କ ସଂଖ୍ୟା, ଗ୍ରାମାଞ୍ଚଳ ଅପେକ୍ଷା ଅଧିକ । ଏହା ମଧ୍ୟ ଏକ ଉଦ୍‌ବେଗର କାରଣ । ସହରାଞ୍ଚଳରେ ଚଳପ୍ରଚଳ ସମ୍ପର୍କିତ ଭିନ୍ନକ୍ଷମତାକୁ ବାଦ୍ ଦେଲେ, ଅନ୍ୟସବୁ ଶ୍ରେଣୀର ଭିନ୍ନକ୍ଷମତା ବୃଦ୍ଧି ପାଇଛି ।**

ଯେ, ଦେଶର ଜନସଂଖ୍ୟାର ପ୍ରତିଶତ ଭାବରେ, ବାକ୍ ଓ ଶ୍ରବଣ ଶକ୍ତି ବାଧିତ ବ୍ୟକ୍ତିଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ୨୦୦୧ରେ ଏହା ଯଥାକ୍ରମେ ୦.୧୬% ଓ ୦.୧୨% ଥିବାବେଳେ, ୨୦୧୧ରେ ଏହା ୦.୪୨% ଓ ୦.୧୭%କୁ ବୃଦ୍ଧି ପାଇଛି । ଭିନ୍ନକ୍ଷମ ବ୍ୟକ୍ତି ସଂଖ୍ୟାର ଏକ ପ୍ରତିଶତ ହିସାବରେ, ଦୃଷ୍ଟି-ବାଧିତ ଓ ଚଳପ୍ରଚଳ ଅସୁବିଧା ଭୋଗୁଥିବା ଭିନ୍ନକ୍ଷମଙ୍କ ପ୍ରତିଶତ ୨୦୧୧ ମସିହାରେ ୧୮.୭୭ ଓ ୨୦.୭୭କୁ ଖସିଆସିଛି । ୨୦୧୧ ଜନଗଣନାରେ ଏହି ପ୍ରତିଶତ ଯଥାକ୍ରମେ ୪୮.୫୫ ଓ ୨୭.୮୭ ଥିଲା । ତେବେ ଶ୍ରବଣ-ବାଧିତ, ଅନ୍ୟାନ୍ୟ ଓ ବିବିଧ ଶ୍ରେଣୀର ଭିନ୍ନକ୍ଷମ ମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି ।

୨୦୧୧ ମସିହା ଜନଗଣନା ଅନୁସାରେ, ପୁରୁଷଙ୍କ କ୍ଷେତ୍ରରେ, ବାକ୍ ଶକ୍ତି ହୀନତା ଓ ମାନସିକ ଅନଗ୍ରସରତା ଥିବା ଭିନ୍ନକ୍ଷମଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବାବେଳେ, ମହିଳାଙ୍କ କ୍ଷେତ୍ରରେ ଦୃଷ୍ଟିହୀନତା, ଶ୍ରବଣଶକ୍ତି ହୀନତା, ଅନ୍ୟାନ୍ୟ ଓ ବିବିଧ ଶ୍ରେଣୀର ଭିନ୍ନକ୍ଷମତା, ପୁରୁଷଙ୍କ ତୁଳନାରେ ଅଧିକ ରହିଛି । ଏହା ବାସ୍ତବିକ୍ ଏକ ଉଦ୍‌ବେଗର ବିଷୟ । ୨୦୧୧ ଜନଗଣନା ତଥ୍ୟ ପୁଣି ସୂଚାଇଦିଏ ଯେ, ସହରାଞ୍ଚଳ, ଯେଉଁଠାରେ ବିଭିନ୍ନ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁବିଧା ଉପଲବ୍ଧ, ସେଠାରେ ଭିନ୍ନକ୍ଷମଙ୍କ ସଂଖ୍ୟା, ଗ୍ରାମାଞ୍ଚଳ ଅପେକ୍ଷା ଅଧିକ । ଏହା ମଧ୍ୟ ଏକ ଉଦ୍‌ବେଗର କାରଣ । ସହରାଞ୍ଚଳରେ ଚଳପ୍ରଚଳ ସମ୍ପର୍କିତ ଭିନ୍ନକ୍ଷମତାକୁ ବାଦ୍ ଦେଲେ, ଅନ୍ୟସବୁ ଶ୍ରେଣୀର ଭିନ୍ନକ୍ଷମତା ବୃଦ୍ଧି ପାଇଛି । ସାରଣୀ (୧)ରେ ଏ ସମ୍ପର୍କିତ ତଥ୍ୟ ପ୍ରଦତ୍ତ ହୋଇଛି ।

ଭିନ୍ନକ୍ଷମତା, ବହୁଧା ବିଭକ୍ତ । ତେଣୁ, ଏ ସମ୍ପର୍କିତ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରସଙ୍ଗ ଗୁଡ଼ିକୁ ଶ୍ରେଣୀଭୁକ୍ତ କରିବା ଅତ୍ୟନ୍ତ କଠିଣ । ଉଦାହରଣ ସ୍ୱରୂପ, କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ଅସୁବିଧାର କାରଣ ଶାରିରୀକ ବିକାଳଙ୍ଗତା ହୋଇଥିବା ବେଳେ, ଅନ୍ୟ କେତେକ କ୍ଷେତ୍ରରେ ଏହା ସାମାଜିକ ପରିବେଶ ସମ୍ପର୍କିତ ହୋଇଥାଏ । ତେଣୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଯେ ଏକ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟସେବା ଆବଶ୍ୟକ, ତା' ନୁହଁ । ବରଂ, ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ନିରନ୍ତର

ଆକଳନ ଆବଶ୍ୟକ । ଏ କ୍ଷେତ୍ରରେ ଯଦିଓ ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରୟାସ ଜାରି ରହିଛି, ତଥାପି ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ଏମିତି କିଛି ଶୂନ୍ୟତା ରହିଛି, ଯେଉଁଗୁଡ଼ିକ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ ।

ସରକାରୀ ସ୍ୱାସ୍ଥ୍ୟସେବାର ଅଭାବ ଓ ବେସରକାରୀ ସ୍ୱାସ୍ଥ୍ୟସେବାର ବ୍ୟୟବହୁଳତା ଦୃଷ୍ଟିରୁ, ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସାଧାରଣ ବ୍ୟକ୍ତିମାନେ ସେମାନଙ୍କ ସ୍ୱାସ୍ଥ୍ୟ ଖର୍ଚ୍ଚର ସିଂହଭାଗ ନିଜେ ବହନ କରୁଥିବାବେଳେ, ଭିନ୍ନକ୍ଷମମାନେ ମଧ୍ୟ ଏ ନେଇ ଅନୁରୂପ ପରିସ୍ଥିତିରେ ପଡିଥାନ୍ତି । ନିରନ୍ତର ସ୍ୱାସ୍ଥ୍ୟସେବା ଆବଶ୍ୟକ କରୁଥିବା ଭିନ୍ନକ୍ଷମମାନଙ୍କ କ୍ଷେତ୍ରରେ ଏପ୍ରକାର ଅସୁବିଧା ଆହୁରି ବ୍ୟାପକ ରୂପ ନେଇଥାଏ । ଏହି ଅସୁବିଧାଗୁଡ଼ିକ ହେଉଛି ପରିବହନ, ଜଳ ଓ ପରିମଳ ସମ୍ପର୍କିତ । ଭିନ୍ନକ୍ଷମଙ୍କ ପାଇଁ ପୃଥକ୍ ଡାକ୍ତରୀ ପରାମର୍ଶ, ସୁବିଧା ବା ପୃଥକ୍ ଔଷଧ କ୍ରୟ କରିବା ସୁବିଧା ନଥିବାରୁ, ସେମାନେ ଆହୁରି କଷ୍ଟ ସ୍ୱୀକାର କରନ୍ତି । ଅବଶ୍ୟ, ଭିନ୍ନକ୍ଷମ ବ୍ୟକ୍ତି ଆଇନ୍-୧୯୯୫ ଓ ୨୦୦୪ ମସିହାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ, ପ୍ରତ୍ୟେକ ପବ୍ଲିକ୍ ବିଲ୍ଡିଙ୍ଗରେ ର୍ୟାମ୍ପ ଓ ସ୍ଲୋପ୍ ତିଆରି କରିବାର ଦାୟିତ୍ୱ ହେଉଛି ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କର । ତେବେ, ଏହି ନିର୍ଦ୍ଦେଶର ସଠିକ୍ ପରିପାଳନକୁ ମଧ୍ୟ କୌଣସି ସରକାରୀ ସଂସ୍ଥା ଦ୍ୱାରା ନିରୀକ୍ଷଣ କରାଯିବା ଉଚିତ୍ । ଏତଦ୍‌ବ୍ୟତୀତ, ଭିନ୍ନକ୍ଷମ ବ୍ୟକ୍ତିମାନେ, ସ୍ୱାସ୍ଥ୍ୟସେବା ବା ପରାମର୍ଶ ନେବା କ୍ଷେତ୍ରରେ ଆଗଭର ହୋଇପାରନ୍ତି ନାହିଁ । ଏହାର ଏକ କାରଣ ହେଉଛି ସ୍ୱାସ୍ଥ୍ୟ ପରାମର୍ଶଦାତା ଓ କର୍ମୀଙ୍କ ମନରେ ଭିନ୍ନକ୍ଷମଙ୍କ ପ୍ରତି ଥିବା ଭେଦଭାବ ଓ ସହାନୁଭୂତିର ଅଭାବ ।

ଏସବୁ ଅନ୍ତରାୟ ଯୋଗୁଁ ଭିନ୍ନକ୍ଷମମାନେ, ନା କେବଳ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୁଅନ୍ତି, ବରଂ, ମାନସିକ ଭାବେ ଅଧିକ ଚାପଗ୍ରସ୍ତ ହୋଇଥାନ୍ତି ଓ ପ୍ରଚଳିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରତି ମଧ୍ୟ ବିମୁଖ ହୋଇପଡନ୍ତି । ତେଣୁ, ବହୁ କ୍ଷେତ୍ରରେ, ଭିନ୍ନକ୍ଷମ ମାନଙ୍କ ପ୍ରକୃତ ସ୍ୱାସ୍ଥ୍ୟ ଆବଶ୍ୟକତା ଲୁଚି ରହିଯାଏ । ଏହାଦ୍ୱାରା, ଉଭୟ ବ୍ୟକ୍ତି ଓ ପରିବାର ସ୍ତରରେ ନାନା ପ୍ରକାରର ସଙ୍କଟପୂର୍ଣ୍ଣ ପରିସ୍ଥିତି ଉପୁନ୍ନ ହୁଏ । ସାମାଜିକ ଓ ପରିବେଶଗତ ସମ୍ପର୍କଥିବା ମାନସିକ ରୋଗୀମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଆବଶ୍ୟକ ।

ଭାରତରେ ମହିଳାମାନେ ଏମିତିରେ ବହୁପ୍ରକାରର ଭେଦଭାବର ଶିକାର ହୋଇଥାନ୍ତି । ତେବେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାଙ୍କ ପାଇଁ ଆବଶ୍ୟକ ସୁବିଧା ଏଯାବତ୍ ଯୋଗାଇ ଦିଆଯାଇପାରିନାହିଁ । ଲିଙ୍ଗଗତ ବୈଷମ୍ୟ ଓ ପିତୃପ୍ରଧାନ ସମାଜ ଯୋଗୁଁ ଏଠି ମହିଳା ଭିନ୍ନକ୍ଷମମାନେ ଆହୁରି ଅଧିକ ବିଷମତାର ସମ୍ମୁଖୀନ ହୋଇଥାନ୍ତି । ଏହାବ୍ୟତୀତ ରହିଛି ଯୌନ ଉତ୍ପୀଡ଼ନ ଓ ହିଂସା ଆଦି ଘଟଣା । ଏସବୁ ଦୃଷ୍ଟିରୁ ଭିନ୍ନକ୍ଷମ ମହିଳାମାନେ ବିବିଧ ଭାବରେ ଅବହେଳିତ । ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟକୁ ନେଇ ମଧ୍ୟ ମହିଳାଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟସେବାର ଅଭାବ ରହିଛି । ସମାଜିକ ଭେଦଭାବ ଓ ମହିଳାଙ୍କ ପ୍ରତି ପରିବାରର ଦୃଷ୍ଟି ଭଙ୍ଗି ଯୋଗୁଁ ମହିଳାମାନେ ସାଧାରଣତଃ ନିଜ ସ୍ୱାସ୍ଥ୍ୟ ସମସ୍ୟାକୁ ପରିପ୍ରକାଶ କରନ୍ତି ନାହିଁ । ଫଳରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୁହନ୍ତି ।

ପୂର୍ବର ଯୋଜନା ଆୟୋଗ ଓ ବର୍ତ୍ତମାନର ନିତୀ ଆୟୋଗ ମଧ୍ୟ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ଏହିସବୁ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭିନ୍ନକ୍ଷମ ବ୍ୟକ୍ତି ସମ୍ପର୍କିତ ମିଳିତ ଜାତିସଂଘ କନ୍‌ଭେନସନର ଧାରା ୨୫ରେ ବିନା କୌଣସି ପାତରଅନ୍ତର ଭାବନାରେ, ଭିନ୍ନକ୍ଷମମାନେ ଯେପରି ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇପାରିବେ, ସେଥିପ୍ରତି ଯତ୍ନବାନ୍ ହେବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦିଆଯାଇଛି । ତେଣୁ, କୌଣସି ପ୍ରତିବନ୍ଧକ ବିନା, ଦେଶଗୁଡ଼ିକ, ନିଜ ଭିନ୍ନକ୍ଷମ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଚିତ୍ । ୨୦୧୧ ମସିହାର ଭିନ୍ନକ୍ଷମ ସମ୍ପର୍କିତ ବିଶ୍ୱ ରିପୋର୍ଟରେ ସ୍ୱୀକାର କରାଯାଇଛି ଯେ, ଦେଶବିଦେଶ ସବୁଠି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାସ୍ଥିତି, ସେମାନଙ୍କ ଅର୍ଥନୈତିକ ଅଂଶଗ୍ରହଣ ଓ ଦାରିଦ୍ର୍ୟ ଆଦି ବହୁ ନିମ୍ନରେ ରହିଛି । ଏହାର

**ଭାରତରେ ମହିଳାମାନେ ଏମିତିରେ ବହୁପ୍ରକାରର ଭେଦଭାବର ଶିକାର ହୋଇଥାନ୍ତି । ତେବେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାଙ୍କ ପାଇଁ ଆବଶ୍ୟକ ସୁବିଧା ଏଯାବତ୍ ଯୋଗାଇ ଦିଆଯାଇପାରିନାହିଁ । ଲିଙ୍ଗଗତ ବୈଷମ୍ୟ ଓ ପିତୃପ୍ରଧାନ ସମାଜ ଯୋଗୁଁ ଏଠି ମହିଳା ଭିନ୍ନକ୍ଷମମାନେ ଆହୁରି ଅଧିକ ବିଷମତାର ସମ୍ମୁଖୀନ ହୋଇଥାନ୍ତି । ଏହାବ୍ୟତୀତ ରହିଛି ଯୌନ ଉତ୍ପୀଡ଼ନ ଓ ହିଂସା ଆଦି ଘଟଣା । ଏସବୁ ଦୃଷ୍ଟିରୁ ଭିନ୍ନକ୍ଷମ ମହିଳାମାନେ ବିବିଧ ଭାବରେ ଅବହେଳିତ । ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟକୁ ନେଇ ମଧ୍ୟ ମହିଳାଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟସେବାର ଅଭାବ ରହିଛି । ସମାଜିକ ଭେଦଭାବ ଓ ମହିଳାଙ୍କ ପ୍ରତି ପରିବାରର ଦୃଷ୍ଟି ଭଙ୍ଗି ଯୋଗୁଁ ମହିଳାମାନେ ସାଧାରଣତଃ ନିଜ ସ୍ୱାସ୍ଥ୍ୟ ସମସ୍ୟାକୁ ପରିପ୍ରକାଶ କରନ୍ତି ନାହିଁ । ଫଳରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୁହନ୍ତି ।**

ଆଂଶିକ କାରଣ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ନିଯୁକ୍ତି ଆଦି କ୍ଷେତ୍ରରେ ନାନାପ୍ରକାର ପ୍ରତିବନ୍ଧକର ସମ୍ମୁଖିନ ହୋଇଥାନ୍ତି । ସେମାନଙ୍କ ପାଖରେ ଏ ସମ୍ପର୍କିତ ଆବଶ୍ୟକ ସୂଚନା ମଧ ନଥାଏ । ଏସବୁ ବିଷୟକୁ ବିଚାରକୁ ନେଇ, ଭାରତ ସରକାର ଏକ ଜାତୀୟ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ।

**ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଜାତୀୟ ନୀତିର କାର୍ଯ୍ୟକାରୀତା ଓ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ପ୍ରଚଳନ ପାଇଁ ଭାରତ ସରକାର, ଭିନ୍ନକ୍ଷମ ବ୍ୟାପାର ବିଭାଗକୁ ନୋଡ଼ାଲ ବିଭାଗ ଭାବେ ସ୍ୱୀକୃତି ଦେଇଛନ୍ତି । ତେବେ ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟକ୍ରମ ଗୁଡ଼ିକର ରୂପାୟନ ପାଇଁ, ସଂପୃକ୍ତ ମନ୍ତ୍ରଣାଳୟ, ବିଭାଗ କିମ୍ବା ରାଜ୍ୟ ସରକାରଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ, ଭିନ୍ନକ୍ଷମଙ୍କ ପାଇଁ ଆବଶ୍ୟକ ସହାୟତା ଉପକରଣ ଯୋଗାଣ, ଆବାସିକ ବିଦ୍ୟାଳୟ, ମେଧାବୃତ୍ତି, କୌଶଳ ପ୍ରଶିକ୍ଷଣ, ରିହାତି ଦରରେ ଋଣ ପ୍ରଦାନ, ଆତ୍ମ-ନିଯୁକ୍ତି, ଶିକ୍ଷା ଓ ଥଇଥାନ, ସଚେତନତା ସୃଷ୍ଟି, ଗବେଷଣା, ମୂଲ୍ୟାୟନ ଆଦି କାର୍ଯ୍ୟ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି ।**

**ଜାତୀୟନୀତି :-** ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ସମ୍ବିଧାନର ସପ୍ତମ ପରିଚ୍ଛେଦ ଅନ୍ତର୍ଗତ ଉଭୟ ରାଜ୍ୟ-ସୂଚୀ ଓ ଯୁଗ୍ମ-ସୂଚୀ ଅନ୍ତର୍ଭୁକ୍ତ । ଏଥିରେ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ସୁରକ୍ଷା, ସାମାଜିକ ବୀମା ଓ ଅ-ନିଯୁକ୍ତିକ୍ଷମ ଭିନ୍ନକ୍ଷମଙ୍କ ପାଇଁ ସୁବିଧା ପ୍ରଦାନ ଆଦି ଦାୟିତ୍ୱ ରହିଛି । ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଜାତୀୟ ନୀତିର କାର୍ଯ୍ୟକାରୀତା ଓ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ପ୍ରଚଳନ ପାଇଁ ଭାରତ ସରକାର, ଭିନ୍ନକ୍ଷମ ବ୍ୟାପାର ବିଭାଗକୁ ନୋଡ଼ାଲ ବିଭାଗ ଭାବେ ସ୍ୱୀକୃତି ଦେଇଛନ୍ତି । ତେବେ ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟକ୍ରମ ଗୁଡ଼ିକର ରୂପାୟନ ପାଇଁ, ସଂପୃକ୍ତ ମନ୍ତ୍ରଣାଳୟ, ବିଭାଗ କିମ୍ବା ରାଜ୍ୟ ସରକାରଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ, ଭିନ୍ନକ୍ଷମଙ୍କ ପାଇଁ ଆବଶ୍ୟକ ସହାୟତା ଉପକରଣ ଯୋଗାଣ, ଆବାସିକ ବିଦ୍ୟାଳୟ, ମେଧାବୃତ୍ତି, କୌଶଳ ପ୍ରଶିକ୍ଷଣ, ରିହାତି ଦରରେ ଋଣ ପ୍ରଦାନ, ଆତ୍ମ-ନିଯୁକ୍ତି, ଶିକ୍ଷା ଓ ଥଇଥାନ, ସଚେତନତା ସୃଷ୍ଟି, ଗବେଷଣା, ମୂଲ୍ୟାୟନ ଆଦି କାର୍ଯ୍ୟ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି ।

ଭିନ୍ନକ୍ଷମମାନଙ୍କ ପାଇଁ କାର୍ଯ୍ୟ କରୁଥିବା କେତେକ ବିଭାଗ, ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ହେଉଛନ୍ତି :- ଜାତୀୟ ଅର୍ଥ ଓ ବିକାଶ ନିଗମ, କାନପୁରସ୍ଥିତ କୃତ୍ରିମ ଅଂଗ ଉତ୍ପାଦନ ନିଗମ, ନୂଆଦିଲ୍ଲୀସ୍ଥିତ ଶାରିରୀକ ଭିନ୍ନକ୍ଷମ ଦିନ୍‌ଦୟାଲ ଉପାଧ୍ୟାୟ ସଂସ୍ଥା, କୋଲକାତାସ୍ଥିତ ଅସ୍ଥି ସମ୍ପର୍କିତ ଭିନ୍ନକ୍ଷମ ଜାତୀୟ ଅନୁଷ୍ଠାନ, ଦୃଷ୍ଟିବାଧିତଙ୍କ ପାଇଁ ଡେରାଡୁନ୍‌ସ୍ଥିତ ଜାତୀୟ ଅନୁଷ୍ଠାନ, ସିକନ୍ଦରାବାଦସ୍ଥିତ ମାନସିକ ଅନଗ୍ରସର ଜାତୀୟ ଅନୁଷ୍ଠାନ, ମୁମ୍ବାଇସ୍ଥିତ ଅଲି ୟବାରଜଙ୍ଗ ଶ୍ରବଣବାଧିତ ଜାତୀୟ ଅନୁଷ୍ଠାନ, କଟକସ୍ଥିତ ଜାତୀୟ ଥଇଥାନ, ପ୍ରଶିକ୍ଷଣ ଓ ଗବେଷଣା ଅନୁଷ୍ଠାନ, ଚେନ୍ନାଇସ୍ଥିତ ବହୁବିଧ ଭିନ୍ନକ୍ଷମତା ସଶକ୍ତିକରଣ ଜାତୀୟ ଅନୁଷ୍ଠାନ ଏବଂ ନୂଆଦିଲ୍ଲୀସ୍ଥିତ ପ୍ରତିକ ଭାଷା ଗବେଷଣା ଓ ତାଲିମ୍ ଅନୁଷ୍ଠାନ ଆଦି ।

ଭିନ୍ନକ୍ଷମ ବ୍ୟକ୍ତି ଅଧିନିୟମ ୧୯୯୫ରେ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ କରାଯାଇଥିବା କେତେକ ପ୍ରମୁଖ ବ୍ୟବସ୍ଥା ନିମ୍ନରେ ପ୍ରଦତ୍ତ ହୋଇଛି:-

(୧) ସର୍ଭେ ଭଳି ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ଭିନ୍ନକ୍ଷମତାକୁ ପ୍ରତିରୋଧ କରିବା, ଭିନ୍ନକ୍ଷମତା ବିପଦ ଆଶଙ୍କା ନିର୍ଣ୍ଣୟ କରିବା ପାଇଁ, ପ୍ରତ୍ୟେକ ଶିଶୁଙ୍କୁ ବାର୍ଷିକ ଅନ୍ତତଃ ଥରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ଏବଂ ମହିଳାଙ୍କୁ ଗର୍ଭ ପୂର୍ବବର୍ତ୍ତୀ, ପରବର୍ତ୍ତୀ ଓ ମାତୃତ୍ୱ ତଥା ପିତୃତ୍ୱ ସମ୍ପର୍କିତ ସେବା ଯୋଗାଇବା ।

(୨) ଭିନ୍ନକ୍ଷମଙ୍କ ଅଧୂନାତନ ସୂଚୀ ପ୍ରସ୍ତୁତ କରିବା, ଭିନ୍ନକ୍ଷମଙ୍କ ନିଯୁକ୍ତି, ପ୍ରଶିକ୍ଷଣ ସୁନିଶ୍ଚିତ କରିବା, ନିଯୁକ୍ତି ଆଦି କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମା କୋହଳ କରିବା, ନିଯୁକ୍ତି ନିୟନ୍ତ୍ରଣ, ଭିନ୍ନକ୍ଷମଙ୍କ ନିଯୁକ୍ତି କ୍ଷେତ୍ରରେ ଅନୁକୂଳ ପରିବେଶ ତିଆରି କରିବା ଏବଂ ଭିନ୍ନକ୍ଷମଙ୍କ ପାଇଁ ୫ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିବା ।

(୩) ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ, ରିହାତି ମୂଲ୍ୟରେ ଭିନ୍ନକ୍ଷମଙ୍କୁ ଜମି ପ୍ରଦାନ (ଗୃହନିର୍ମାଣ, ବ୍ୟବସାୟ ସ୍ଥାପନ ଆଦି କାର୍ଯ୍ୟ ପାଇଁ) ଅବସର ବିନୋଦନ କେନ୍ଦ୍ର ନିର୍ମାଣ, ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପନ, ଗବେଷଣା ପ୍ରତିଷ୍ଠାନ ସ୍ଥାପନ ଏବଂ ଭିନ୍ନକ୍ଷମଙ୍କ ଦ୍ୱାରା କାରଖାନା ପ୍ରତିଷ୍ଠା ।

(୪) ଭିନ୍ନକ୍ଷମଙ୍କ ପାଇଁ ଅନ୍ତର୍ନିବେଶୀ ସଡ଼କ, ରେଳପଥ ଓ ଆକାଶପଥ ଗମନାଗମନ ସୁବିଧା, ସଡ଼କ ସୁରକ୍ଷା ପ୍ରତୀକ, ସାଧାରଣ କୋଠାବାଡିରେ ର୍‍ୟାମ୍ପ୍ ବ୍ୟବସ୍ଥା, ବ୍ରେଲି ସୂଚନା ଫଳକ ଓ ଶ୍ରବଣ ବାଧିତଙ୍କ ପାଇଁ ଶ୍ରବଣ ସୂଚକ ବ୍ୟବସ୍ଥା, ଡାକ୍ତରଖାନାରେ ର୍‍ୟାମ୍ପ୍ ବ୍ୟବସ୍ଥା ଏବଂ ଥଇଥାନ ଅନୁଷ୍ଠାନ ।

(୫) ଭିନ୍ନକ୍ଷମତା ପ୍ରତିହତ କରିବା ପାଇଁ

## ଭିନ୍ନକ୍ଷମଙ୍କ ସମ୍ପର୍କିତ ତଥ୍ୟ

# ସାରଣୀ-୧, ଜନଗଣନା-୨୦୧୧

| କ୍ର ସଂ | | ଜନସଂଖ୍ୟା | ଜନସଂଖ୍ୟା ପ୍ରତିଶତ | ଭିନ୍ନକ୍ଷମଙ୍କ ପ୍ରତିଶତ ପ୍ରତିଶତ | ପୁରୁଷ | ସ୍ତ୍ରୀ | ଗ୍ରାମୀଣ | ସହରୀ |
|---|---|---|---|---|---|---|---|---|
| ୧ | ମୋଟ ଜନସଂଖ୍ୟା | ୧୨୧୦୮୫୪୯୭୭ | ୨.୨୧ | | ୬୨୩୨୭୦୨୫୮ | ୫୮୭୫୮୪୭୧୯ | ୮୩୩୭୪୮୮୫୨ | ୩୭୭୧୦୬୧୨୫ |
| ୨ | ମୋଟ ଭିନ୍ନକ୍ଷମଙ୍କ ସଂଖ୍ୟା | ୨୬୮୧୪୯୯୫ | ୨.୧୩ | | ୧୪୯୮୮୫୯୩ | ୧୧୮୨୬୪୦୧ | ୧୮୬୩୬୩୫୮ | ୮୧୬୮୬୩୬ |
| ୩ | ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ଭିନ୍ନକ୍ଷମଙ୍କ ହାର | ୨୬୧୫ | | | ୨୪୦୪୮୩୦୫ | ୨୦୧୨୭୧୪୨ | ୨୨୩୫୨୪୮୪ | ୨୧୬୮୭୮୧ |
| ୪ | ଦୃଷ୍ଟିବାଧିତ | ୫୦୩୩୪୩୧ | ୦.୪୨ | ୧୮.୭୬ | ୨୬୩୯୦୨୮ | ୨୩୯୪୪୦୩ | ୩୫୦୩୫୫୮ | ୧୫୨୯୮୭୩ |
| ୫ | ମୂକ | ୧୯୯୮୬୯୨ | ୦.୧୭ | ୭.୪୫ | ୧୧୨୨୯୮୭ | ୮୭୫୭୦୫ | ୧୩୦୩୯୪୦ | ୬୯୪୭୫୨ |
| ୬ | ଶ୍ରବଣ ବାଧିତ | ୫୪୩୬୮୨୬ | ୦.୪୫ | ୨୦.୨୮ | ୩୩୭୦୫୦୧ | ୨୦୬୭୩୨୫ | ୪୦୩୫୭୪୧ | ୧୪୦୧୦୮୫ |
| ୭ | ଚଳପ୍ରଚଳ ବାଧିତ | ୫୪୩୬୮୨୬ | ୦.୪୫ | ୨୦.୨୮ | ୩୩୭୦୫୦୧ | ୨୦୬୭୩୨୫ | ୪୦୩୫୭୪୧ | ୧୪୦୧୦୮୫ |
| ୮ | ମାନସିକ ବାଧାପ୍ରାପ୍ତ | ୨୨୨୮୮୪୪ | ୦.୧୮ | ୮.୩୧ | ୧୨୮୬୬୫୭ | ୯୪୨୧୮୮ | ୧୫୨୧୭୮୦ | ୭୦୭୦୬୪ |
| ୯ | ମାନସିକ ଅନଗ୍ରସରତା | ୧୫୦୫୯୬୪ | ୦.୧୨ | ୫.୬୨ | ୮୭୦୮୯୮ | ୬୩୫୦୬୭ | ୧୦୨୫୯୦୦ | ୪୮୦୦୬୪ |
| ୧୦ | ମାନସିକ ରୂପେ ଅସୁସ୍ଥ | ୭୨୨୮୮୦ | ୦.୦୬ | ୨.୭୦ | ୪୧୫୭୫୮ | ୩୦୭୧୨୨ | ୪୯୫୮୮୦ | ୨୨୭୦୦୦ |
| ୧୧ | ଅନ୍ୟ | ୪୯୨୭୫୮୯ | ୦.୪୧ | ୧୮.୩୮ | ୨୭୨୮୧୨୫ | ୨୧୯୯୪୬୪ | ୩୨୯୩୧୦୭ | ୧୬୩୪୪୮୨ |
| ୧୨ | ବହୁବିଧ | ୨୧୧୬୬୯୮ | ୦.୧୭ | ୭.୮୯ | ୧୧୬୨୭୧୨ | ୯୫୩୯୮୬ | ୧୫୮୪୫୦୪ | ୫୩୨୧୯୪ |

ଗବେଷଣା, ଗୋଷ୍ଠୀ-ଆଧାରିତ ଥଇଥାନ, ନିଯୁକ୍ତି ସୁଯୋଗ ପ୍ରଦାନ । ଭିନ୍ନକ୍ଷମଙ୍କ ପାଇଁ ବିଶେଷ ଶିକ୍ଷା ବ୍ୟବସ୍ଥା ଓ ଥଇଥାନ ସମ୍ପର୍କରେ ଗବେଷଣା ପାଇଁ, ବିଶ୍ୱବିଦ୍ୟାଳୟ, ଅନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନ ଓ ବେସରକାରୀ ଗବେଷଣା ପ୍ରତିଷ୍ଠାନ ଆଦିଙ୍କୁ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି । (୬) ସମସ୍ତ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ସୁରକ୍ଷା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ, ଭିନ୍ନକ୍ଷମ କର୍ମଚାରୀଙ୍କ ପାଇଁ ବୀମା ବ୍ୟବସ୍ଥା, ଭିନ୍ନକ୍ଷମଙ୍କୁ ବେକାରୀ ଭତ୍ତା ପ୍ରଦାନ (ଯେଉଁମାନେ ନିଯୁକ୍ତି କାର୍ଯ୍ୟାଳୟରେ ଦୁଇବର୍ଷରୁ ଅଧିକ ସମୟ ଧରି ପଞ୍ଜିକୃତ ହୋଇଥିବେ ଏବଂ ଯେଉଁମାନେ ଆଦୌ ନିଯୁକ୍ତିକ୍ଷମ ନୁହନ୍ତି) ।

**କେନ୍ଦ୍ର ସମାଜ କଲ୍ୟାଣ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏଗୁଡ଼ିକ ମଧ୍ୟରେ ରହିଛି ୧୯୮୫ ମସିହାରେ ଆରମ୍ଭ ହୋଇଥିବା ଜିଲ୍ଲା ଥଇଥାନ କେନ୍ଦ୍ର । ମୁମ୍ବାଇ, ଚେନ୍ନାଇ, କଟକ ଓ ଲକ୍ଷ୍ନୌଠାରେ ଚାରୋଟି ଆଞ୍ଚଳିକ ଥଇଥାନ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକରୁଛି । ଏଗୁଡ଼ିକ ଦ୍ୱାରା ଗ୍ରାମ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ତାଲିମ୍ ପ୍ରଦାନ କରାଯିବା ସହିତ, ସରକାରୀ କର୍ମଚାରୀଙ୍କ ପାଇଁ ତାଲିମ ଓ ସେବା ପ୍ରଦାନ ସମ୍ପର୍କିତ ଗବେଷଣା ଏବଂ ସ୍ୱଳ୍ପ ମୂଲ୍ୟରେ ସହାୟତା ଉପକରଣ ଯୋଗାଣ ଆଦି କାର୍ଯ୍ୟ କରାଯାଉଛି । ଏତଦ୍‌ବ୍ୟତୀତ ଏହି ସଂସ୍ଥାଗୁଡ଼ିକ ଦ୍ୱାରା ଜନସଚେତନତା ପାଇଁ ଚଳଚ୍ଚିତ୍ର, ଫୋଲଡର, ଲିଫ୍‌ଲେଟ୍ ଆଦି ପ୍ରସ୍ତୁତ କରାଯାଉଛି ।**

କେନ୍ଦ୍ର ସମାଜ କଲ୍ୟାଣ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏଗୁଡ଼ିକ ମଧ୍ୟରେ ରହିଛି ୧୯୮୫ ମସିହାରେ ଆରମ୍ଭ ହୋଇଥିବା ଜିଲ୍ଲା ଥଇଥାନ କେନ୍ଦ୍ର । ମୁମ୍ବାଇ, ଚେନ୍ନାଇ, କଟକ ଓ ଲକ୍ଷ୍ନୌଠାରେ ଚାରୋଟି ଆଞ୍ଚଳିକ ଥଇଥାନ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକରୁଛି । ଏଗୁଡ଼ିକ ଦ୍ୱାରା ଗ୍ରାମ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ତାଲିମ୍ ପ୍ରଦାନ କରାଯିବା ସହିତ, ସରକାରୀ କର୍ମଚାରୀଙ୍କ ପାଇଁ ତାଲିମ ଓ ସେବା ପ୍ରଦାନ ସମ୍ପର୍କିତ ଗବେଷଣା ଏବଂ ସ୍ୱଳ୍ପ ମୂଲ୍ୟରେ ସହାୟତା ଉପକରଣ ଯୋଗାଣ ଆଦି କାର୍ଯ୍ୟ କରାଯାଉଛି । ଏତଦ୍‌ବ୍ୟତୀତ ଏହି ସଂସ୍ଥାଗୁଡ଼ିକ ଦ୍ୱାରା ଜନସଚେତନତା ପାଇଁ ଚଳଚ୍ଚିତ୍ର, ଫୋଲଡର, ଲିଫ୍‌ଲେଟ୍ ଆଦି ପ୍ରସ୍ତୁତ କରାଯାଉଛି । ଅନ୍ୟପକ୍ଷରେ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ କରିବାକୁ ମଧ୍ୟ କେନ୍ଦ୍ର ସରକାର ସ୍ଥିର କରିଛନ୍ତି । ଏଗୁଡ଼ିକ ଦ୍ୱାରା ଭିନ୍ନକ୍ଷମ ଚିହ୍ନଟୀକରଣ , ପରାମର୍ଶ, ସହାୟତା ଉପକରଣ, ଫିଜିଓଥେରାପି, ସ୍ପିଚ୍ ଥେରାପି ଆଦି ସେବା ଯୋଗାଇବାର ଲକ୍ଷ୍ୟ ରଖାଯାଇଛି ।

ଭିନ୍ନକ୍ଷମଙ୍କ ପାଇଁ ଜାତୀୟ ନୀତି-୨୦୦୬ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାର ପ୍ରମୁଖ ଅଂଶଗୁଡ଼ିକ ହେଉଛି:-

(୧) ମହିଳା ଭିନ୍ନକ୍ଷମଙ୍କ ସଂକ୍ଷିପ୍ତ ରହଣୀ ପାଇଁ ବ୍ୟବସ୍ଥା କରିବା, କର୍ମଜୀବୀ ଭିନ୍ନକ୍ଷମ ମହିଳାଙ୍କ ସକାଶେ ହଷ୍ଟେଲ ବ୍ୟବସ୍ଥା କରିବା ଏବଂ ବୟସ୍କା ଭିନ୍ନକ୍ଷମ ମହିଳାଙ୍କ ପାଇଁ ଆବାସ ବ୍ୟବସ୍ଥା କରିବା । ଏତଦ୍‌ବ୍ୟତୀତ, ଭିନ୍ନକ୍ଷମ ମହିଳାଙ୍କୁ, ସନ୍ତାନ ପ୍ରତିପୋଷଣ ସକାଶେ ଆର୍ଥିକ ସହାୟତା ପ୍ରଦାନ କରିବା ମଧ୍ୟ ସରକାରଙ୍କ କର୍ତ୍ତବ୍ୟ । ତେବେ ଏଭଳି ସହାୟତା ସର୍ବାଧିକ ଦୁଇଟି ସନ୍ତାନ ପାଇଁ, ଦୁଇବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ ।

(୨) ଭିନ୍ନକ୍ଷମ ଶିଶୁଙ୍କ ପ୍ରତି ସରକାର ଯଥେଷ୍ଟ ଧ୍ୟାନଦେବା ଉଚିତ୍ । ସେମାନଙ୍କ ପାଇଁ ଯତ୍ନ ଓ ସୁରକ୍ଷା, ସରକାର ସୁନିଶ୍ଚିତ କରିବେ । ତାଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ଏବଂ ସମାନତା ଓ ସମ୍ମାନର ସହ ସେମାନଙ୍କ ବିକାଶ ପ୍ରତି ଧ୍ୟାନ ଦେବେ । ସେମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବେ । ଭିନ୍ନକ୍ଷମ ଶିଶୁଙ୍କ ଶିକ୍ଷାଗତ, ସ୍ୱାସ୍ଥ୍ୟଗତ ଓ ଥଇଥାନ ବ୍ୟବସ୍ଥା ମଧ୍ୟ ସରକାର ସୁନିଶ୍ଚିତ କରିବେ ।

(୩) ଭିନ୍ନକ୍ଷମତା ପ୍ରତିରୋଧ କରିବା ପାଇଁ, ସରକାର ଶିଶୁ ଓ ଜନନୀ ଟୀକାକରଣ ସମେତ ଜାତୀୟ, ଆଞ୍ଚଳିକ ଓ ସ୍ଥାନୀୟ ସ୍ତରରେ ଏଭଳି କାର୍ଯ୍ୟକ୍ରମର ବିସ୍ତାର କରିବେ । ଡାକ୍ତରୀ, ଅର୍ଦ୍ଧଡାକ୍ତରୀ ଓ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ଦେଇ, ଭିନ୍ନକ୍ଷମତାର ସଅଳ ଚିହ୍ନଟୀକରଣ ପାଇଁ ପ୍ରୋତ୍ସାହିତ କରିବେ । ଏତଦ୍‌ବ୍ୟତୀତ, ପ୍ରଚଳିତ ସ୍ୱାସ୍ଥ୍ୟବ୍ୟବସ୍ଥା ପରିସରରେ, ଭିନ୍ନକ୍ଷମତାର ପ୍ରଗାଢ଼ତାକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନେବେ । ପ୍ରଜନନକ୍ଷମ ଜନନୀ, କିଶୋରୀ ଏବଂ ଭାବୀ-ଜନନୀମାନଙ୍କ ପାଇଁ ପୁଷ୍ଟି ଓ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସଚେତନତା ସୃଷ୍ଟି କରିବେ । ଭିନ୍ନକ୍ଷମତା ପ୍ରତିହତ କରିବା ପାଇଁ, ବିଦ୍ୟାଳୟରେ ସଚେତନତା ପାଠ୍ୟକ୍ରମ ଓ ଶିକ୍ଷକ ତାଲିମ୍‌ରେ



Unfiled Notes Page 42

ମଧ୍ୟ ଏହି ବିଷୟକୁ ସ୍ଥାନ ଦେବାପାଇଁ ସରକାର ପଦକ୍ଷେପ ନେବେ ।

(୪) ସରକାର, ଭିନ୍ନକ୍ଷମଙ୍କ ଥଇଥାନ କେନ୍ଦ୍ର ସ୍ଥାପନ କରି, ସେଥିରେ ସେମାନଙ୍କ ବିକାଶ, ଗବେଷଣା ଆଦି ବିଷୟକୁ ଗୁରୁତ୍ୱ ଦେବେ । ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ସହାୟତାରେ ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ, ସରକାର ଗୁରୁତର ମାନସିକ ରୋଗୀଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟସେବା କେନ୍ଦ୍ର ପ୍ରତିଷ୍ଠା କରିବେ ।

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ଭାରତ ସରକାର ଭିନ୍ନକ୍ଷମଙ୍କ କଲ୍ୟାଣ ସକାଶେ ଯଥାସମ୍ଭବ ପଦକ୍ଷେପ ନେବାକୁ, ବିଭିନ୍ନ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛନ୍ତି । ଏହି ମନ୍ତ୍ରଣାଳୟଗୁଡ଼ିକ ହେଉଛନ୍ତି ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ବେସାମରିକ ବିମାନ ଚଳାଚଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମାନବ ସମ୍ବଳ ବିକାଶ, ଶ୍ରମ ଓ ନିଯୁକ୍ତି, ରେଳ, ଗ୍ରାମୀଣ ବିକାଶ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ । ରାଜ୍ୟ ସରକାର ଗୁଡ଼ିକ ମଧ୍ୟ ଅନୁରୂପ ପ୍ରୟାସ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି ।

ଭିନ୍ନକ୍ଷମମାନଙ୍କ ପାଇଁ ବହୁ ଆଇନ୍ ପ୍ରଣୟନ ହୋଇଛି । ସେଗୁଡ଼ିକ ହେଉଛି:- ଭିନ୍ନକ୍ଷମ ବ୍ୟକ୍ତି (ସମାନ ସୁଯୋଗ, ଅଧିକାର, ସୁରକ୍ଷା ଓ ସମ୍ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ- ୧୯୯୫, ଅଟିଜମ୍, ସେରେବ୍ରାଲ ପଲ୍ସି, ମାନସିକ ଅନଗ୍ରସରତା, ବିବିଧ ଭିନ୍ନକ୍ଷମତା ଆକ୍ରାନ୍ତ ବ୍ୟକ୍ତିଙ୍କ ମଙ୍ଗଳ ସକାଶେ ଜାତୀୟ ଟ୍ରଷ୍ଟ ଆଇନ୍ - ୧୯୯୯, ମାନସିକ ସ୍ୱାସ୍ଥ୍ୟ ଆଇନ୍ - ୧୯୮୭, ଶିକ୍ଷା ଅଧିକାର ଆଇନ୍ - ୨୦୦୯, ଶିଶୁ ସୁରକ୍ଷା ଅଧିକାର ଆଇନ୍ - ୨୦୦୫, ଜାତୀୟ ମହିଳା ଆୟୋଗ ଆଇନ୍ - ୧୯୯୦, ଏପେରେଣ୍ଟିସ୍ ଅଧିନିୟମ-୨୦୦୫ ଇତ୍ୟାଦି ।

ତେବେ, ଏହିସବୁ ପ୍ରଚେଷ୍ଟା ସତ୍ତ୍ୱେ, ଭିନ୍ନକ୍ଷମଙ୍କ ସର୍ବାଙ୍ଗୀନ ମଙ୍ଗଳ ଓ ଉନ୍ନତି ପାଇଁ ଆହୁରି ଅନେକ ପଥ ଅତିକ୍ରାନ୍ତ କରିବାକୁ ଅଛି । ମିଳିତ ଜାତିସଂଘର ଏକ ସର୍ବେକ୍ଷଣ ଅନୁଯାୟୀ ସର୍ବେକ୍ଷଣ ପରିସରଭୁକ୍ତ ଦେଶଗୁଡ଼ିକ ମଧ୍ୟରୁ, ୪୨ ପ୍ରତିଶତ ଦେଶରେ ଭିନ୍ନକ୍ଷମ ଥଇଥାନ ପାଇଁ କୌଣସି ନୀତି ନାହିଁ । ୫୦ ପ୍ରତିଶତ ଦେଶରେ, ଏଥିପାଇଁ କୌଣସି ଆଇନ୍ ପ୍ରଣୟନ ହୋଇନାହିଁ । ୪୦ ପ୍ରତିଶତ ଦେଶରେ ଏଥିପାଇଁ କୌଣସି କାର୍ଯ୍ୟକ୍ରମ ମଧ୍ୟ ନାହିଁ । ଏପରିକି, ଭିନ୍ନକ୍ଷମ ଥଇଥାନ ସମ୍ପର୍କିତ ଆଇନ୍ ଓ ନୀତି ପ୍ରସ୍ତୁତ କରିଥିବା କେତେକ ଦେଶରେ, ଏହାର କାର୍ଯ୍ୟକାରୀତା ସନ୍ତୋଷଜନକ ନୁହଁ । ଏ କ୍ଷେତ୍ରରେ ଅନ୍ତରାୟ ଗୁଡ଼ିକ ହେଉଛି - ରଣନୀତିର ଅଭାବ, ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସମ୍ବଳର ଅଭାବ, ପ୍ରଶାସନ ଓ ସମନ୍ୱର ଅଭାବ, ଯୋଗାଯୋଗ ବ୍ୟବସ୍ଥାରେ ଅଭାବ ଏବଂ ଭିନ୍ନକ୍ଷମଙ୍କ ସହିତ ଯୋଗାଯୋଗର ଅଭାବ ।

ଏକ ଅନ୍ତଃନିର୍ବେଶୀ ଭିନ୍ନକ୍ଷମ ନୀତି ପ୍ରଣୟନ ସକାଶେ ଭାରତ ସରକାର ପ୍ରଚେଷ୍ଟା କରିଛନ୍ତି । ଏହି ନୀତି ଓ କାର୍ଯ୍ୟକ୍ରମ ଗୁଡ଼ିକୁ, ବିକାଶଶୀଳ ଦେଶ ଗୁଡ଼ିକରେ ଆଦର ମିଳିଛି । ଦେଶର ପ୍ରଧାନମନ୍ତ୍ରୀ, ତାଙ୍କର ଲୋକପ୍ରିୟ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ମଧ୍ୟ ଏ ପ୍ରସଙ୍ଗରେ ଆଲୋକପାତ କରିଛନ୍ତି । ତଥାପି, ଏ କ୍ଷେତ୍ରରେ ଆହୁରି ଅନେକ କିଛି କରିବାକୁ ବାକି ଅଛି । ଭିନ୍ନକ୍ଷମଙ୍କୁ ନ୍ୟାୟ ପ୍ରଦାନ କରିପାରୁଥିବା ଏକ ଅନ୍ତର୍ନିବେଶୀ ସମାଜ ଗଠନ କରିବାକୁ ମଧ୍ୟ ବାକି ଅଛି । ସର୍ବପ୍ରଥମେ ଭାରତରେ ଭିନ୍ନକ୍ଷମତାର ପ୍ରଭାବ ଓ ପ୍ରସାରକୁ ହୃଦୟଙ୍ଗମ କରିବାକୁ ହେବ । ଏହାର ଏକ ଉଚିତ୍ ସଂଜ୍ଞା ନିରୂପଣ କରିବାକୁ ହେବ । ଏହାର ଅଭାବରେ କୌଣସି ରଣନୀତି ବା ଯୋଜନା ସମ୍ପୂର୍ଣ୍ଣ ଭାବେ ଫଳପ୍ରସୁ ହୋଇପାରିବ ନାହିଁ । ଏଥିପାଇଁ ଭାରତକୁ ଏକ ସମନ୍ୱିତ ଏବଂ ବହୁ-ଆୟାମୀ ଆଭିମୁଖ୍ୟ ପ୍ରସ୍ତୁତ କରିବାକୁ ହେବ । ସରକାରୀ, ବେସରକାରୀ ବିଭାଗ ଗୁଡ଼ିକ ମଧ୍ୟରେ ଉଚିତ୍ ସମନ୍ୱୟ ସ୍ଥାପନ ଓ ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ସାମାଜିକ ପ୍ରତିବନ୍ଧକ ଓ ଭେଦଭାବ ଦୂରକରି ସେମାନଙ୍କୁ ଆବଶ୍ୟକ ସେବା ଯୋଗାଇବାକୁ ପଡିବ ।

•

ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗରେ ଲେଖିକା ଜଣେ ସହକାରୀ ପ୍ରାଧ୍ୟାପିକା ଭାବେ କାର୍ଯ୍ୟରତ ।

# ଭିନ୍ନକ୍ଷମତା : ବୃତ୍ତିଧାରୀଙ୍କ ଅଭିବ୍ୟକ୍ତି

ଅନୁରିମା ଦେ

**ଏଭଳି କେତେକ ଶବ୍ଦ ରହିଛି ଯାହା ଭିନ୍ନକ୍ଷମଙ୍କ ପ୍ରତି ଅପମାନ ସୂଚକ ଏବଂ ସେମାନଙ୍କ ଅସଲ ସାମର୍ଥ୍ୟର ପରିପନ୍ଥି। ଏଥିଯୋଗୁଁ ୧୯୯୫ ମସିହାର ''ଭିନ୍ନକ୍ଷମତା ଥିବା ବ୍ୟକ୍ତି ଅଧିନିୟମ''ରେ ଭିନ୍ନକ୍ଷମଙ୍କୁ ''ଭିନ୍ନକ୍ଷମତା ଥିବା ବ୍ୟକ୍ତ,''ଶୈକ୍ଷିକ ଭିନ୍ନକ୍ଷମତା ଥିବା ବ୍ୟକ୍ତି'' କିମ୍ବା ''ଅବସାଦ ଗ୍ରସ୍ତ ବ୍ୟକ୍ତି''ଭାବେ ବର୍ଣ୍ଣନା କରାଯାଇଛି । ବିଭିନ୍ନ ସାଂସ୍କୃତିକ ଦୃଷ୍ଟିଭଙ୍ଗୀରୁ ବିଚାର କଲେ ''ଭିନ୍ନକ୍ଷମତା''ର ଆହୁରି ଅଧିକ ଗଭୀର ଅର୍ଥ ପରିପ୍ରକାଶ ପାଇଥାଏ ।**

ସ୍ୱାସ୍ଥ୍ୟ ହେଉଛି ସାମାଜିକ ବିକାଶର ଏକ ପ୍ରମୂଖ ସୂଚକ । ଏ କ୍ଷେତ୍ରରେ ଭିନ୍ନକ୍ଷମତାର ଏକ ବୈଶିଷ୍ଟ୍ୟ ରହିଛି । ଭିନ୍ନକ୍ଷମତା ଦ୍ୱାରା ବ୍ୟକ୍ତି ପାଇଁ ଏକ ପ୍ରତିବନ୍ଧକ ସୃଷ୍ଟି ହୁଏ ଏବଂ ସଂପୃକ୍ତ ବ୍ୟକ୍ତି ଅବହେଳିତ ହୁଏ ବୋଲି ସାଧାରଣରେ ଏକ ଧାରଣା ରହିଛି । ସ୍ୱାସ୍ଥ୍ୟ ସଂପର୍କୀତ ବିଭିନ୍ନ ଦୃଷ୍ଟି ଭଙ୍ଗିରେ ଜନସଂଖ୍ୟା ବା ସ୍ଥାନୀୟ ଭିତ୍ତିକ କାରକ ଗୁଡିକୁ ବିଚାର କୁ ନିଆଯାଏ ସିନା,କିନ୍ତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଭିନ୍ନକ୍ଷମତାକୁ ପ୍ରାୟତଃ ଗୁରୁତ୍ୱ ଦିଆଯାଏ ନାହିଁ ।

ଦୁର୍ବଳତା,ଆକର୍ମଣ୍ୟତା,ଅକ୍ଷମତା ଆଦି ଶବ୍ଦ ହେଉଛି ପରସ୍ପର ସହ ସଂପୃକ୍ତ ଶବ୍ଦ । ତେବେ ଏ ଗୁଡିକର ପ୍ରକୃତ ଅର୍ଥ ଭିନ୍ନ ଭିନ୍ନ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାନୁଆଲ ଅନୁଯାୟୀ ଦୁର୍ବଳତା ବା ଇମ୍ପେୟାରମେଣ୍ଟ ହେଉଛି ଅଂଗ ପ୍ରତ୍ୟଙ୍ଗ ସଂପର୍କୀତ ବ୍ୟତିକ୍ରମା କିନ୍ତୁ ଅକ୍ଷମତା ବା ଡିଜାବିଲିଟି ହେଉଛି ''ଦୁର୍ବଳତା'' ଆକ୍ରାନ୍ତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସ୍ଥିତି । ତେଣୁ ପ୍ରଥମ ଶବ୍ଦର ବ୍ୟବହାର ଅଂଗ ପ୍ରତ୍ୟଙ୍ଗ ସ୍ତରରେ ବ୍ୟବହାର ହେଉଥିବା ବେଳେ ଦ୍ୱିତୀୟ ଶବ୍ଦଟି ବ୍ୟକ୍ତି ବିଶେଷ ସ୍ତରରେ ବ୍ୟବହାର ହୁଏ । ଅପରପକ୍ଷରେ ''ଅକ୍ଷମତା'' ବା ''ହାଣ୍ଡିକ୍ୟାପ୍'' ହେଉଛି ''ଡିଜାବିଲିଟି''ଏବଂ''ଇମ୍ପେୟାରମେଣ୍ଟ'' ଯୋଗୁଁ ସଂପୃକ୍ତ ବ୍ୟକ୍ତି ଭୋଗୁଥିବା ବିବିଧ ଅସୁବିଧା । ଏହାର ବିକଳ୍ପ ଅର୍ଥ ହେଉଛି ପାରିପାର୍ଶ୍ୱିକ ପରିବେଷ ସହିତ ଖାପ ଖୁଆଇ ଚଳିବା । ଏଠାରେ ପ୍ରଦତ୍ତ ସାରଣୀରେ ୨୦୦୧ ଏବଂ ୨୦୧୧ ଜନଗଣନା ଆଧାରରେ ଭିନ୍ନକ୍ଷମତା ସଂପର୍କୀତ ତଥ୍ୟ ଉପସ୍ଥାପନ କରାଯାଇଛି । ଏଥିରୁ ସ୍ପଷ୍ଟ ଯେ ଗତ ଦଶନ୍ଧୀ ମଧ୍ୟରେ (୨୦୦୧-୨୦୧୧) ଭାରତରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଭିନ୍ନକ୍ଷମ ମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଏଥିରୁ ଆଉ ମଧ୍ୟ ଜଣାପଡେ ଯେ ଜନସଂଖ୍ୟା ଅନୁପାତରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଭିନ୍ନକ୍ଷମଙ୍କ ସଂଖ୍ୟା ଅଧିକ ।

ସାରଣୀରୁ ଏକଥା ମଧ୍ୟ ସୂଚନା ମିଳେ ଯେ,ଗତ ଦଶନ୍ଧୀ ମଧ୍ୟରେ ଉଭୟ ପୁରୁଷ ଓ ନାରୀ ମାନଙ୍କ କ୍ଷେତ୍ରରେ ଭିନ୍ନକ୍ଷମତାରେ ବୃଦ୍ଧି ଘଟିଛି । ନାରୀ ମାନଙ୍କ ଅପେକ୍ଷା ଭିନ୍ନକ୍ଷମତାର ଅନୁପାତ ପୁରୁଷ ମାନଙ୍କଠାରେ ଅଧିକ ବୋଲି ମଧ୍ୟ ଜଣାପଡିଛି ।

''ଭିନ୍ନକ୍ଷମତା''ର ବିଶ୍ଳେଷଣ ଆଉ ମଧ୍ୟ ନିର୍ଭର କରେ ଦୃଷ୍ଟିଭଙ୍ଗୀ ଉପରେ,ଭିନ୍ନକ୍ଷମଙ୍କ ପ୍ରତି ଆମ ଆଭିମୁଖ୍ୟ ଉପରେ । ମୋଟାମୋଟି ଭାବେ କିନ୍ତୁ ''ଭିନ୍ନକ୍ଷମତା''କୁ ଏକ ଆହ୍ୱାନ ଭାବେ ବିବେଚନା କରାଯାଏ । ଏହି ''ଆହ୍ୱାନ''କୁ ଅତିରଞ୍ଜିତ କରାଯାଏ । ଯଦି ସଂପୃକ୍ତ ଭିନ୍ନକ୍ଷମ ବ୍ୟକ୍ତି ଭାରତ ଭଳି କୌଣସି ବିକାଶଶୀଳ ଦେଶର ନାଗରିକ ହୋଇଥାନ୍ତି ତେଣୁ ଭିନ୍ନକ୍ଷମଙ୍କ ସମସ୍ୟା ନିରାକରଣ ସକାଶେ ଏଭଳି ଏକ ଦକ୍ଷ ମଡେଲ ବିକଶିତ କରାଯିବା ଆବଶ୍ୟକ ଯାହା ସାଂସ୍କୃତିକ ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ ହୋଇଥିବ ।




| | Persons 2001 | Males 2001 | Female 2001 | Persons 2011 | Males 2011 | Female 2011 |
|---|---|---|---|---|---|---|
| Total | 2.13 | 2.37 | 1.87 | 2.21 | 2.41 | 2.01 |
| Rural | 2.21 | 2.47 | 1.93 | 2.24 | 2.43 | 2.03 |
| Urban | 1.93 | 2.12 | 1.71 | 2.17 | 2.34 | 1.98 |

ଏହା ଦ୍ୱାରା ଉଭୟ ସେବା ଗ୍ରହଣକାରୀ ଓ ସେବା ପ୍ରଦାନକାରୀ ଉପକୃତ ହୋଇପାରିବେ । ଏହାର କାରଣ ହେଉଛି ବିଭିନ୍ନ ସାଂସ୍କୃତିକ ପ୍ରଭାବ ଯୋଗୁଁ ସେମାନଙ୍କ ଦୃଷ୍ଟିଭଙ୍ଗୀର ସମାନତା । ଅଧିକନ୍ତୁ, ଏକ ପ୍ରମୁଖ ସାଂସ୍କୃତିକ ଉପାଦନ ଭାବେ ''ଭାଷା''ମଧ୍ୟ ଗୋଷ୍ଠୀଗତ ଚିନ୍ତା-ଚେତନା, ଆଚାର-ବ୍ୟବହାର ଓ ଦୃଷ୍ଟିଭଙ୍ଗୀକୁ ପ୍ରଭାବିତ କରିଥାଏ । ଏଥି ଯୋଗୁଁ ଭିନ୍ନକ୍ଷମତା ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ ।

ଏଭଳି କେତେକ ଶବ୍ଦ ରହିଛି ଯାହା ଭିନ୍ନକ୍ଷମଙ୍କ ପ୍ରତି ଅପମାନ ସୂଚକ ଏବଂ ସେମାନଙ୍କ ଅସଲ ସାମର୍ଥ୍ୟର ପରିପନ୍ଥି। ଏଥିଯୋଗୁଁ ୧୯୯୫ ମସିହାର ''ଭିନ୍ନକ୍ଷମତା ଥିବା ବ୍ୟକ୍ତି ଅଧିନିୟମ''ରେ ଭିନ୍ନକ୍ଷମଙ୍କୁ ''ଭିନ୍ନକ୍ଷମତା ଥିବା ବ୍ୟକ୍ତି,''ଶୈକ୍ଷିକ ଭିନ୍ନକ୍ଷମତା ଥିବା ବ୍ୟକ୍ତି'' କିମ୍ବା ''ଅବସାଦ ଗ୍ରସ୍ତ ବ୍ୟକ୍ତି''ଭାବେ ବର୍ଣ୍ଣନା କରାଯାଇଛି ।

ବିଭିନ୍ନ ସାଂସ୍କୃତିକ ଦୃଷ୍ଟିଭଙ୍ଗୀରୁ ବିଚାର କଲେ ''ଭିନ୍ନକ୍ଷମତା''ର ଆହୁରି ଅଧିକ ଗଭୀର ଅର୍ଥ ପରିପ୍ରକାଶ ପାଇଥାଏ । ଭିନ୍ନକ୍ଷମତାର ଏକ ଯୁକ୍ତିଯୁକ୍ତ ଓ ଉପଯୁକ୍ତ ବିଶ୍ଳେଷଣ ଦ୍ୱାରା ଏ କ୍ଷେତ୍ରରେ ସେବା ପ୍ରଦାନକାରୀଙ୍କୁ ବିଶେଷ ସାହାଯ୍ୟ ମିଳିଥାଏ। ଅନ୍ୟପକ୍ଷରେ ବିଭିନ୍ନ ସାମାଜିକ ପରିସ୍ଥିତି ଓ ପରିବେଷ ଅନୁଯାୟୀ ଭିନ୍ନକ୍ଷମଙ୍କୁ ଭିନ୍ନ ଭିନ୍ନ ସଂଜ୍ଞା ଦିଆଯାଉଥିବାରୁ କେତେକାଂଶରେ ଭିନ୍ନକ୍ଷମତା କଳଙ୍କିତ ମଧ୍ୟ ହୁଏ । କୌଣସି ପରିବାରରେ ଭିନ୍ନକ୍ଷମତାଥିବା ସଦସ୍ୟଙ୍କ ଆବିର୍ଭାବ ହିଁ ପରିବାରର କାର୍ଯ୍ୟଦକ୍ଷତା ଉପରେ ଏକ ପ୍ରତିକୂଳ ପ୍ରଭାବ ପକାଇଥାଏ। ଅଧିକନ୍ତୁ, ଏହାଦ୍ୱାରା ପାରିବାରିକ ସଂପର୍କ ପ୍ରଭାବିତ ହୋଇ ଆବେଗଜନୀତ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ପରିବାର ସଦସ୍ୟଙ୍କ ମଧ୍ୟରେ ବେଳେ ବେଳେ ତିକ୍ତତା ସୃଷ୍ଟି ହୋଇ ପାରିବାରିକ ସମିକରଣକୁ ମଧ୍ୟ ବିପର୍ଯ୍ୟସ୍ତ କରିଥାଏ । ଏହା ଦ୍ୱାରା ଏକ ନକରାତ୍ମକ ପାରିବାରିକ ଓ ସାମାଜିକ ପରିବେଷର ସୂତ୍ରପାତ ହୁଏ। ପରିବାରର ଆର୍ଥିକ ଓ ସାମାଜିକ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହୁଏ । ପିତାମାତାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଭିନ୍ନକ୍ଷମତାକୁ ନେଇ ସେମାନଙ୍କ ପୂର୍ବ ଅନୁଭୂତି ଦ୍ୱାରା''ଭିନ୍ନକ୍ଷମ'' ସଦସ୍ୟଙ୍କ ପ୍ରତି ସେମାନଙ୍କ ଦୃଷ୍ଟିଭଙ୍ଗୀ ନିରୁପଣ ହୋଇଥାଏ। ବେଳେ ବେଳେ ଏଭଳି ସ୍ଥିତିର ସାମାଜିକ ପ୍ରତିଫଳନ ମଧ୍ୟ ଦୃଷ୍ଟିଗୋଚର ହୁଏ ।

ଏ ସବୁ ଦୃଷ୍ଟିରୁ ଭିନ୍ନକ୍ଷମତା ପ୍ରସଙ୍ଗରେ ବିଶେଷ ହସ୍ତକ୍ଷେପ ଆବଶ୍ୟକ । ଭିନ୍ନକ୍ଷମତା ଥିବା ବ୍ୟକ୍ତିମାନଙ୍କ ସହ ମିଳାମିଶା ପାଇଁ ଅଧିକ ଯତ୍ନଶୀଳତା ଆବଶ୍ୟକ ହୋଇଥାଏ । ଏମାନଙ୍କ ପାଇଁ ଅନୌପଚାରିକ ସେବା ପ୍ରଦାନକାରୀଭାବେ ପରିବାରର ସଦସ୍ୟ ଓ ବନ୍ଧୁ ପରିଜନ ଥିବାବେଳେ, ଅନୌପଚାରିକ କ୍ଷେତ୍ରରେ ଥାଆନ୍ତି ଚିକିତ୍ସକ, ନର୍ସ, ଓ ଅନ୍ୟାନ୍ୟ

ବୃତ୍ତିଧାରି । ଏ କ୍ଷେତ୍ରରେ ''ସାଂସ୍କୃତିକ ମଧ୍ୟସ୍ଥି'' ବା କଲ୍‌ଚରାଲ୍ ବ୍ରୋକରିଂ ମୋଡେଲ ବିଶେଷ ଉପାଦେୟ । ଏ ପ୍ରକାର ଧାରଣାକୁ ବିଶେଷ ଭାବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗବେଷଣା କରୁଥିବା ବ୍ୟକ୍ତିମାନେ ଉପଯୋଗ କରିଥାନ୍ତି । ଅର୍ଥାତ୍ ନିର୍ଦ୍ଦିଷ୍ଟ ରୋଗୀଙ୍କ ନିଜ ସଂପ୍ରଦାୟ ଭିତରୁ ସ୍ୱାସ୍ଥ୍ୟ ପରାମର୍ଶଦାତା ମାନେ ଅତି ସହଜରେ ସଂପୃକ୍ତ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ସେଗୁଡିକର ସେବା ଉପଲବ୍ଧତା ସଂପର୍କରେ ବୁଝାଇପାରନ୍ତି । ଅନୁରୂପ ଭାବେ ଭିନ୍ନକ୍ଷମଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ମଧ୍ୟ ସଂସ୍କୃତି ଏକ ବଳିଷ୍ଠ ଭୂମିକା ଗ୍ରହଣ କରେ । ସଂପୃକ୍ତ ଭିନ୍ନକ୍ଷମଙ୍କ ସାଂସ୍କୃତିକ ପୃଷ୍ଠଭୂମି ସହ ଅନୁକୂଳ ସେବା ପ୍ରଦାନ ଉପରେ ଏହି ମୋଡେଲରେ ଗୁରୁତ୍ୱ ଦିଆଯାଇଛି । କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଚିନ୍ତାଧାରା, ଆଭିମୁଖ୍ୟ ଓ ହୃଦୟଂଗମ କରିବା ଶକ୍ତି ନିର୍ଭର କରେ ସଂପୃକ୍ତ ବ୍ୟକ୍ତିଙ୍କ ବିଭିନ୍ନ ସାଂସ୍କୃତିକ ଉପାଦାନ ଉପରେ । ସେ ଗୁଡିକ ହେଉଛି ଧର୍ମଧାରଣା, ଶିକ୍ଷା, ଗଣଶିକ୍ଷା, ଜିବୀକା ଏବଂ ଉପାର୍ଜନ ଆଦି । ଭିନ୍ନକ୍ଷମଙ୍କୁ ସେବା ଯୋଗାଣରେ ସେବା ପ୍ରଦାନକାରୀମାନେ ଏହିଭଳି ଭାବେ ସଂପ୍ରଦାୟ ଭିତରେ ଏକ ସାଂସ୍କୃତିକ ବ୍ରିଜ୍ ଭାବେ କାର୍ଯ୍ୟକରିଥାନ୍ତି । ତେଣୁ ପରିବାର, ଗୋଷ୍ଠୀ ଓ ସେବା ପ୍ରଦାନ ବ୍ୟବସ୍ଥା ସହିତ ସାମଞ୍ଜସ୍ୟ ରକ୍ଷାକରି ଏହି ସାଂସ୍କୃତିକ ମୋଡେଲ ଦ୍ୱାରା ଭିନ୍ନକ୍ଷମଙ୍କ ପାଇଁ ଉପଯୁକ୍ତ ସେବା ପ୍ରଦାନର ବ୍ୟବସ୍ଥା କରାଯାଇ ପାରିବ । ଏହାର ମୂଳରେ ରହିଛି ବିଶ୍ୱାସ ଜନ୍ମାଇବା ଏବଂ ସଂପର୍କ ଯୋଡିବା। ଏହି ସାଂସ୍କୃତିକ ମୋଡେଲର ତିନୋଟି ପର୍ଯ୍ୟାୟ ରହିଛି । ସମସ୍ୟାର ଚିହ୍ନଟିକରଣ, ସମାଧାନ ପାଇଁ ହସ୍ତକ୍ଷେପ ଏବଂ ଫଳାଫଳ ମୂଲ୍ୟାୟନ - ଏହି ତିନୋଟି ଯାକ ପର୍ଯ୍ୟାୟରେ ଭିନ୍ନକ୍ଷମଙ୍କ ପାଇଁ ସେବା ପ୍ରଦାନକାରୀଙ୍କୁ ବିଭିନ୍ନ ସ୍ତର ଦେଇ ଯିବାକୁ ହୋଇଥାଏ । ସେଗୁଡିକ ହେଉଛି ପରାମର୍ଶ, ମଧ୍ୟସ୍ଥି, ସଂପର୍କ ସ୍ଥାପନ ଓ ସଚେତନତା ସୃଷ୍ଟି ଆଦି । ଏସବୁ ଦୃଷ୍ଟିରୁ ସେବା ପ୍ରଦାନକାରୀଙ୍କୁ ଗୋଷ୍ଠି ସହ ଖାପ ଖୁଆଇ ଚଳିବା ସହିତ ଧର୍ଯ୍ୟବାନ୍ ଓ ସ୍ୱଷ୍ଟ ଅଭିବ୍ୟକ୍ତି ସଂପନ୍ନ ହେବା ଉଚିତ୍ । ଭିନ୍ନକ୍ଷମଙ୍କ ପାଇଁ ସେବା ପ୍ରଦାନ କ୍ଷେତ୍ରରେ ବୃତ୍ତିଧାରୀ ଙ୍କ ନିମ୍ନଲିଖିତ କ୍ଷମତା ବା ଦକ୍ଷତା ଥିବା ବାଞ୍ଛନୀୟ :

୧ - ପରିବର୍ତ୍ତନର ବାର୍ତ୍ତାବହ ହେବା ।
୨ - ଭିନ୍ନକ୍ଷମତା ପରିଚାଳନା ପାଇଁ ସଂପୃକ୍ତ ପରିବାରକୁ ସହାୟତା ଦେବା।
୩- ଭିନ୍ନକ୍ଷମତାକୁ ଭଲଭାବେ ବୁଝିବା ପାଇଁପରିବାର ଓ ଗୋଷ୍ଠୀକୁ ଉପଯୁକ୍ତ ପ୍ରୋତ୍ସାହନ ଦେବା ।
୪- ଆନାବଶ୍ୟକ ପରିସ୍ଥିତିର ମୁକାବିଲା ପାଇଁ ସଂପୃକ୍ତ ବ୍ୟକ୍ତି ଓ ପରିବାରକୁ ସାହାଯ୍ୟ କରିବା ।
୫ - ଆନ୍ତଃ-ସଂସ୍କୃତି ଭାବ ବିନିମୟରେ ସ୍ୱଷ୍ଟତା ଆଣିବା ଓ ସହଯୋଗ କରିବା।
୬ - ମନସ୍ତାତ୍ତ୍ୱିକ ପରାମର୍ଶ ସମେତ ପିତାମାତାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କର୍ମଶାଳା ଖେଳନା ଓ ପୁସ୍ତକାଳୟ ,ଥଇଥାନ ପାଇଁ ସରଂଜାମ ଆଦି ସହଯୋଗାତ୍ମକ ସମ୍ବଳ ସହିତ ପରିବାରର ସଂପର୍କ ସ୍ଥାପନ କରିବା ପାଇଁ ପ୍ରାୟସ କରିବା ।
୭- ସଂସ୍କୃତି ଅନୁଯାୟୀ ଏକ ଉତ୍ତମ ପରିବେଷ ସୃଷ୍ଟି କରିବା ।
୮- ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କ ଅଂଶଗ୍ରହଣ ଜରିଆରେ ସେମାନଙ୍କ ବିକାଶ ପାଇଁ ପ୍ରଚେଷ୍ଟା କରିବା ।

ଏତଦ୍ ବ୍ୟତୀତ, ଭିନ୍ନକ୍ଷମତା ପରିଚାଳନା କ୍ଷେତ୍ରରେ ଉପଯୁକ୍ତ ଚିକିତ୍ସାପ୍ରଣାଳୀ ଅବଲମ୍ବନ କରିବା ଏବଂ ପ୍ରଗତିର ମୂଲ୍ୟାୟନ କରିବା ମଧ୍ୟ ଏଭଳି ବୃତ୍ତିଧାରୀଙ୍କ କର୍ତ୍ତବ୍ୟ । ଏ କ୍ଷେତ୍ରରେ ପିତାମାତାଙ୍କ ଜ୍ଞାନ ଓ ପରିଚାଳନାଗତ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ୍ । ଭାରତ ଭଳି ଏକ ଦେଶରେ ଏସବୁ ଦକ୍ଷତାର ଆବଶ୍ୟକତା ଅଧିକ । କାରଣ ଏଠି ବିଶେଷ ଭାବେ ଭିନ୍ନକ୍ଷମତାକୁ ନେଇ ସାଧାରଣ ଭାବେ ''ପ୍ରୋତ୍ସାହନ''ବଦଳରେ ''ପ୍ରତିରୋଧ''କରିବାର ଭାବନା ଥାଏ । ତେଣୁ ଏ କ୍ଷେତ୍ରରେ କାର୍ଯ୍ୟରତ ବୃତ୍ତିଧାରୀ ମାନେ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସେବା ଓ ସୁଯୋଗ ସହିତ ସେମାନଙ୍କ ବ୍ୟବଧାନ ଦୂର କରିବା ଉଚିତ୍ । ଶିକ୍ଷା, ସ୍ୱାସ୍ଥ୍ୟସେବା, ବାସଗୃହ, ବିଶେଷ ସହାୟତା ଉପକରଣ, ଥଇଥାନ ସେବା, ବୃତ୍ତିଗତ ଥଇଥାନ, ପରାମର୍ଶ, ଆଇନଗତ ସହାୟତା ଏବଂ ସର୍ବୋପରି ବିଭିନ୍ନ ମନୋରଞ୍ଜନଧର୍ମୀ ଖେଳକୁଦ କାର୍ଯ୍ୟକ୍ରମରେ ଭିନ୍ନକ୍ଷମଙ୍କ ଅଂଶଗ୍ରହଣକୁ ମଧ୍ୟ ସୁନିଶ୍ଚିତ କରାଯିବା ଉଚିତ୍ । ଭିନ୍ନକ୍ଷମଙ୍କ ସଶକ୍ତିକରଣ ଉପରେ ସର୍ବଥା ଗୁରୁତ୍ୱ ଦିଆଯିବା ଉଚିତ୍ । ଏମାନଙ୍କ ପାଇଁ ବିଭିନ୍ନ ପରିଚାଳନାଗତ ରଣନୀତି ପ୍ରସ୍ତୁତ କରିବା ଦରକାର । ତେବେ ଏଗୁଡିକ ମଧ୍ୟରୁ ସାଂସ୍କୃତିକ ମୋଡେଲ ହେଉଛି ଅନ୍ୟତମ ଶ୍ରେୟସ୍କର ବ୍ୟବସ୍ଥା । ଜନସଂଖ୍ୟାର ଏହି ଭିନ୍ନକ୍ଷମ ଗୋଷ୍ଠୀଙ୍କ ପାଇଁ ଏହି ମୋଡେଲ ନିଶ୍ଚିତ ଭାବରେ ଉପାଦେୟ ହୋଇପାରିବ । ଏମିତିରେ ବି ଭିନ୍ନକ୍ଷମତା ପରିଚାଳନା ପାଇଁ କୌଣସି ନିର୍ଦ୍ଦିଷ୍ଟ ଏବଂ ସର୍ବସମ୍ମତିକ୍ରମେ ଗୃହିତ ମୋଡେଲ ବା ବ୍ୟବସ୍ଥା ନାହିଁ । ତେବେ ଭିନ୍ନକ୍ଷମଙ୍କ ପରିସ୍ଥିତି ଓ ପରିବେଷ ତଥା ସେମକାନଙ୍କ ନିଜସ୍ୱ ବିଶେଷ ଆବଶ୍ୟକତା ଗୁଡିକୁ ଅଗ୍ରାଧିକାର ଦେଇ ସେମାନଙ୍କ ସମସ୍ୟା ସମାଧାନ ଓ ପ୍ରୋତ୍ସାହନ ପାଇଁ ଏକ ସମନ୍ୱିତ ରଣକୌଶଳ ଆପଣେଇନେବା ହେଉଛି ଆଜିର ଆହ୍ୱାନ।

●

**କୋଲକାତା ସ୍ଥିତ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ଅଧିନ ସାମାଜିକ କାର୍ଯ୍ୟ ବିଭାଗରେ ଲେଖିକା ଜଣେ ସହକାରୀ ପ୍ରାଧ୍ୟପିକା ଭାବେ କାର୍ଯ୍ୟରତ ।**

# ନିମ୍ବ ପ୍ରଲେପିତ ୟୁରିଆ

ଡକ୍ଟର ଆଶିଷ କୁମାର ଦାଶ

ଭୂତଳ ଜଳରେ ନାଇଟ୍ରେଟ୍‌ର ପରିମାଣ ବଢ଼ିଗଲେ ସେହି ଜଳକୁ ବ୍ୟବହାର କରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟଗତ ଅସୁବିଧା ଦେଖାଯାଏ । ଜମିରେ ପ୍ରୟୋଗ କରାଯାଇଥିବା ୟୁରିଆରୁ ଯେଉଁ ନାଇଟ୍ରୋଜେନ୍ ମିଳେ ସେଥିରୁ କିଛି ଅଂଶ ନାଇଟ୍ରସ୍ ଅକ୍ସାଇଡ୍ କିମ୍ବା ମୌଳିକ ଯବକ୍ଷାରଜାନ ଗ୍ୟାସ୍‌କୁ ରୂପାନ୍ତରିତ ହୋଇ ବାୟୁମଣ୍ଡଳରେ ମିଶି ବାୟୁମଣ୍ଡଳର ସବୁଜଗୃହ ଗ୍ୟାସ୍‌ର ପରିମାଣକୁ ବଢ଼ାଇଥାଏ, ଯାହାକି ବିଭିନ୍ନ ଉପାୟରେ ମନୁଷ୍ୟ ସମାଜର କ୍ଷତି ସାଧନ କରିଥାଏ । ବାୟୁମଣ୍ଡଳରେ ସବୁଜଗୃହ ଗ୍ୟାସ୍‌ର ପରିମାଣ ବୃଦ୍ଧି ପାଇବା ଦ୍ୱାରା ବାୟୁମଣ୍ଡଳର ତାପମାତ୍ରାରେ ଅହେତୁକ ତାରତମ୍ୟ ଦେଖାଯାଏ । ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଏ ତଥା ମନୁଷ୍ୟ ସମାଜ ମଧ୍ୟ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୁଏ ।

**ଫସଲର** ସର୍ବାଙ୍ଗୀନ ଉନ୍ନତି ପାଇଁ ୧୭ ପ୍ରକାରର ପୋଷକତତ୍ତ୍ୱ ଆବଶ୍ୟକ । ସବୁଠାରୁ ଅଧିକ ପରିମାଣରେ ଆବଶ୍ୟକ ହେଉଥିବା ପୋଷକତତ୍ତ୍ୱଗୁଡ଼ିକୁ ଫସଲର ମୁଖ୍ୟ ଉପାଦାନ କିମ୍ବା ପ୍ରାଥମିକ ଖାଦ୍ୟ ଉପାଦାନ କୁହାଯାଏ । ସେହିପରି ଅପେକ୍ଷାକୃତ କମ୍ ପରିମାଣରେ ଆବଶ୍ୟକ ହେଉଥିବା ପୋଷକତତ୍ତ୍ୱଗୁଡ଼ିକୁ ଗୌଣ ଉପାଦାନ ତଥା ଅଳ୍ପ ପରିମାଣରେ ଆବଶ୍ୟକ ହେଉଥିବା ପୋଷକତତ୍ତ୍ୱଗୁଡ଼ିକୁ ଅଣୁ ଉପାଦନ କୁହାଯାଏ । ସବୁ ପୋଷକତତ୍ତ୍ୱଗୁଡ଼ିକ ମଧ୍ୟରୁ ନାଇଟ୍ରୋଜେନ (ଯବକ୍ଷାରଜାନ) ପୋଷକତତ୍ତ୍ୱ ସମସ୍ତ ଫସଲ ପାଇଁ ଅନ୍ୟ ପୋଷକତତ୍ତ୍ୱ ତୁଳନାରେ ଅଧିକ ପରିମାଣରେ ଦରକାର ହୋଇଥାଏ । ବିଭିନ୍ନ ଫସଲ ପାଇଁ ଆବଶ୍ୟକ ହେଉଥିବା ନାଇଟ୍ରୋଜେନ ପୋଷକତତ୍ତ୍ୱର ପରିମାଣ ମଧ୍ୟ ଭିନ୍ନ ଭିନ୍ନ । ଫସଲର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅର୍ଥାତ କାଣ୍ଡ, ପତ୍ର ଓ ଫୁଲ ଫଳର ସଂପୂର୍ଣ୍ଣ ବୃଦ୍ଧି ପାଇଁ ନାଇଟ୍ରୋଜେନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯେକୌଣସି ଗଛର ପତ୍ର ତଥା ଖାଦ୍ୟ ଉତ୍ପାଦନରେ ସାହାଯ୍ୟ କରୁଥିବା ପତ୍ରହରିତ୍ ବୃଦ୍ଧି ପାଇଁ ନାଇଟ୍ରୋଜେନ୍ ମୁଖ୍ୟତଃ ଦାୟୀ । ନାଇଟ୍ରୋଜେନ୍ ପୋଷକତତ୍ତ୍ୱ ସଠିକ୍ ପରିମାଣରେ ଗଛକୁ ମିଳିଲେ ଗଛର ବୃଦ୍ଧି ହେବା ସଙ୍ଗେସଙ୍ଗେ ଖାଦ୍ୟ ପ୍ରସ୍ତୁତି ସୁବିଧାରେ ତଥା ସହଜରେ ହୋଇପାରେ । ଆମେ ଜାଣିଛେ ମାଟି ହେଉଛି ଫସଲ ପୋଷକତତ୍ତ୍ୱର 'ଗନ୍ତାଘର' । ମାଟିରେ ନାଇଟ୍ରୋଜେନ୍‌ର ପରିମାଣ କମ୍ ହୋଇଗଲେ ଗଛରେ ମଧ୍ୟ ତା'ର ଅଭାବ ପରିଲକ୍ଷିତ ହୁଏ । ଗଛରେ ନାଇଟ୍ରୋଜେନ୍‌ର ଅଭାବ ଦେଖା ଦେଲେ ଗଛ ହଳଦିଆ ପଡ଼ିଯାଏ । ଗଛ ଛୋଟ ଛୋଟ ହୋଇଯାଏ ପିଲ ସଂଖ୍ୟା କମିଯାଏ । ନାଇଟ୍ରୋଜେନ୍ ଅଭାବ ଅଧିକ ହେଲେ ଗଛ ମରିଯାଏ, ସେଥିରେ ଫୁଲଫଳ ହୁଏ ନାହିଁ । ଆଜିକାଲି ଗୋଟିଏ ଜମିରେ ବାରମ୍ବାର ଫସଲ ଚାଷ କରାଯାଉଥିବାରୁ ମାଟିରେ ନାଇଟ୍ରୋଜେନ୍‌ର ଅଭାବ ଦେଖାଯାଉଛି ।

ସେହିପରି ଅଧିକ ଅମଳକ୍ଷମ ଫସଲ ଚାଷ କରିବା ଦ୍ୱାରା ମଧ୍ୟ ଫସଲର ଅମଳ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମାଟିରେ ନାଇଟ୍ରୋଜେନ୍‌ର ଅଭାବ ପରିଲକ୍ଷିତ ହୋଇଥାଏ । ସାମ୍ପ୍ରତିକ ପରିସ୍ଥିତିରେ ଜୈବିକ ଖତ ପ୍ରୟୋଗ କରିବା ମଧ୍ୟ କଷ୍ଟସାଧ୍ୟ । ସେଥିପାଇଁ ଜୈବିକ ଖତରୁ ନାଇଟ୍ରୋଜେନ୍ ମଧ୍ୟ ଫସଲକୁ ମିଳିପାରୁ ନାହିଁ । ଉପରଲିଖିତ କାରଣରୁ ଜମିରେ ନାଇଟ୍ରୋଜେନ୍ ପୋଷକତତ୍ତ୍ୱ ପ୍ରୟୋଗ କରିବାପାଇଁ ରାସାୟନିକ ସାର ଉପରେ ନିର୍ଭର କରିବାକୁ ପଡୁଛି । ବଜାରରେ ମିଳୁଥିବା ରାସାୟନିକ ସାର ମଧ୍ୟ ବିଭିନ୍ନ ପ୍ରକାରର । ସେଥିମଧ୍ୟରୁ କେତେକ ସାର ଏକକ ସାର ଯେଉଁଥିରୁ କେବଳ ଗୋଟିଏ ଉପାଦାନ ଫସଲକୁ ମିଳିଥାଏ । ସେହିପରି ଅନ୍ୟ ଜୈବିକ ରାସାୟନିକ ସାର ଅଛି ଯାହା ପ୍ରୟୋଗ କରିବାଦ୍ୱାରା ଫସଲକୁ ଦୁଇ କିମ୍ବା ତତୋଧିକ ପୋଷକ ତତ୍ତ୍ୱ ମିଳିଥାଏ । ସେଗୁଡ଼ିକୁ ଯୌଗିକ ସାର କୁହାଯାଏ । ୟୁରିଆ ଏପରି



Unfiled Notes Page 47

ଏକ ଏକକ ରାସାୟନିକ ଯେଉଁଥିରୁ ଫସଲକୁ କେବଳ ନାଇଟ୍ରୋଜେନ୍ ପୋଷକ ତତ୍ତ୍ୱ ମିଳିଥାଏ । ୟୁରିଆ ସାରରେ ନାଇଟ୍ରୋଜେନ୍ ଉପାଦାନ ଆମାଇଡ୍ ଆକାରରେ ଥାଏ । ଏହା ପାଣି ସହିତ ମିଶିଲେ ନାଇଟ୍ରାଇଟ୍, ନାଇଟ୍ରେଟ୍ ଏବଂ ଆମୋନିଆ ଉପାଦାନରେ ପରିଣତ ହୁଏ । ୟୁରିଆ ସାରକୁ ମାଟିରେ ପକାଇଲେ ସେଥିରୁ ଯେଉଁ ନାଇଟ୍ରୋଜେନ୍ ପୋଷକ ତତ୍ତ୍ୱ ମାଟିରେ ମିଶି ଫସଲକୁ ଯାଇଥାଏ ସେହିସବୁ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ଖୁବ୍ ଶୀଘ୍ର ନଷ୍ଟ ହୋଇଯାଏ । ନାଇଟ୍ରୋଜେନ୍ ପାଣି ସହିତ ମିଶି ଧୋଇହୋଇ ମାଟି ତଳକୁ ଚାଲିଯାଏ ଯାହାକୁ ଗଛ ବ୍ୟବହାର କରିପାରେ ନାହିଁ । ସେହିପରି ୟୁରିଆ ପ୍ରୟୋଗ ସମୟରେ ଜମିରେ ଥିବା ପାଣିର ତାପମାତ୍ରା ଅଧିକ ଥିଲେ କେତେକ ନାଇଟ୍ରୋଜେନ୍ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ବାଷ୍ପ ହୋଇ ବାୟୁ ମଣ୍ଡଳରେ ମିଶିଯାଏ । ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ନାଇଟ୍ରୋଜେନ୍ ପୋଷକତତ୍ତ୍ୱ ନାଇଟ୍ରସ୍ ଅକ୍ସାଇଡ୍ କିମ୍ବା ନାଇଟ୍ରୋଜେନ ଗ୍ୟାସ ରୂପେ ବାୟୁମଣ୍ଡଳକୁ ଚାଲିଯାଏ । ବିଭିନ୍ନ ପରୀକ୍ଷାରୁ ଦେଖାଯାଇଛି ମାଟିରେ ପ୍ରୟୋଗ କରାଯାଉଥିବା ୟୁରିଆ ସାରରୁ ମିଳୁଥିବା ନାଇଟ୍ରୋଜେନ୍‌ର ଶତକଡ଼ା ୨୫-୩୦ ଭାଗ ଫସଲ ବ୍ୟବହାର କରିପାରୁଥିବାବେଳେ ବାକି ଶତକଡ଼ା ୭୦-୭୫ ଭାଗ ନାଇଟ୍ରୋଜେନ୍ ନଷ୍ଟ ହୁଏ । ଯେହେତୁ ଫସଲର ନାଇଟ୍ରୋଜେନ୍ ବ୍ୟବହାର କରିବାର କ୍ଷମତା ଶତକଡ଼ା ୩୦-୩୫ ଭାଗ ମଧ୍ୟରେ ସୀମିତ ତେଣୁ ୟୁରିଆ ପକାଇବା ଦ୍ୱାରା ଯେଉଁ ପଇସା ନଷ୍ଟ ହୁଏ ସେଥିପାଇଁ ଚାଷୀ ମଧ୍ୟ କ୍ଷତିଗ୍ରସ୍ତ ହୁଏ । ଦ୍ୱିତୀୟତଃ ଜମିରେ ଯେଉଁ ନାଇଟ୍ରୋଜେନ୍ ପ୍ରୟୋଗ କରାଯାଏ ତାହା ଯେଉଁ ନାଇଟ୍ରେଟ୍‌କୁ ରୂପାନ୍ତରିତ ହୁଏ ତାହା ପାଣି ସହିତ ମିଶି ମାଟିର ତଳ ସ୍ତରକୁ ଯାଇ ଭୂତଳ ଜଳସ୍ତରକୁ ପ୍ରଭାବିତ କରେ । ଭୂତଳ ଜଳରେ ନାଇଟ୍ରେଟ୍‌ର ପରିମାଣ ବଢ଼ିଗଲେ ସେହି ଜଳକୁ ବ୍ୟବହାର କରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟଗତ ଅସୁବିଧା ଦେଖାଯାଏ । ଜମିରେ ପ୍ରୟୋଗ କରାଯାଇଥିବା ୟୁରିଆରୁ ଯେଉଁ ନାଇଟ୍ରୋଜେନ୍ ମିଳେ ସେଥିରୁ କିଛି ଅଂଶ ନାଇଟ୍ରସ୍ ଅକ୍ସାଇଡ୍ କିମ୍ବା ମୌଳିକ ଯବକ୍ଷାରଜାନ ଗ୍ୟାସ୍‌କୁ ରୂପାନ୍ତରିତ ହୋଇ ବାୟୁମଣ୍ଡଳରେ ମିଶି ବାୟୁମଣ୍ଡଳର ସବୁଜଗୃହ ଗ୍ୟାସ୍‌ର ପରିମାଣକୁ ବଢ଼ାଇଥାଏ, ଯାହାକି ବିଭିନ୍ନ ଉପାୟରେ ମନୁଷ୍ୟ ସମାଜର କ୍ଷତି ସାଧନ କରିଥାଏ । ବାୟୁମଣ୍ଡଳରେ ସବୁଜଗୃହ ଗ୍ୟାସ୍‌ର ପରିମାଣ ବୃଦ୍ଧି ପାଇବା ଦ୍ୱାରା ବାୟୁମଣ୍ଡଳର ତାପମାତ୍ରାରେ ଅହେତୁକ ତାରତମ୍ୟ ଦେଖାଯାଏ । ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଏ ତଥା ମନୁଷ୍ୟ ସମାଜ ମଧ୍ୟ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୁଏ । ବିଭିନ୍ନ ପରୀକ୍ଷଣରୁ ଜଣାଯାଇଛି ୟୁରିଆ ଜମିରେ ପ୍ରୟୋଗ କରାଗଲା ବେଳେ ତାହା ପାଣି ସଂସ୍ପର୍ଶରେ ଆସି ଦ୍ରବଣରେ ପରିଣତ ହୁଏ । ସେହି ଦ୍ରବଣରେ ଥିବା ନାଇଟ୍ରୋଜେନ୍, ଆମାଇଡ୍ ନାଇଟ୍ରୋଜେନ୍ ରୂପରେ ଥାଏ ଏବଂ ତାହା ବିଭିନ୍ନ ଜଟିଳ ପ୍ରକ୍ରିୟା ଦ୍ୱାରା ଆମୋନିଆ କାଲ୍ ନାଇଟ୍ରୋଜେନ୍ ତଥା ନାଇଟ୍ରେଟ୍ ନାଇଟ୍ରୋଜେନ୍ ରେ ରୂପାନ୍ତରିତ ହୋଇଥାଏ । ଏହିସବୁ ଜଟିଳ ରୂପାନ୍ତରିତ ପ୍ରକ୍ରିୟା ବିଭିନ୍ନ ଇନ୍‌ଜାଇମ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । କୃଷି ଗବେଷଣାରୁ ଜଣାଯାଇଛି ଯେ ଏହିସବୁ ରୂପାନ୍ତରିତ ପ୍ରକ୍ରିୟାରେ ସାମିଲ ହେଉଥିବା ଇନ୍‌ଜାଇମ୍‌ମାନଙ୍କର କାର୍ଯ୍ୟଦକ୍ଷତାକୁ ଯେକୌଣସି ସ୍ତରରେ ଯେକୌଣସି ପ୍ରକ୍ରିୟା ଦ୍ୱାରା ମନ୍ଥର କରାଯାଇ ପାରିଲେ ରୂପାନ୍ତରିତ ପ୍ରକ୍ରିୟା ମନ୍ଥର ହେବା ସଙ୍ଗେସଙ୍ଗେ ବିଭିନ୍ନ ପ୍ରକାରର ନାଇଟ୍ରୋଜେନ୍ ବେଶୀ ସମୟ ଗଛ ସଂସ୍ପର୍ଶରେ ଆସିପାରନ୍ତା ଏବଂ ଗଛ ମଧ୍ୟ ନାଇଟ୍ରୋଜେନ୍‌କୁ ଅଧିକ ପରିମାଣରେ ବ୍ୟବହାର କରିପାରନ୍ତା । ଏସବୁ ବିଷୟକୁ ବିଚାରକୁ ନେଇ ଦେଖାଯାଇଛି ଯେ ନିମ୍ବ ଏପରି ଏକ ବୃକ୍ଷ ଯାହାର ପତ୍ର, ଫଳ କୁ ଯଦି କୌଣସି ଭାବରେ ୟୁରିଆ ଉପରେ ପ୍ରଲେପିତ କରାଯାଇ ପାରନ୍ତା ତେବେ ରୂପାନ୍ତରିତ ପ୍ରକ୍ରିୟାକୁ ପରୋକ୍ଷ ଭାବରେ କମ୍ କରାଯାଇ ପାରନ୍ତା । ନିମ୍ବର ଫୁଲ, ପତ୍ରର ପିତା ଗୁଣ ଆମ୍ଭେମାନେ ଜାଣୁ ଏବଂ ସେଥିପାଇଁ ସେଗୁଡ଼ିକୁ ଅନ୍ୟ ପ୍ରକାରରେ ଆମର ବ୍ୟବହାରରେ ଲଗାଇଥାଉ । ବିଜ୍ଞାନଗାରରେ ପରୀକ୍ଷା କରି ଦେଖାଯାଇଛି ଯେ ନିମ୍ବ ମଞ୍ଜି ତଥା ତା' ଭିତରର ଶଶ (kernel)କୁ ବିଭିନ୍ନ ରାସାୟନିକ ପଦାର୍ଥ ଯଥା ନିମିନ, ନିମ୍ବିଡିନ, ସାଲାନିନ୍ ଅଛି ଯାହାକି ବିଭିନ୍ନ ଇନ୍‌ଜାଇମ୍‌ମାନଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ । ଫଳ ସ୍ୱରୂପ ଯେଉଁ ରୂପାନ୍ତରିତ ପ୍ରକ୍ରିୟାକୁ ସେହିସବୁ ଇନ୍‌ଜାଇମ୍ ପ୍ରଭାବିତ କରିଥାଆନ୍ତି, ସେମାନଙ୍କ ପ୍ରକ୍ରିୟା ମନ୍ଥର ହୁଏ । ଅର୍ଥାତ୍ ପ୍ରାଥମିକ ସ୍ତରରେ ୟୁରିଆ ଧୀରେ ଧୀରେ ଦ୍ରବଣରେ ପରିଣତ ହୁଏ । ସେଥିରୁ ଯେଉଁ ଆମାଇଡ୍ ନାଇଟ୍ରୋଜେନ୍ ବାହାରେ ତାହାଦ୍ୱାରା ମଧ୍ୟ ଆମୋନିଆକାଲ୍ କିମ୍ବା ନାଇଟ୍ରେଟ୍ ନାଇଟ୍ରୋଜେନ୍‌କୁ ରୂପାନ୍ତରିତ ହେବା ପ୍ରକ୍ରିୟା ମଧ୍ୟ ମନ୍ଥର ହୁଏ । ନିମ୍ବର ଉପରବର୍ଣ୍ଣିତ ଗୁଣକୁ ପରୀକ୍ଷା କରି ଜାଣିବା ପରେ ତାକୁ କିପରି ବ୍ୟବହାର କରାଯାଇ ନାଇଟ୍ରୋଜେନ୍ ବ୍ୟବହାର ଦକ୍ଷତା ବଢ଼ାଯାଇ ପାରିବ ସେ ବିଷୟ ଗବେଷଣା କରାଗଲା । ନିମ୍ବକୁ କିପରି ୟୁରିଆ ଉପରେ ପ୍ରଲେପିତ କରାଯିବ ଏବଂ ଏହା ଦ୍ୱାରା କ'ଣ ଲାଭ ମିଳିବ, ସେ ବିଷୟରେ ସମ୍ୟକ୍ ଆଲୋକପାତ କରିବା ଲେଖକଙ୍କର ଉଦ୍ଦେଶ୍ୟ ।



Unfiled Notes Page 48

ଆମେ ପୂର୍ବରୁ ଆଲୋଚନା କରିଛେ ଫସଲ ଚାଷ ପାଇଁ ନାଇଟ୍ରୋଜେନ୍ ଅଧିକ ପରିମାଣ ଦରକାର ହୁଏ ଏବଂ ଚାଷୀଭାଇମାନେ ଫସଲକୁ ନାଇଟ୍ରୋଜେନ୍ ଯୋଗାଇବା ପାଇଁ ମୁଖ୍ୟତଃ ୟୁରିଆ ସାର ବ୍ୟବହାର କରିଥାନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି

(୧) ୟୁରିଆ ସାର ମୂଲ୍ୟ ଅପେକ୍ଷାକୃତ କମ୍

(୨) ୟୁରିଆ ସାରରୁ ମିଳୁଥିବା ନାଇଟ୍ରୋଜେନ୍‌ର ପରିମାଣ ଶତକଡ଼ା ୫୬ ଭାଗ ଏବଂ ଏହା ଗୋଟିଏ ଏକକ ସାର

(୩) ୟୁରିଆ ସାରର ଆକାର, ରାସାୟନିକ ଗୁଣ ଏବଂ ସାଇତି ରଖିବାର ପ୍ରଣାଳୀ ଚାଷୀମାନଙ୍କ ପାଖରେ ଆଦୃତ

(୪) ୟୁରିଆ ସାର ଜମିରେ ପ୍ରୟୋଗ କଲେ ଫସଲ ଉପରେ ସାରର ପ୍ରଭାବ ଆଖିଦୃଶିଆ ହୁଏ ଏବଂ ସିଧାସଳଖ ଚାଷୀ ଦେଖି ଅନୁଭବ କରେ । ଏସବୁ କାରଣରୁ ଚାଷୀ ମଧ୍ୟ ଅନ୍ୟ ସାର ତୁଳନାରେ ୟୁରିଆ ସାର ବେଶି ବ୍ୟବହାର କରେ । ଆମ ଦେଶରେ ପ୍ରୟୋଗ କରାଯାଉଥିବା ନାଇଟ୍ରୋଜେନ୍ ଫସ୍‌ଫରସ୍ ତଥା ପଟାସ୍‌ର ଅନୁପାତ ୪:୨:୧ ରଖିବା ପାଇଁ ବୈଜ୍ଞାନିକମାନେ ପରାମର୍ଶ ଦେଉଥିବା ସମୟରେ ୟୁରିଆର ବହୁଳ ବ୍ୟବହାର ଯୋଗୁଁ ସେହି ଅନୁପାତ କେତେକ ସ୍ଥାନରେ ୪୦:୧୨:୧ ସ୍ତରରେ ପହଞ୍ଚିଛି । ଫଳସ୍ୱରୂପ ଏହା ଦ୍ୱାରା ମାଟିର ସ୍ୱାସ୍ଥ୍ୟରେ ଅବନତି ଦେଖାଦେଉଛି । ୨୦୦୯-୧୦ ମସିହାରେ ଆମଦେଶର ସମସ୍ତ ସାର କାରଖାନାରୁ ୟୁରିଆ ଉତ୍ପାଦନ ୨୨୧:୧୨ ଲକ୍ଷ ଟନ୍ ହୋଇଥିଲାବେଳେ ଯୌଗିକ ସାରର ଉତ୍ପାଦନ ଥିଲା ୮୦.୩୮ ଲକ୍ଷ ଟନ୍ ଏବଂ ସେହି ବର୍ଷ ଆମେ ଆମଦାନୀ କରିଥିଲୁ ୧୫୨.୦୯ ଲକ୍ଷ ଟନ୍ । ଅର୍ଥାତ୍ ସେହିବର୍ଷ ଆମର ସମୁଦାୟ ୟୁରିଆ ବ୍ୟବହାରର ପରିମାଣ ଥିଲା ୨୬୩.୧୧ ଲକ୍ଷ ଟନ୍ । ସେହିପରି ଯଦି ୨୦୧୩-୧୪ର ଉତ୍ପାଦନକୁ ଦୃଷ୍ଟି ଦେବା ତେବେ ଦେଖିବା ସେହି ବର୍ଷ ୟୁରିଆ ଉତ୍ପାଦନ ଥିଲା ୨୨୭.୧୫ ଲକ୍ଷ ଟନ୍ ଏବଂ ଯୌଗିକ ସାରର ଉତ୍ପାଦନ ପରିମାଣ ହେଲା ୬୯.୧୩ ଲକ୍ଷ ଟନ୍ କିନ୍ତୁ ସେହିବର୍ଷ ୟୁରିଆ ଆମଦାନୀ କରାଯାଇଥିଲା ୭୦.୮୮ ଲକ୍ଷ ଟନ୍ । ତେଣୁ ସମୁଦାୟ ୟୁରିଆ ବ୍ୟବହାର ହୋଇଥିଲା ୭୯୮.୦୩ ଲକ୍ଷ ଟନ୍ । ଉପରୋକ୍ତ ତଥ୍ୟକୁ ବିଶ୍ଳେଷଣ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ୟୁରିଆର ଉତ୍ପାଦନ କ୍ରମଶଃ ବୃଦ୍ଧି ପାଉଛି ତା'ସଙ୍ଗେସଙ୍ଗେ ଆମଦାନୀ ମଧ୍ୟ ବୃଦ୍ଧି ପାଉଛି । ଅନ୍ୟପକ୍ଷରେ ଅନ୍ୟାନ୍ୟ ଯୌଗିକ ସାରର ବ୍ୟବହାର ପରିମାଣ କମିକମି ଯାଉଛି । ଏଥିରୁ ଅନୁମାନ କରାଯାଉଛି ଯେ ଆମ ଦେଶର ପୋଷକତତ୍ତ୍ୱର ଅନୁପାତିକ ବ୍ୟବହାର ମଧ୍ୟ ଅସନ୍ତୁଳିତ ହେଉଛି । ଆଗାମୀ ବର୍ଷମାନଙ୍କରେ ଆନୁମାନିକ ଆବଶ୍ୟକତାକୁ ଦୃଷ୍ଟି ଦେଲେ ଆମେ ଦେଖିବା ୨୦୧୪-୧୫ ବର୍ଷ ୟୁରିଆ ଆବଶ୍ୟକତା ପରିମାଣ ୩୨୦.୨୯ ଲକ୍ଷ ଟନ୍ ଥିଲାବେଳେ ୨୦୧୮-୧୯ରେ ଏହାର ପରିମାଣ ୩୪୫.୩୬ ଲକ୍ଷ ଟନ୍ । ଭବିଷ୍ୟତର ୟୁରିଆ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରଥମ ପଦକ୍ଷେପ ହେଉଛି ନୂଆ ୟୁରିଆ ସାର କାରଖାନା ସ୍ଥାପନ କରିବା କିମ୍ବା ବନ୍ଦ ହୋଇ ପଡ଼ିଥିବା ୟୁରିଆ ସାର କାରଖାନାକୁ କାର୍ଯ୍ୟକ୍ଷମ କରିବା । କିନ୍ତୁ ଏହି ପଦକ୍ଷେପ ବ୍ୟୟବହୁଳ ଏବଂ ସମୟସାପେକ୍ଷ । ଦ୍ୱିତୀୟତଃ ଆବଶ୍ୟକ ପରିମାଣର ୟୁରିଆ ସାର ବ୍ୟବହାର କରିବା ପାଇଁ ଚାଷୀଭାଇ ଭଉଣୀମାନଙ୍କୁ ସଚେତନ କରାଇବା, କିନ୍ତୁ ଏ ପଦକ୍ଷେପ ମଧ୍ୟ ସହଜସାଧ୍ୟ ନୁହେଁ । କାରଣ ସମଗ୍ର ଦେଶର ବିଭିନ୍ନ ଅଞ୍ଚଳ, ବିଭିନ୍ନ ଶ୍ରେଣୀ ତଥା ବିଭିନ୍ନ ବର୍ଗର ଚାଷୀଭାଇ ଓ ଭଉଣୀମାନଙ୍କୁ ସଚେତନ କରିବା ମଧ୍ୟ ସମୟ ସାପେକ୍ଷ । ତୃତୀୟତଃ ୟୁରିଆ ସାରର ବିକଳ୍ପ ବ୍ୟବହାରକୁ ବନ୍ଦ କରିବା କିମ୍ବା ସଂକୁଚିତ କରିବା । ଚତୁର୍ଥତଃ ନିମ୍ବ ପ୍ରଲେପିତ ୟୁରିଆ ସାର ବ୍ୟବହାର କରି ୟୁରିଆ ସାରର କାର୍ଯ୍ୟଦକ୍ଷତା ବୃଦ୍ଧି କରାଯାଇ ପାରିଲେ ୟୁରିଆ ସାର କମ୍ ଖର୍ଚ୍ଚ ହେବ ଏବଂ ଚାଷୀଭାଇ ଓ ଭଉଣୀମାନେ କମ୍ ୟୁରିଆ ସାର ବ୍ୟବହାର କରିବା ଦ୍ୱାରା ୟୁରିଆ ସାର ଉପରୁ ଚାପ କମିଯିବ । ସାଂପ୍ରତିକ ପରିସ୍ଥିତିରେ ଚତୁର୍ଥ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ଆରମ୍ଭ ହୋଇଛି । ପ୍ରାରମ୍ଭିକ ସ୍ତରରେ ପୂର୍ବରୁ ଥିବା ନିୟମକୁ ବର୍ତ୍ତମାନର ସରକାର ବଦଳାଇ ଦେଇଛନ୍ତି । ପୂର୍ବରୁ ସରକାରୀ ସ୍ତରର ନିୟମ ଥିଲା ଯେ ଯେକୌଣସି ୟୁରିଆ ସାର କାରଖାନା ନିଜ ଉତ୍ପାଦିତ ୟୁରିଆ ସାରର ସର୍ବାଧିକ ଶତକଡ଼ା ୩୫ ଭାଗ ନିମ୍ବ ପ୍ରଲେପିତ ୟୁରିଆ ତିଆରି କରିପାରିବ । ଏହି ନିୟମ ଫଳର ନିମ୍ବ ପ୍ରଲେପିତ ୟୁରିଆ ସାରର ଦାମ୍ ଅଳ୍ପ ଅଧିକ ରହିଲା ଏବଂ ଚାଷୀମାନେ ନିଜ ଚିରାଚରିତ ବିଚାରଧାରାକୁ ବଦଳାଇ ଅଧିକା ଦାମ୍ ଦେଇ ନିମ୍ବ ପ୍ରଲେପିତ ୟୁରିଆ କିଣିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ । ବର୍ତ୍ତମାନର ସରକାର ସେହି ନିୟମକୁ ବଦଳାଇ ଦେଇ ଘୋଷଣା କରିଛନ୍ତି ଯେ ଆମ ଦେଶରେ ଯେତେ ୟୁରିଆ ସାର ପ୍ରସ୍ତୁତ ହେବ ତାହା ନିମ୍ବ ପ୍ରଲେପିତ ହେବ । ପ୍ରଲେପ ବିନା ୟୁରିଆ ସାର ବଜାରରେ ମିଳିବ ନାହିଁ । ବର୍ତ୍ତମାନ ପରିସ୍ଥିତିରେ ଏହା ଏକ ସଠିକ୍ ଓ ସମୟୋପଯୋଗୀ ପଦକ୍ଷେପ । ଏହି ପଦକ୍ଷେପର ଫଳ ସ୍ୱରୂପ ପ୍ରଥମତଃ ନିମ୍ବ ପ୍ରଲେପିତ ୟୁରିଆ ବିକଳ୍ପ କାର୍ଯ୍ୟ ପାଇଁ କିମ୍ବା ଅନ୍ୟ ଶିଳ୍ପ ପାଇଁ କଞ୍ଚାମାଲ୍ ରୂପେ ବ୍ୟବହୃତ ହୋଇପାରିବ ନାହିଁ । ତେଣୁ ଆମ ଦେଶରେ ଯେତିକି ନିମ୍ବ ପ୍ରଲେପିତ ୟୁରିଆ ସାର ପ୍ରସ୍ତୁତ ହେବ ତାହା ଚାଷୀମାନଙ୍କ ବ୍ୟବହାରରେ ଲାଗିବ । ଦ୍ୱିତୀୟତଃ ନିମ୍ବ ପ୍ରଲେପ ଦ୍ୱାରା

ପ୍ରୟୋଗ କରାଯାଉଥିବା ନାଇଟ୍ରୋଜେନ୍‌ର କ୍ଷତି କମିଯିବ ଏବଂ ଗଛ ଅଧିକ ନାଇଟ୍ରୋଜେନ୍ ପାଇବା ଦ୍ୱାରା ଫସଲର ନାଇଟ୍ରୋଜେନ୍ ଦକ୍ଷତା ବୃଦ୍ଧି ପାଇବ ଏବଂ ଚାଷୀମାନଙ୍କୁ କମ୍ ୟୁରିଆ ବ୍ୟବହାର କରିବାକୁ ପଡ଼ିବ । ତୃତୀୟତଃ ପ୍ରୟୋଗ କରାଯାଉଥିବା ୟୁରିଆରୁ କମ୍ ପରିମାଣର ନାଇଟ୍ରେଟ୍ ବାହାରି ଭୂତଳ ଜଳରେ ମିଶିବ ଏବଂ ନାଇଟ୍ରସ୍ ଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଗ୍ୟାସ୍‌ର ପରିମାଣ କମିଯିବ । ଫଳରେ ଭୂତଳଜଳ ତଥା ବାୟୁମଣ୍ଡଳର ପ୍ରଦୂଷଣ କମିଯିବ । ଚତୁର୍ଥତଃ ୟୁରିଆ ସାରର ବ୍ୟବହାର କମିଗଲେ ଆମଦାନୀ ମଧ୍ୟ କମିଯିବ । ଯାହାଦ୍ୱାରା ଆମକୁ କମ୍ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ । ପଞ୍ଚମତଃ ନିମ୍ବପ୍ରଲେପିତ ୟୁରିଆ କମ୍ ପରିମାଣରେ ବ୍ୟବହାର କଲେ ଜମିରେ ଯେଉଁ ପୋଷକତତ୍ତ୍ୱର ଅସନ୍ତୁଳନ ଦେଖାଦେଉଥିଲା, ତାହା ମଧ୍ୟ କମିଯାଇପାରିବ । ଫଳରେ ମାଟିର ସ୍ୱାସ୍ଥ୍ୟରକ୍ଷା ହୋଇପାରିବ । ନିମ୍ବପ୍ରଲେପିତ ୟୁରିଆ ସାର ପ୍ରୟୋଗ ଦ୍ୱାରା ଉପରବର୍ଣ୍ଣିତ ସୁବିଧା ସୁଯୋଗ ମିଳୁଥିବାରୁ ଏବଂ ସରକାରୀ ସ୍ତରରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଥିବାରୁ ଏହି ୟୁରିଆକୁ ବ୍ୟବହାର କରିବା ପାଇଁ ଚାଷୀମାନଙ୍କୁ ସଚେତନତା କରାଇବା ଉଚିତ । ଆମ ଦେଶରେ ପ୍ରସ୍ତୁତ ହେଉଥିବା ସମସ୍ତ ୟୁରିଆ ସାର ନିମ୍ବ ପ୍ରଲେପିତ ହୋଇଥିବାରୁ ଚାଷୀଭାଇ ଓ ଭଉଣୀମାନେ ସହଜରେ ଓ ସୁବିଧାରେ ଏହାକୁ କିଣି ବ୍ୟବହାର କରିପାରିବେ । ଆସନ୍ତୁ ସମସ୍ତେ ମିଳିମିଶି ନିମ୍ବ ପ୍ରଲେପିତ ୟୁରିଆର ଗୁଣ ବିଷୟରେ ସମସ୍ତଙ୍କୁ ସଚେତନ କରାଇ ୟୁରିଆ ଆମଦାନୀକୁ କମ୍ କରିପାରିବା । ସେହିପରି ଭୂତଳଜଳକୁ ନାଇଟ୍ରେଟ୍ ତଥା ବାୟୁମଣ୍ଡଳକୁ ନାଇଟ୍ରସ୍ ଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଗ୍ୟାସ୍ ପ୍ରଦୂଷଣରୁ କେତେକାଂଶରେ ରକ୍ଷା କରିପାରିବା ସଙ୍ଗେ ସଙ୍ଗେ ମାଟିକୁ ସୁସ୍ଥ ରଖିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ।

•




ଲେଖକ , ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେନଶ୍ୱରଠାରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ।



Unfiled Notes Page 50

**ସାଂପ୍ରତିକୀ**

# ରୋଟାଭାଇରସ୍ ପ୍ରତିଷେଧକ ଅଭିଯାନ

ଡାଇରିଆ ବା ତରଳ ଝାଡ଼ାର ପ୍ରତିକାର ପାଇଁ ଏକ ପାଇଲଟ ପ୍ରତିଷେଧକ କାର୍ଯ୍ୟକ୍ରମ ଓଡ଼ିଶାରୁ ଆରମ୍ଭ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜେ.ପି.ନଡ୍ଡା ଏହି ରୋଟାଭାଇରସ୍ ପ୍ରତିଷେଧକ କାର୍ଯ୍ୟକ୍ରମକୁ ଶନିବାର (୨୬.୩.୨୦୧୬) ଭୁବନେଶ୍ୱରଠାରେ ଶୁଭାରମ୍ଭ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଦେଶରେ ପ୍ରଥମ ଥରପାଇଁ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରତିଷେଧକ ଟୀକା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ପ୍ରଥମେ ତରଳ ଝାଡ଼ାର ନିରାକରଣ ପାଇଁ ପାଇଲଟ୍ ଯୋଜନା ଭାବେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ହିମାଚଳ ପ୍ରଦେଶ, ହରିଆଣାରେ ରୋଟାଭାଇରସ୍ ପ୍ରତିଷେଧକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହାର ସଫଳତାକୁ ଦେଖି ଦେଶର ଅନ୍ୟ ସବୁ ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ଚାଲୁ କରାଯିବ ।

ପ୍ରତିବର୍ଷ ପ୍ରାୟ ୮୦ ହଜାରରୁ ଏକଲକ୍ଷ ଶିଶୁ ତରଳ ଝାଡ଼ାରେ ପ୍ରାଣ ହରାଉଛନ୍ତି । ୯ ଲକ୍ଷ ଏଥିରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ପଡୁଛନ୍ତି । ସେହିଭଳି ୩୨.୭ ଲକ୍ଷ ଲୋକ ତରଳ ଝାଡ଼ାରେ ପ୍ରତିବର୍ଷ ଆକ୍ରାନ୍ତ ହୋଇ ହସ୍ପିଟାଲ ଓପିଡିକୁ ଯାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏକ ସୁଲଭ ପ୍ରତିଷେଧକ ପ୍ରସ୍ତୁତ କରାଯାଇଛି, ଯାହାକି ଅନେକ ଶିଶୁଙ୍କ ଜୀବନ ରକ୍ଷା କରିପାରିବ । ବିଶେଷକରି ପାଂଚବର୍ଷ ବୟସ ମଧ୍ୟରେ ଅନେକ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ଏଣୁ ନିୟମିତ ବ୍ୟବଧାନରେ ରୋଟାଭାଇରସ୍ ପ୍ରତିଷେଧକର ବୁନ୍ଦା ଦିଆଗଲେ ଶିଶୁମାନଙ୍କ ଜୀବନରକ୍ଷା ହୋଇପାରିବ । ଶ୍ରୀ ନଡ୍ଡା କହିଥିଲେ ଯେ ଦେଶରେ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ସାର୍ବଜନୀନ ଟୀକାକରଣ ଅଭିଯାନ ମଧ୍ୟରେ ଚାରୋଟି ନୂତନ ପ୍ରତିଷେଧକକୁ ସାମିଲ କରିଛନ୍ତି। ଏଗୁଡ଼ିକ ହେଲା- ରୋଟାଭାଇରସ୍, ଜାପାନିଜ୍ ଏନ୍‌ସେଫେଲାଇଟିଜ୍, ମିଜିଲ୍‌ସ-ରୁବେଲା ଏବଂ ପୋଲିଓ ପ୍ରତିଷେଧକ । ଏହି ଅଭିଯାନ ସହ ଦେଶରେ ଚାଲିଥିବା ସାର୍ବଜନୀନ ଟୀକାକରଣ ଅଭିଯାନ ଦ୍ୱାରା ୧୨ ପ୍ରକାର ଘାତକ ରୋଗର ଆଶୁ ପ୍ରତିକାର କରାଯାଇ ୨ କୋଟି ୭୦ ଲକ୍ଷ ଶିଶୁଙ୍କର ଜୀବନ ରକ୍ଷା କରାଯାଇପାରିବ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ୧୯୮୫ ମସିହାରୁ ସାର୍ବଜନୀନ ଟୀକାକରଣ ଅଭିଯାନ ଆରମ୍ଭ ହୋଇଥିଲା । ଯାହାକି ବିଶ୍ୱର ସବୁଠାରୁ ବଡ଼ ଟୀକାକରଣ ଅଭିଯାନ । ସାଧାରଣ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଏହି ଅଭିଯାନର ଅନ୍ୟତମ ଉଦ୍ଦେଶ୍ୟ ହେଲା ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ଜଟିଳତାର ପ୍ରାକ୍ ନିରାକରଣ । ସେ କହିଥିଲେ ଯେ ଡିସେମ୍ବର ୨୦୧୪ରେ ଆରମ୍ଭ କରାଯାଇଥିବା ମିଶନ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ଅଧୀନରେ ଦେଶର ୮୯ ଲକ୍ଷ ଶିଶୁଙ୍କୁ ସଂପୂର୍ଣ୍ଣରୂପେ ଟୀକାକରଣ କରିବାର ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ଏହାଠାରୁ ଅଧିକ ସଫଳତା ମିଳିଛି । ଏହାର ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୨୦୧୫ ରୁ ଜୁଲାଇ ୨୦୧୫ ମଧ୍ୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅକ୍ଟୋବର ୨୦୧୫ ରୁ ଜାନୁଆରୀ ୨୦୧୬ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ମୋଟ ୧ କୋଟି ୪୨ ଲକ୍ଷ ଶିଶୁ ଏବଂ ୩୬.୭ ଲକ୍ଷ ମହିଳାଙ୍କୁ ଟୀକାକରଣ କରାଯାଇଛି । ଏଥିଲାଗି ୨୦ ଲକ୍ଷ ଟୀକାଦାନ ସେସନ/କେନ୍ଦ୍ର ଅନୁଷ୍ଠିତ ହୋଇଥିଲା ।ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଅନୁସାରେ ଏବେ ଦେଶରେ ୩ ହଜାର ଆଧୁନିକ ଜନଔଷଧି କେନ୍ଦ୍ର ଖୋଲାଯିବ । ପ୍ରତି ଜିଲ୍ଲାରେ ୫/୬ଟି କରି ଏହି କେନ୍ଦ୍ର ଖୋଲିବ ଏବଂ ସେମାନଙ୍କ ଜରିଆରେ ଅତି ସୁଲଭ ମୂଲ୍ୟରେ ଉଚ୍ଚମାନର ଜେନେରିକ୍ ଔଷଧ ସବୁବର୍ଗର ରୋଗୀଙ୍କୁ ଯୋଗାଇ ଦିଆଯିବ ।

ଏହି ସମାବେଶରେ ଉଦ୍‌ବୋଧନ ଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଓଡ଼ିଶାରେ ଗ୍ରୀଷ୍ମକାଳରେ ପାଣିର ଅଭାବ ଏବଂ ଅଦିନିଆ ପାଗ ଯୋଗୁ ତରଳ ଝାଡ଼ାରୋଗ ବ୍ୟାପିଥାଏ । ବିଶେଷକରି ଗ୍ରାମାଂଚଳ ଓ ଅନୁସୂଚିତ ଅଂଚଳରେ ଗରିବ ଲୋକ ଓ ଶିଶୁମାନେ ଏହାର ଶିକାର ହୋଇଥାନ୍ତି । ରୋଟାଭାଇରସ୍ ଭଳି ମାରାତ୍ମକ ସଂକ୍ରମଣରେ ଅନେକ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ଓଡ଼ିଶା, ହିମାଚଳ ପ୍ରଦେଶ, ହରିଆଣା ଓ ଆନ୍ଧ୍ରପ୍ରଦେଶରେ ପାଇଲଟ୍ ସ୍କିମ୍ ଭାବେ ଏହି ଟୀକାକରଣ ଅଭିଯାନ ଆରମ୍ଭ କରାଯାଇଥିବାରୁ ଅନେକ ଶିଶୁଙ୍କ ଜୀବନରକ୍ଷା ହୋଇପାରିବ । ବର୍ତମାନସୁଦ୍ଧା ୯ଟି ଜୀବନରକ୍ଷାକାରୀ

ପ୍ରତିଷେଧକ ଜରିଆରେ ଟୀକାକରଣ ଚାଲିଥିବାବେଳେ ରୋଟାଭାଇରସ୍ ପ୍ରତିଷେଧକ ୧୦ମ ଜୀବନରକ୍ଷାକାରୀ ପ୍ରତିଷେଧକ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ କହିଥିଲେ । ଶ୍ରୀ ପ୍ରଧାନ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ବଳରେ ଲିଙ୍ଗଗତ ବୈଷମ୍ୟ ଅଧିକ ଥିବା ହରିଆଣାରୁ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯାହା ଫଳରେ ସେଠାରେ ଏବେ ପୁଅ-ଝିଅଙ୍କ ସଂଖ୍ୟାରେ ବ୍ୟବଧାନ ଧିରେ ଧିରେ ହ୍ରାସ ପାଉଛି । ଓଡ଼ିଶାରେ ଏହି ହାର ଜାତୀୟ ହାରର ପାଖାପାଖି ରହିଥିବା ଦର୍ଶାଇ ସେ କହିଥିଲେ ଯେ ଶିଶୁ ଓ ମାତୃ ମୃତ୍ୟୁହାର କମାଇ ପରିଶେଷରେ ଶୂନ ସ୍ତରକୁ ଆଣିବାକୁ ପଡ଼ିବ । କେନ୍ଦ୍ରର ସ୍ୱାସ୍ଥ୍ୟରକ୍ଷା ଯୋଜନାରେ ଓଡ଼ିଶାକୁ ପ୍ରମୁଖ ସ୍ଥାନ ଦିଆଯାଇଛି ବୋଲି ସୂଚନା ଦେଇ ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ ତିନୋଟି ରାଷ୍ଟ୍ରାୟତ ସଂସ୍ଥା ଜରିଆରେ ମେଡ଼ିକାଲ କଲେଜ ହସ୍ପିଟାଲମାନ ପ୍ରତିଷ୍ଠା କରାଯିବ । ସେହିପରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସୁରକ୍ଷା ଯୋଜନା ଅଧୀନରେ ରାଜ୍ୟର ଆଉ ୫ଟି ଜିଲ୍ଲା ସଦର ହସ୍ପିଟାଲକୁ ଉନ୍ନୀତ କରାଯାଇ ମେଡ଼ିକାଲ କଲେଜ ହସ୍ପିଟାଲରେ ପରିଣତ କରାଯିବ । ଏଥିଲାଗି କେନ୍ଦ୍ର ସରକାର ୭୫ ଭାଗ ଖର୍ଚ୍ଚ ବହନ କରିବେ ।

# ଏମସିଏଲର କୋଇଲା ଉତ୍ପାଦନରେ ସର୍ବକାଳୀନ ରେକର୍ଡ

ମହାନଦୀ କୋଲଫିଲ୍ଡ (ଏମ.ସି.ଏଲ) ୨୦୧୫-୧୬ ଆର୍ଥିକ ବର୍ଷରେ ସର୍ବମୋଟ ୧୩୭.୯୦ ନିୟୁତ ଟନ କୋଇଲା ଉତ୍ପାଦନ କରି ଦେଶରେ କୋଇଲା ଉତ୍ପାଦନ କ୍ଷେତ୍ରରେ ଏକ ନୂଆ କିର୍ତୀମାନ ସ୍ଥାପନ କରିଛି । ପୂର୍ବ ବର୍ଷ ୧୨୧.୩୮ ନିୟୁତ ଟନ କୋଇଲା ଉତ୍ପାଦିତ ହୋଇଥିଲା । ପୂର୍ବ ବର୍ଷ ତୁଳନାରେ ୨୦୧୫-୧୬ ବର୍ଷରେ କୋଇଲା ଉତ୍ପାଦନରେ ୧୩.୬୧ ପ୍ରତିଶତ ଅଭିବୃଦ୍ଧି ଘଟିଛି । ସେହିପରି ଏହି ସମୟ ମଧ୍ୟରେ ମୋଟ ୧୪୦.୨୨ ନିୟୁତ ଟନ କୋଇଲା ବିଭିନ୍ନ ଉପଭୋକ୍ତା ସଂସ୍ଥାମାନଙ୍କ ପାଖକୁ ପରିବହନ କରାଯାଇଛି ଏବଂ ଏଥିରେ ପୂର୍ବ ବର୍ଷ ଅପେକ୍ଷା ୧୪ ପ୍ରତିଶତ ଅଭିବୃଦ୍ଧି ଘଟିଛି । ଏହାଦ୍ୱାରା ଏମସିଏଲ ଦେଶରେ କୋଇଲା ଉତ୍ପାଦନରେ ଏକ ନମ୍ବର ସଂସ୍ଥା ହୋଇପାରିଛି । ୦୫.୦୪.୨୦୧୬ ରେ ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏମସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅନୀଲ କୁମାର ଝା ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ, କୋଇଲା ଉତ୍ପାଦନରେ ସର୍ବକାଳୀନ ରେକର୍ଡ ହେବା ସହ ଦେଶର ଅଧିକାଂଶ ତାପଜ ବିଦ୍ୟୁତ କେନ୍ଦ୍ରକୁ ଚାହିଦା ମୁତାବକ ଥର୍ମାଲ କୋଇଲା ଯୋଗାଇ ଦିଆଯାଇଛି । ଏବେ ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକ ନିକଟରେ ୨୮ ଦିନର କୋଇଲା ଗଚ୍ଛିତ ରହିଛି । କୌଣସି ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର କୋଇଲା ଅଭାବ ଜନିତ ପରିସ୍ଥିତିର ଆଉ ସମ୍ମୁଖିନ ହେଉନାହାନ୍ତି କି କୋଇଲା ଅଭାବରୁ ଉତ୍ପାଦନ ବାଧାପ୍ରାପ୍ତ ହେଉନାହିଁ । ୨୦୨୨ ସୁଦ୍ଧା ଏମସିଏଲ ସଂସ୍ଥା ମୋଟ ୨୫୦ ନିୟୁତ ଟନ କୋଇଲା ଉତ୍ପାଦନର ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ଝା କହିଥିଲେ । ଅନୁଗୁଳ, ସୁନ୍ଦରଗଡ ଏବଂ ଝାରସୁଗୁଡାରେ ଅଧିକ କୋଇଲା ସମ୍ପଦ ଗଚ୍ଛିତ ଥିବାରୁ ଏହି ସବୁ ଜିଲ୍ଲାଗୁଡିକରେ ଉତ୍ପାଦନକୁ ଆହୁରି ତ୍ୱରାନ୍ୱିତ କରାଯିବ ।ସେ କହିଥିଲେ ଯେ, ସୁନ୍ଦରଗଡ ଜିଲ୍ଲାରେ ଏମସିଏଲ ନିଜସ୍ୱ ଉଦ୍ୟମରେ ୨ x ୮୦୦ ମେଗାୱାଟର ଏକ ଅତ୍ୟାଧୁନିକ ତାପଜ ବିଦ୍ୟୁତ କେନ୍ଦ୍ରେ ନିର୍ମାଣର ଯୋଜନା କରିଛି । ଶ୍ରୀ ଝା କହିଥିଲେ ଯେ, କୋଇଲା ଉତ୍ପାଦନ ଜନିତ ଲାଭାଂଶରୁ ଏମସିଏଲ ରାଜ୍ୟ ସରକାରଙ୍କୁ ୨୦୧୪-୧୫ ଆର୍ଥିକ ବର୍ଷରେ ୨୦୦୩.୮୨ କୋଟି ଟଙ୍କା ପ୍ରଦାନ କରିଥିଲା ବେଳେ କେନ୍ଦ୍ର ସରକାରଙ୍କୁ ୪୫୨୫.୬୯ କୋଟି ଟଙ୍କା ମିଳିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ । ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧିନରେ ଏମସିଏଲ ୨୦୧୫-୧୬ ଆର୍ଥିକ ବର୍ଷରେ ୨୯୦.୬୫ କୋଟି ଟଙ୍କା ଖର୍ଚ୍ଚ କରିଛି । ସେଥିମଧ୍ୟରେ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ମାଧ୍ୟମରେ ପାଖାପାଖି ୧୧,୦୦୦ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କରାଯାଇଛି । ଏଥିଲାଗି ୧୭୬.୪୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ତାଳଚେର ମେଡିକେଲ କଲେଜ ହସ୍ପିଟାଲ ପ୍ରକଳ୍ପ ସମ୍ପର୍କରେ ସମ୍ୟକ ସୂଚନା ଦେଇ ଶ୍ରୀ ଝା କହିଲେ ଯେ, ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପୁରା ଦମ୍‌ରେ ଚାଲିଛି । ଅଢ଼େଇ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରୁ ପ୍ରସ୍ତାବିତ ମେଡିକେଲ କଲେଜରେ ପାଠପଢ଼ା / ନାମଲେଖା ଆରମ୍ଭ ହେବାର ଆଶା କରାଯାଉଛି । ବର୍ତମାନର ୧୧୫-ଶଯ୍ୟା ବିଶିଷ୍ଟ ନେହେରୁ ଶତାବ୍ଦୀ ହସପିଟାଲକୁ ୫୦୦ ଶଯ୍ୟା ବିଶିଷ୍ଟ କରାଯାଇ ନୂତନ ମେଡିକେଲ କଲେଜରେ ପରିଣତ କରାଯିବ ଏବଂ ଏଥିଲାଗି ୪୯୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ୧୦୦ ଏମବିବିଏସ ସିଟ୍ ବିଶିଷ୍ଟ ପ୍ରସ୍ତାବିତ ମେଡିକେଲ କଲେଜରେ ୩୦୦ ଶଯ୍ୟା ବିଶିଷ୍ଟ Boys ହୋଷ୍ଟେଲ ଏବଂ ୨୦୦ ଶଯ୍ୟା ବିଶିଷ୍ଟ Girls ହୋଷ୍ଟେଲ ନିର୍ମାଣ କରାଯିବ । ଶ୍ରୀ ଝା କହିଥିଲେ ଯେ, ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧିନରେ ଏମସିଏଲ ବର୍ଷକୁ ତାର ଲାଭାଂଶର ୨ ପ୍ରତିଶତ ହିସାବରେ ଗତ ୫ ବର୍ଷ ମଧ୍ୟରେ ୩୭୩ କୋଟି ଟଙ୍କା ଖର୍ଚ୍ଚ କରିଛି ।

•

# ଆପଣ ଜାଣନ୍ତି କି ?

**ଇଞ୍ଚିଅନ୍** ରଣନୀତି ହେଉଛି ଏସୀୟ ଓ ପ୍ରଶାନ୍ତ ମହାସାଗରୀୟ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଏଭଳି ଏକ କାର୍ଯ୍ୟ ଯୋଜନା,ଯଦ୍ୱାରା ଭିନ୍ନକ୍ଷମଙ୍କ ପାଇଁ ଦଶବର୍ଷ ସକାଶେ ଏକ ପ୍ରତିବନ୍ଧକ ଶୂନ୍ୟ ସମାଜ ଗଠନ କରିବା । ପ୍ରଥମ ଥର ପାଇଁ ଆଞ୍ଚଳିକ ସହମତି ଭିତ୍ତିରେ ଏଥି ସକାଶେ ଭିନ୍ନକ୍ଷମତା ସମ୍ମିଳିତ ବିକାଶ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୦୧୨ ମସିହା ଅକ୍ଟୋବର ୨୯ ତାରିଖରୁ ନଭେମ୍ବର ୨ ତାରିଖ ଭିତରେ କୋରିଆ ଗଣରାଜ୍ୟର ଇଞ୍ଚିଅନ ଠାରେ ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ଆୟୋଗର ସଦସ୍ୟ ରାଷ୍ଟ୍ର ଗୁଡ଼ିକ ଏହି ରଣନୀତି ନିର୍ଦ୍ଧାରିତ କରିଥିଲେ ।

ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ରହୁଥିବା ୬୫୦ ନିୟୁତ ଭିନ୍ନକ୍ଷମଙ୍କ ଜୀବନର ମାନରେ ଉନ୍ନତି ଏବଂ ସେମାନଙ୍କ ଅଧିକାର ଓ ସୁରକ୍ଷା ସମ୍ବନ୍ଧୀୟ ପ୍ରଗତି ଆକଳନ ପାଇଁ ଏହି ରଣନୀତି ଉଦ୍ଦିଷ୍ଟ । ୨୦୧୩ ମସିହାରୁ ୨୦୨୨ ମସିହା ମଧରେ କାର୍ଯ୍ୟକ୍ଷମ ଏହି ରଣନୀତି ଅଧିନରେ ୧୦ଟି ଲକ୍ଷ ରହିଛି । ଏହା ଅଧିନରେ କାର୍ଯ୍ୟକାରୀ କରିବା ପାଇଁ ୨୭ଟି ବିନ୍ଦୁ ଥିବା ବେଳେ ପ୍ରଗତି ଆକଳନ ପାଇଁ ୬୨ଟି ସୂଚକ ରହିଛି । ଏହି ରଣନୀତି ଅଧିନରେ ଭିନ୍ନକ୍ଷମଙ୍କ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ସଦସ୍ୟ ରାଷ୍ଟ୍ର ଗୁଡ଼ିକୁ କୁହାଯାଇଛି । ଯଦ୍ୱାରା ସେମାନଙ୍କ ପାଇଁ ଅଧିକ କ'ଣ କରାଯାଇପାରିବ ସେ ସଂପର୍କରେ ନିଷ୍ପତ୍ତି ନିଆଯାଇପାରିବ ।

ଏହି ରଣନୀତିର କେତେକ ପ୍ରମୁଖ ଆଧାର ହେଉଛି :- ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ସମ୍ମାନ ପ୍ରଦାନ କରିବା , ସେମାନଙ୍କୁ ନିଜ ପାଇଁ ସ୍ୱାଧିନ ଭାବରେ ନିଷ୍ପତ୍ତି ନେବା ପାଇଁ ସମର୍ଥ କରିବା, ସେମାନେ ଭେଦଭାବର ଶୀକାର ହେବା ଅନୁଚିତ ଏବଂ ଅନ୍ୟମାନଙ୍କ ଭଳି ସେମାନେ ମଧ ସମାଜରେ ଅଂଶ ଗ୍ରହଣ କରିପାରୁଥିବା ଉଚିତ । ଏଥିରେ ଥିବା ୧୦ଟି ଲକ୍ଷ ନିମ୍ନରେ ପ୍ରଦତ୍ତ ହେଲା:-

୧. ଦାରିଦ୍ର ଦୂରୀକରଣ ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ।
୨. ରାଜନୈତିକ ପ୍ରକ୍ରିୟା ଓ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଭିନ୍ନକ୍ଷମଙ୍କ ଅଂଶଗ୍ରହଣ ।
୩. ଭୌତିକ ପରିବେଶ, ଯୋଗାଯୋଗ ଓ ପରିବହନ ବ୍ୟବସ୍ଥା , ସୂଚନା ଓ ଜ୍ଞାନ ପ୍ରତି ଭିନ୍ନକ୍ଷମଙ୍କ ସୁଗମତା ସୁନିଶ୍ଚିତ କରିବା ।
୪. ସାମାଜିକ ସୁରକ୍ଷାର ସୁଦୃଢୀକରଣ ।
୫. ଭିନ୍ନକ୍ଷମତାର ସଅଳ ଚିହ୍ନଟୀକରଣ ଏବଂ ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ।
୬. ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ସମାନତା ।
୭. ବିପର୍ଯ୍ୟୟ ପ୍ରଶମନରେ ଭିନ୍ନକ୍ଷମ ମାନଙ୍କ ପାଇଁ ବ୍ୟବସ୍ଥା ରଖିବା ।
୮. ଭିନ୍ନକ୍ଷମ ସଂପର୍କୀତ ତଥ୍ୟ ଗୁଡ଼ିକର ନିର୍ଭରଯୋଗ୍ୟତା ।
୯. ଭିନ୍ନକ୍ଷମ ସଂପର୍କୀତ କନଭେନସନର ଅନୁମୋଦନ ଓ ଏଥିପାଇଁ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଆଇନ ପ୍ରଣୟନ ।
୧୦. ଏ ବାବଦରେ ଆଞ୍ଚଳିକ ଓ କ୍ଷେତ୍ରୀୟ ସହଯୋଗ ବୃଦ୍ଧି ।

•

# ଜମ୍ମୁ-କାଶ୍ମୀର ଖବର

ଜମ୍ମୁ-କାଶ୍ମୀର ପାଇଁ ସ୍ୱତନ୍ତ୍ର ଉଦ୍ୟୋଗ ପ୍ରୟାସ, " ଉଡାନ", ଯୋଜନାକୁ ୨୦୧୯-୨୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ । ୨୦୧୫-୧୬ ମସିହାରେ ଆରମ୍ଭ ହୋଇଥିବା ଏହି ଉଡାନ୍ ଯୋଜନାର ଉଦ୍ଦେଶ୍ୟ ହେଉଛି ଦେଶର ଅନ୍ୟ ଅଞ୍ଚଳର ଯୁବବର୍ଗଙ୍କ ମୁଖ୍ୟ ସ୍ରୋତରେ ଜମ୍ମୁ ଓ କାଶ୍ମୀରର ଯୁବପିଢ଼ୀକୁ ସାମିଲ କରିବା । ଏହି ଯୋଜନା ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ଓ କୌଶଳ ବିକାଶ କରାଯାଉଥିବା ବେଳେ, ଉଗ୍ରବାଦ ପ୍ରତି ଯୁବପିଢ଼ୀଙ୍କ ମନରେ ବିମୁଖତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି ।

ଏହି ଅଞ୍ଚଳର କୌଶଳଯୁକ୍ତ ଯୁବପିଢ଼ୀ ଓ ଦେଶର ପ୍ରମୁଖ ଉଦ୍ୟୋଗ ଜଗତ ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ହେଉଛି ଏହି ଯୋଜନା ଅନ୍ତର୍ଗତ କାର୍ଯ୍ୟପ୍ରଣାଳୀ । ଏପର୍ଯ୍ୟନ୍ତ, ୬୭ଟି ଉଦ୍ୟୋଗ, ଜାତୀୟ କୌଶଳ ବିକାଶ ନିଗମ ସହିତ ମିଶି ବ୍ୟାଙ୍କିଂ, ଆତିଥ୍ୟ, ଭିତ୍ତିଭୂମି ଆଦି କ୍ଷେତ୍ରରେ ଜମ୍ମୁ ଓ କାଶ୍ମୀର ଯୁବପିଢ଼ୀଙ୍କୁ କୌଶଳଯୁକ୍ତ କରିବାପାଇଁ ଅଙ୍ଗୀକାରବଦ୍ଧ ହୋଇଛନ୍ତି । ଏଥିପାଇଁ ୧୯୦୦୦ରୁ ଊର୍ଦ୍ଧ୍ୱ ଯୁବକ/ଯୁବତୀଙ୍କୁ ବଛାଯାଇଛି । ଏମାନଙ୍କ ମଧ୍ୟରୁ ୮୭୦୦ଜଣ ପ୍ରଶିକ୍ଷଣ ପ୍ରାପ୍ତ କରିସାରିଥିବାବେଳେ, ୬୮୩୮ ଜଣଙ୍କୁ ନିଯକ୍ତି ମିଳିସାରିଛି । ୨୦୧୯-୨୦ ସୁଦ୍ଧା ୪୦ ହଜାର ସ୍ନାତକ, ସ୍ନାତକୋତ୍ତର ଡିଗ୍ରୀଧାରୀ ଏବଂ ତିନିବର୍ଷିୟା ଇଞ୍ଜିନିୟରିଂ ଡିପ୍ଲୋମାଧାରୀଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏଥିପାଇଁ, ଏପର୍ଯ୍ୟନ୍ତ ୬୭ଟି ବୃହତ୍ତ ଚୟନ ମେଳାର ଆୟୋଜନ କରାଯାଇସାରିଛି ।






Unfiled Notes Page 54

# ବିକାଶର ରୋଡ଼ ମ୍ୟାପ୍

**ଷ୍ଟାର୍ଟ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ:-** ମହିଳା ଓ ଅନୁସୂଚିତ ଜାତି/ଜନଜାତି ବର୍ଗଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ସକାଶେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗତ ଏପ୍ରିଲ ୫ ତାରିଖରେ ଷ୍ଟାର୍ଟ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଉଦ୍ୟୋଗ ସ୍ଥାପନ ପାଇଁ ଏହି ଯୋଜନା ଅଧୀନରେ ୧୦ଲକ୍ଷ ଟଙ୍କାରୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ଏହି ଅବସରରେ ୫୦୦୦ ଇ-ରିକ୍ସା ମଧ୍ୟ ବଣ୍ଟନ କରାଗଲା ।

**ବିଶ୍ୱ କୌଶଳ ବିକାଶ ମାନଦଣ୍ଡ :-** ଭାରତୀୟ କୌଶଳ ମାନଦଣ୍ଡକୁ ବିଶ୍ୱସ୍ତରୀୟ କରିବା ସକାଶେ, ନିକଟ ଅତୀତରେ ଦରିଆପାର କୌଶଳ ମାନଦଣ୍ଡ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ମାନଦଣ୍ଡ, ଇଂଲଣ୍ଡର ମାନଦଣ୍ଡ ସହିତ ସମତୁଲ୍ୟ ହେବା ସହିତ ୧୫ଟି ଭାରତୀୟ କ୍ଷେତ୍ର କୌଶଳ ପରିଷଦ ଅନ୍ତର୍ଗତ ୮୨ ପ୍ରକାର ନିଯୁକ୍ତି ପାଇଁ ପ୍ରଯୁଜ୍ୟ । ଏହାଦ୍ୱାରା ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଓ କୌଶଳ ଭାରତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଏ । ଇଂଲଣ୍ଡର କୌଶଳ ମାନଦଣ୍ଡକୁ ଗଲ୍ଫ କୋ-ଅପରେସନ କାଉନ୍‌ସିଲର ସଦସ୍ୟ ରାଷ୍ଟ୍ରମାନେ ମଧ୍ୟ ଗ୍ରହଣ କରିଛନ୍ତି । ଏହାଦ୍ୱାରା ଭାରତୀୟ ଶ୍ରମ ବଜାର ଆନ୍ତର୍ଜାତୀୟ କ୍ଷେତ୍ର ପାଇଁ ସୁଯୋଗ ଲାଭ କରିପାରିବ । ଏବଂ ଭାରତରେ ଥିବା ଆନ୍ତର୍ଜାତୀୟ କମ୍ପାନୀ ଗୁଡ଼ିକରେ ଭାରତୀୟ କୌଶଳଯୁକ୍ତ କର୍ମଚାରୀମାନେ କାର୍ଯ୍ୟ କରିବାର ସୁଯୋଗ ପାଇବେ ।

ଭାରତୀୟ ଏବଂ ଇଲଣ୍ଡର କୌଶଳ ମାନଦଣ୍ଡରେ କୌଣସି ବ୍ୟବଧାନ ଥିଲେ, ଅନ୍ୟଦେଶକୁ ଯିବାପାଇଁ ଇଚ୍ଛୁକ ଶ୍ରମଶକ୍ତିକୁ ଏକ ବ୍ରିଜ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ଦିଆଯିବ । ଏଥିପାଇଁ ଇଂଲଣ୍ଡର ଫରଦର୍ ଏଜୁକେଶନ କଲେଜ ଓ ଭାରତୀୟ ପ୍ରଶିକ୍ଷଣ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ । ମୋଟରଯାନ, କୃଷି, ସ୍ୱାସ୍ଥ୍ୟ, କ୍ୟାପିଟାଲ ଗୁଡସ, ବସ୍ତ୍ର, ବୟନଶିଳ୍ପ, ସୌନ୍ଦର୍ଯ୍ୟ ଏବଂ ସୁ-ସ୍ୱାସ୍ଥ୍ୟ, ଆତିଥ୍ୟ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ଖୁଚୁରା ବ୍ୟବସାୟ, ଇଲେକ୍ଟ୍ରୋନିକ୍ସ ଆଦି କ୍ଷେତ୍ରରେ ଭାରତୀୟ କୌଶଳ ପରିଷଦଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି ।

## ଉତ୍ତର-ପୂର୍ବାଞ୍ଚଳ ଖବର

ବାଂଲାଦେଶ ସବ୍‌ମେରିନ୍ କମ୍ପାନୀ ଲିମିଟେଡ୍‌ର ସେବା ହାସଲ କରି, ଦେଶର ଟେଲିଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ପାଇଁ, ଅଗରତାଲାଠାରେ ଭାରତ ସରକାର ଆନ୍ତର୍ଜାତୀକ ଇଣ୍ଟରନେଟ୍ ଗେଟ୍‌ୱେ ସ୍ଥାପନ କରିଛନ୍ତି । ଏ ଦୃଷ୍ଟିରୁ, ମୁମ୍ବାଇ ଓ ଚେନ୍ନାଇ ପରେ, ତ୍ରିପୁରା ହେଉଛି ଦେଶର ତୃତୀୟ ସ୍ଥାନ । ଏହାଦ୍ୱାରା ସବୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଉପକୃତ ହେବେ । ଏତଦ୍‌ବ୍ୟତୀତ, ୫୩୩୬.୧୮ କୋଟି ଟଙ୍କା ବ୍ୟୟରେ ସରକାର ଉତ୍ତର ପୂର୍ବାଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହାଦ୍ୱାରା ଏହି ଅଞ୍ଚଳର ବହୁ ସ୍ଥାନରେ ନିରବଚ୍ଛିନ୍ନ ମୋବାଇଲ ସେବା ସମ୍ଭବ ହୋଇପାରିବ । ୨୦୧୮ ମାର୍ଚ୍ଚ ସୁଦ୍ଧା ଏହି ଯୋଜନାକୁ ପୂର୍ଣ୍ଣ କରିବାକୁ ଲକ୍ଷ ରଖାଯାଇଛି । ନାଗାଲାଣ୍ଡର ଦିମାପୁରଠାରେ ଏକ ବସ୍ତ୍ର ତିଆରି କେନ୍ଦ୍ର ସ୍ଥାପନ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ବସ୍ତ୍ର ତିଆରି କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ୀଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକରିବା । ଏହା ହେଉଛି ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ଏକମାତ୍ର ଏହିଭଳି କେନ୍ଦ୍ର । ବୟନଶିଳ୍ପ କ୍ଷେତ୍ରରେ ଉତ୍ତର ପୂର୍ବାଞ୍ଚଳରେ ଭାରତ ସରକାରଙ୍କ ଦ୍ୱାରା ଏହା ହେଉଛି ଏକ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ । ନିଯୁକ୍ତି ସଯୋଗ ସୃଷ୍ଟି ବ୍ୟତିରେକ, ଏହାଦ୍ୱାରା ବୟନଶିଳ୍ପ କ୍ଷେତ୍ରରେ ରପ୍ତାନୀ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ସୂଚନାଯୋଗ୍ୟ ଯେ, ଗୁଣାତ୍ମକ ସିଲ୍କ କ୍ଷେତ୍ରରେ ନାଗାଲାଣ୍ଡ ଏକ ଅଗ୍ରଣୀ ରାଜ୍ୟ । ଏରି, ମୁଗା ଓ ମଲ୍‌ବେରୀ ସିଲ୍କ୍ ଚାଷ ଓ ଉତ୍ପାଦନ ପାଇଁ ଗତ ଦୁଇବର୍ଷ ମଧ୍ୟରେ ନାଗାଲାଣ୍ଡ ପାଇଁ କେନ୍ଦ୍ର ସରକାର ୩ଟି ରେଶମ ଚାଷ ପ୍ରକଳ୍ପ ଅନୁମୋଦନ କରିଛନ୍ତି ।

YOJANA (Odia) : Monthly May 2016 RNI No. 57203/93
ISSN 0971-8346 Total Number of Pages (56) ₹ 22.00


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi**


Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -I, New Delhi -110020
Editor : Dr Girish Chandra Dash